# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-82 ◆MONDAY ◆15 SEPTEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୮୨ ◆ସୋମବାର ◆୧୫ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ୱାର୍ଲ୍ଡ ବକ୍ସିଂ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ଜିଣିଲେ **ଜୟସ୍ମିନ-ମୀନାକ୍ଷୀ**

▶କ୍ରୀଡ଼ା ପୃଷ୍ଠାରେ...




ସକାଳ THE SAKALA



www.sakalaepaper.com

## ଶାରଦୀୟ ଆରାଧନା

# ଶକ୍ତିପୀଠରେ ମା'ଙ୍କ ଷୋଡ଼ଶ ଉପଚାର ଆରମ୍ଭ


ଯାଜପୁରରେ ମା' ବିରଜା


କଟକରେ ମା' କଟକ ଚଣ୍ଡୀ


କାକଟପୁରରେ ମା' ମଙ୍ଗଳା


ଝଙ୍କଡ଼ରେ ମା' ଶାରଳା


ସମ୍ବଲପୁରରେ ମା' ସମଲେଶ୍ୱରୀ

## ବାଇକ୍‌କୁ ଧକ୍କା ଦେଲା ଟ୍ରେଲର

# ସ୍ତ୍ରୀ ଆଗରେ ଚାଲିଗଲେ ସ୍ୱାମୀ

### ଉତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ



ସାରସକଣା,୧୪।୯ (ସମିସ): ସ୍ତ୍ରୀ ଆଖି ଆଗରେ ଚାଲିଗଲା ସ୍ୱାମୀଙ୍କ ଜୀବନ। ସାରସକଣା ବ୍ଲକ୍ ଝାରପୋଖରିଆ ଥାନା ଅଧୀନ ୧୮ ଓ ୪୯ ନଂ. ଜାତୀୟ ରାଜପଥର ମିଳନସ୍ଥଳ ବମ୍ବେ ଛକ ଓଭରବ୍ରିଜ୍ ତଳ ସର୍ଭିସ୍ ରୋଡ୍‌ରେ ଆଜି ଏହି ଅଘଟଣ ଘଟିଛି। ମୃତକ ହେଲେ, ଚାନ୍ଦୁଆ ଥାନା ଅନ୍ତର୍ଗତ ରଜାବସା ଗ୍ରାମର ସୁରେଶ ବିନ୍ଧାଣି (୩୫)।

ସୂଚନାନୁସାରେ, ସୁରେଶଙ୍କ ଶ୍ୱଶୁରଘର ଝାରଖଣ୍ଡ ରାଜ୍ୟ ଘୋଡ଼ାବାନ୍ଧା ଥାନା ମାଙ୍କଡି ଗ୍ରାମରେ। ଆଜି ସେ ଶ୍ୱଶୁରଘରୁ ସ୍ତ୍ରୀଙ୍କୁ ନେଇ ବାଇକ୍‌ରେ ଫେରୁଥିବା ବେଳେ ବମ୍ବେ ଛକ ଓଭରବ୍ରିଜ୍ ନିକଟରେ ଏକ ଲୁହାବୋଝେଇ ଟ୍ରେଲର୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସୁରେଶଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ।

ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଦୀର୍ଘ ଦିନ ଧରି ଅସମ୍ପୂର୍ଣ୍ଣ ଓଭରବ୍ରିଜ୍ ପାଇଁ ବାରମ୍ବାର ଦୁର୍ଘଟଣାରେ ଜୀବନ ଯାଉଥିବା ଅଭିଯୋଗ କରି ଉତ୍ୟକ୍ତ ଝାରପୋଖରିଆ ଅଞ୍ଚଳବାସୀ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ଶହଶହ ଯାନବାହନ ଚଳାଚଳ ଅଟକି ରହିଥିଲା। ଖବର ପାଇ ଝାରପୋଖରିଆ ଥାନା ଅଧିକାରୀ ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାସୁଝା କରିଥିଲେ। ପ୍ରତିଦିନ ଦୁଇଜଣ ହୋମ୍‌ଗାର୍ଡଙ୍କୁ ଓଭରବ୍ରିଜ୍ ତଳେ ଡ୍ୟୁଟି କରିବା, ମୁଖ୍ୟ ରାସ୍ତା ଉପରେ ବାରିକେଡ୍ ଦେବା ଏବଂ ହମ୍ପସ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ସାରସକଣା ଅତିରିକ୍ତ ତହସିଲଦାର ରେଡକ୍ରସ୍ ପକ୍ଷରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଝାରପୋଖରିଆ ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଥିଲା। ଅପରପକ୍ଷେ, ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୁଲିସ୍ ଅଟକ ରଖି ତଦନ୍ତ ଚଳାଇଛି।

## ଦୁର୍ଘଟଣାରେ ୨ ମୃତ

ଯୋଡ଼ା, ୧୪।୯ (ସମିସ): କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ବାରବାଙ୍କ ଘାଟି ଜଙ୍ଗଲ ନିକଟରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, କୋଇଡ଼ା ଥାନା କାଦଡିହି ଗ୍ରାମର ରାମ ମୁଣ୍ଡା(୨୦) ଓ ସାମୁଏଲ ମୁଣ୍ଡା(୧୬)। ଦୁହେଁ ଏକ ଜନ୍ମଦିନ କାର୍ଯ୍ୟକ୍ରମରେ ଯୋଗଦେଇ ବଡ଼ବିଲରୁ ଘରକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ବାରବାଙ୍କ ଘାଟି ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ରୁଗୁଡ଼ି ପୁଲିସ ଶବଦ୍ୱୟକୁ ଜବତ କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏନେଇ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବାପାଙ୍କ ଶବ ନେଇ ଆସୁଥିବା ପୁଅ ଶବ ହୋଇଗଲା

ଠାକୁରମୁଣ୍ଡା, ୧୪।୯ (ସମିସ): କଟକରୁ ବାପାଙ୍କ ମୃତଦେହ ଆମ୍ବୁଲାନ୍ସରେ ନେଇ ଫେରୁଥିବା ବେଳେ ବାଟରେ ଦୁର୍ଘଟଣା ନେଇଗଲା ପୁଅର ଜୀବନ। ମୃତ ଯୁବକ ହେଲେ, ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ୍ ମିଟୁଆଣି ଗ୍ରାମର ଶୁଭ ପ୍ରକାଶ ନାୟକ। ଦିନକରେ ବାପା-ପୁଅଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ସୂଚନାନୁଯାୟୀ, ଶୁଭଙ୍କ ବାପା ଗୋପବନ୍ଧୁ ନାୟକ (୬୫)ଙ୍କ ଉଚ୍ଚ ରକ୍ତଚାପ ଥିଲା। ଏଥିଯୋଗୁଁ ପ୍ରାୟ ୩ ମାସ ତଳେ ସେ ଘର ସମ୍ମୁଖରେ ପଡ଼ି ଗୁରୁତର ହୋଇଥିଲେ। ଅଧିକ ଚିକିତ୍ସା ପାଇଁ କିଛି ଦିନ ତଳେ ଶୁଭ ତାଙ୍କୁ କଟକର ଏକ ମେଡିକାଲରେ ଭର୍ତ୍ତି କରାଇଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୋପବନ୍ଧୁଙ୍କ ମୃତ୍ୟୁ ହୋଇଯାଇଥିଲା। ଆଜି ଶୁଭ ଏକ ଆମ୍ବୁଲାନ୍ସରେ ବାପାଙ୍କ ମୃତଦେହକୁ ଠାକୁରମୁଣ୍ଡା ଆଣୁଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟାରେ ପାଣିକୋଇଲି-ଯାଜପୁର ରୋଡ୍ ମଧ୍ୟରେ ଥିବା ମାଧପୁର ନିକଟରେ ଆମ୍ବୁଲାନ୍ସ ଅଟକିଥିଲା। ଶୁଭ ଆମ୍ବୁଲାନ୍ସରୁ ଓହ୍ଲାଇ ଏକ ଦୋକାନକୁ ପାଣି ଆଣିବାକୁ ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ପିକଅପ୍ ଭ୍ୟାନ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଶୁଭଙ୍କୁ ପ୍ରଥମେ ଯାଜପୁର ରୋଡ୍ ଓ ପରେ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା। ହେଲେ ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।



## ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ମାନବାଧିକାର ଆୟୋଗଙ୍କ ନିର୍ଦ୍ଦେଶ

# 'ବେଆଇନ ଶିକ୍ଷାନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ'

ଭୁବନେଶ୍ୱର, ୧୪।୯ (ସମିସ): ବିନା ଅନୁମତିରେ ରାଜ୍ୟ ସାରା ମାଳମାଳ ପ୍ରି-ସ୍କୁଲ୍ ଖୋଲିଛି। ମୌଳିକ ସୁବିଧା ନଥିବା ସତ୍ତ୍ୱେ କୋମଳମତି ଶିଶୁଙ୍କୁ ଶିକ୍ଷାଦାନ ଦିଆଯାଉଛି। କିନ୍ତୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏନେଇ ନଜର ନାହିଁ। ଏପରି ଅଣ-ସ୍ୱୀକୃତିପ୍ରାପ୍ତ ଏବଂ ବେଆଇନ ଶିକ୍ଷାନୁଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ମାନବାଧିକାର ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ନ୍ୟାସନାଲ୍ ପ୍ୟାରେଣ୍ଟ ଫେଡେରେସନ୍ ସଭାପତି ଭୂମୋହନ ବେବର୍ତ୍ତା ପଟ୍ଟନାୟକ ଦାୟର କରିଥିବା ମାମଲାର ଶୁଣାଣି କରି ଆୟୋଗ ଏହି ନିର୍ଦ୍ଦେଶ ଦେବା ସହ ସେପ୍ଟେମ୍ବର ୧୫ ତାରିଖ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗକାରୀ ଶ୍ରୀ ପଟ୍ଟନାୟକ ଦର୍ଶାଇଛନ୍ତି ଯେ ଓଡ଼ିଶା ଶିକ୍ଷା ଆଇନ ଏବଂ ଶିକ୍ଷା ଅଧିକାର ଆଇନକୁ ଉଲ୍ଲଂଘନ କରି ରାଜ୍ୟରେ ପ୍ରାୟ ୧୫ଶହ ବେସରକାରୀ ବିଦ୍ୟାଳୟ ଚାଲୁଛି। ଛାତ୍ରଛାତ୍ରୀଙ୍କ ନିରାପତ୍ତା, ସୁରକ୍ଷା ଏବଂ ଭବିଷ୍ୟତକୁ ବିପଦ ଭିତରକୁ ଠେଲି ଦେଇଛନ୍ତି। ଏପରି କରୁଥିବା ବିଦ୍ୟାଳୟଠାରୁ ଜରିମାନା ଆଦାୟ କରିବା ପାଇଁ ବ୍ୟବସ୍ଥା ରହିଥିଲେ ମଧ୍ୟ କାର୍ଯ୍ୟକାରୀ କରାଯାଉନାହିଁ। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ୨୦୧୮ ରୁ କ୍ରମାଗତ ଭାବେ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ତାଗିଦ୍ କରୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏ ସମ୍ପର୍କରେ ନ୍ୟାସନାଲ୍ ପ୍ୟାରେଣ୍ଟ ଫେଡେରେସନ୍ ପକ୍ଷରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଓ ବିଭାଗୀୟ ସଚିବଙ୍କୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବାରୁ ଶ୍ରୀ ପଟ୍ଟନାୟକ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ।

ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ସୁରକ୍ଷାକୁ ସରକାର ପ୍ରାଥମିକତା ଦେବାକୁ ଫେଡେରେସନ୍ ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଉପଦେଷ୍ଟା ନାଗାର୍ଜୁନ ସେଠୀ, ଉପସଭାପତି ସ୍ୱପ୍ନେନ୍ଦୁ ସାମନ୍ତରାୟ, ନିର୍ମଳ ରାଉତ, ସଂପାଦକ ରମେଶ ଭାରତୀ ଏବଂ ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଇଏସ୍ଆଇକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

# କମ୍ପାନୀ ପରିସର ପାଖରେ ସ୍ୱାସ୍ଥ୍ୟ ସୁବିଧା ଯୋଗାଅ

କଟକ, ୧୪।୯(ସମିସ): ଏକ ନିର୍ମାଣ କମ୍ପାନୀ କର୍ମଚାରୀମାନଙ୍କ ପାଇଁ ସେହି ପ୍ରତିଷ୍ଠାନ ନିକଟବର୍ତ୍ତୀ ଅଞ୍ଚଳରେ ଇଏସ୍ଆଇ ହସପିଟାଲ କିମ୍ବା ଡିସପେନସାରୀ ସୁବିଧା ନ ଥିବା ପ୍ରସଙ୍ଗରେ ରୁଜୁ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ସମ୍ପୃକ୍ତ ପ୍ରତିଷ୍ଠାନ ନିକଟବର୍ତ୍ତୀ ଅଞ୍ଚଳରେ କର୍ମଚାରୀଙ୍କୁ ଚିକିତ୍ସା ସୁବିଧା ପ୍ରଦାନ ପାଇଁ ରାଜ୍ୟ କର୍ମଚାରୀ ବୀମା ନିଗମ (ଇଏସ୍ଆଇ)କୁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅଜୟ କୁମାର ଭ୍ରମରବର ରାୟଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ସଂଜୟ କୁମାର ମିଶ୍ର ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବିଭିନ୍ନ ସମୟରେ ଇଏସ୍ଆଇ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁସାରେ ଏପରି କାର୍ଯ୍ୟ ୬ ମାସ ମଧ୍ୟରେ କରିବାକୁ ଅଦାଲତ କହିଛନ୍ତି। ଅନ୍ୟପଟରେ ଇଏସ୍ଆଇ ଆଇନର ଧାରା ୮୫-ବି ଅନ୍ତର୍ଗତ ୨୦ ଡିସେମ୍ବର, ୨୦୨୧ ତାରିଖରେ ଆବେଦନକାରୀଙ୍କ ଦାବିକୁ ଖାରଜ କରି ଇଏସ୍ଆଇର ଉପ-ନିର୍ଦ୍ଦେଶକ ପ୍ରଦାନ କରିଥିବା ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ଼ ଗୁମାଡେରାରେ ଅବସ୍ଥିତ ମେସର୍ସ ଅଜୟ କନଷ୍ଟ୍ରକ୍ସନର ମାଲିକ। ଇଏସ୍ଆଇ ଆଇନ ଅନୁସାରେ ଗତ ୨୦୧୭ରେ ତାଙ୍କର ପ୍ରତିଷ୍ଠାନ ପଞ୍ଜୀକୃତ କରାଯାଇଥିଲା। ଇଏସ୍ଆଇ ବାବଦରେ କର୍ମଚାରୀଙ୍କ ତରଫରୁ କମ୍ପାନୀ ଅର୍ଥ ଜମା କରିଆସୁଥିଲେ ମଧ୍ୟ ନିକଟବର୍ତ୍ତୀ ଅଞ୍ଚଳରେ କୌଣସି ଚିକିତ୍ସା ସୁବିଧା ଉପଲବ୍ଧ ନଥିଲା। ୨୨ କି.ମି ଦୂରରେ ଇଏସ୍ଆଇ ହସପିଟାଲ ରହିଥିଲା। କର୍ମଚାରୀଙ୍କ ବିରୋଧ ତଥା ଚିକିତ୍ସା ସୁବିଧା ନଥିବାରୁ କମ୍ପାନୀ ଇଏସଆଇ ଅର୍ଥ ଜମା କରୁନଥିଲା। ପରବର୍ତ୍ତୀ ସମୟରେ କାରଣଦର୍ଶାଅ ନୋଟିସ ପାଇ କମ୍ପାନୀ ସମସ୍ତ ଟଙ୍କା ଜମା କରିଥିଲେ ସୁଦ୍ଧା କମ୍ପାନୀ ଉପରେ ୩ ଲକ୍ଷ ୮୩ ହଜାର ୯୯୯ ଟଙ୍କା କ୍ଷତିପୂରଣ ଭରଣା ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା। ବେଲପାହାଡ଼ କିମ୍ବା ଆଖପାଖରେ ଚିକିତ୍ସା ଭିତ୍ତିଭୂମି ଯୋଗାଇବା ପାଇଁ କମ୍ପାନୀ ପକ୍ଷରୁ ଦାବି କରାଯାଇ ଆସିଥିଲେ ସୁଦ୍ଧା ଏହାକୁ ଖାରଜ କରି ଦିଆଯାଇଥିଲା। ଏହା ବିରୋଧରେ କମ୍ପାନୀ ମାଲିକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ହୋମ୍‌ଗାର୍ଡ ଇଣ୍ଟରଭ୍ୟୁ ବେଳେ ଅଘଟଣ

# ଦୌଡ଼ିବା ବେଳେ ଟଳିପଡ଼ିଲେ ଆଶାୟୀ



ଛତ୍ରପୁର, ୧୩।୮ (ସମିସ): ହୋମ୍‌ଗାର୍ଡ ଇଣ୍ଟରଭ୍ୟୁ ବେଳେ ଅଘଟଣ। ଦୌଡ଼ ପରୀକ୍ଷା ବେଳେ ଅଧାରେ ଟଳି ପଡ଼ିଲେ ଆଶାୟୀ। ଗଞ୍ଜାମ ପୁଲିସ ଜିଲ୍ଲା ଅଧୀନ ଛତ୍ରପୁରଠାରେ ଆଜି ଏପରି ଏକ ଅଘଟଣ ଘଟିଛି। ମୃତକ ହେଲେ, ତାରସିଂ ଥାନା ତୁଳସୀପଲ୍ଲୀ ଅଞ୍ଚଳର ଶିବରାମ ପ୍ରଧାନ। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ଆଜି ଗଂଜାମ ପୁଲିସ୍ ଜିଲ୍ଲାରେ ହୋମ୍‌ଗାର୍ଡ ଆଶାୟୀଙ୍କ ଶାରୀରିକ ଦକ୍ଷତା ପରୀକ୍ଷା ଛତ୍ରପୁରଠାରେ ଅନୁଷ୍ଠିତ ହେଉଥିଲା। ଦୌଡ଼ ପରୀକ୍ଷା ବେଳେ ଶିବରାମ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସଙ୍ଗେସଙ୍ଗେ ତାଙ୍କୁ ଛତ୍ରପୁର ମେଡିକାଲ ନିଆଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଦୁଃଖଦ ଘଟଣା ଯୋଗୁ ଅପରାହ୍ଣରେ ପରୀକ୍ଷାକୁ ଅଧାରୁ ବନ୍ଦ କରି ଦିଆଯାଇଥିଲା। ଆଶାୟୀମାନେ ନିଜନିଜ ଘରକୁ ଫେରିଯାଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶ ପରେ ପୁଣି ଇଣ୍ଟରଭ୍ୟୁ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

## ପୁଲିସ୍ ପରୀକ୍ଷା ପାଇଁ ପ୍ରସ୍ତୁତି ବେଳେ ହୃଦ୍‌ଘାତ

# ନେପାଳୀ ଯୁବକ ମୃତ



ଝାରସୁଗୁଡ଼ା, ୧୪।୯ (ସମିସ): ଝାରସୁଗୁଡ଼ା ରିଜର୍ଭ ପୁଲିସ୍ ପଡ଼ିଆରେ ଆଜି ଏକ ଅଘଟଣ ଘଟିଛି। ଆସନ୍ତା ସପ୍ତାହରେ ହେବାକୁ ଥିବା ଓଡ଼ିଶା ସ୍ପେଶାଲ୍ ଆର୍ମଡ୍ ପୁଲିସ୍ (ଓଏସଏପି) ନିଯୁକ୍ତି ପରୀକ୍ଷା ପାଇଁ ଅଭ୍ୟାସ କରୁଥିବା ଜଣେ ନେପାଳୀ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଗୋବିନ୍ଦ କୁମାଲ। ସେ ନେପାଳର ବାଗଲୁଙ୍ଗ ଜିଲ୍ଲା, ବାଡିଗାଡ଼ ପଞ୍ଚାୟତ, ୱାର୍ଡ ୨ର ଦୁର୍ଗା ବହାଦୁର କୁମାଲଙ୍କ ପୁଅ ବୋଲି ଜଣାଯାଇଛି। ସୂଚନାନୁଯାୟୀ, ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ହେବାକୁ ଥିବା ଓଏସଏପି ଦ୍ୱିତୀୟ ବାଟାଲିଅନ୍‌ର ନିଯୁକ୍ତି ପରୀକ୍ଷା ପାଇଁ ଗୋବିନ୍ଦ ଝାରସୁଗୁଡ଼ା ଆସିଥିଲେ। ଆଜି ସେ ପଡ଼ିଆରେ ଶାରୀରିକ ପରୀକ୍ଷା ପାଇଁ ଅଭ୍ୟାସ କରୁଥିବା ବେଳେ ତାଙ୍କୁ ହୃଦ୍‌ଘାତ ହୋଇଥିଲା ଏବଂ ସେ ଟଳି ପଡ଼ିଥିଲେ। ଏହା ଦେଖି ସେଠାରେ ଉପସ୍ଥିତ ଅନ୍ୟମାନେ ତାଙ୍କୁ ନିକଟସ୍ଥ ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବିନିକାରେ ମଦମୃତ୍ୟୁ!

ବିନିକା, ୧୪।୯ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ମହାଦେବପାଲି ଫାଣ୍ଡି ତୁଲୁଣ୍ଡୁପାଲି ଗ୍ରାମର ଜଣେ ବ୍ୟକ୍ତି ବିଷାକ୍ତ ମଦ ପିଇ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ, ଗ୍ରାମର ରଘୁ ଭୋଇ (୪୩)। ରବିବାର ପୁଅଜିଉନ୍ତିଆ ପାଇଁ ରଘୁ ଦୁବଘାସ ତୋଳିବାକୁ ଯାଇଥିଲେ। ହେଲେ ଦୀର୍ଘ ସମୟ ଧରି ସେ ନ ଆସିବାରୁ ତାଙ୍କ ପରିବାରଲୋକେ ତାଙ୍କୁ ପୋଖରୀ ହୁଡାରେ ପଡ଼ିଥିବା ଦେଖିଥିଲେ। ତୁରନ୍ତ ତାଙ୍କୁ ବିନିକା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଷାକ୍ତ ମଦ ପିଇ ତାଙ୍କର ମୃତ୍ୟୁ ଘଟିଛି ବୋଲି ପରିବାରଲୋକେ ଅଭିଯୋଗ କରିଛନ୍ତି। ସୋମବାର ଶବ ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କେଉଁ କାରଣରୁ ମୃତ୍ୟୁ ଘଟିଛି, ତାହା ଜଣାପଡ଼ିବ ବୋଲି ପୁଲିସ ସୂଚନା ଦେଇଛି। ଗ୍ରାମରେ ବେଆଇନ ଭାବରେ ମଦବିକ୍ରି ହେଉଥିବାରୁ ଆଜି ଜଣେ ବ୍ୟକ୍ତିର ଜୀବନ ଯାଇଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

# ଛାତ୍ରୀନିବାସରେ ଝାଡ଼ାବାନ୍ତି; ୨୪ ଆକ୍ରାନ୍ତ

ଜୟପୁର/କୁନ୍ଦୁରା, ୧୪।୯ (ସମିସ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ୍‌ର ଭେଜାହାଣ୍ଡି ୟୁପିଏସ୍ ନୋଡାଲ ବିଦ୍ୟାଳୟ ଛାତ୍ରୀନିବାସରେ ବ୍ୟାପୁଛି ଡାଇରିଆ। ଆଜି ୧୩ ଛାତ୍ରୀଙ୍କୁ ମିଶାଇ ଗତ ୩ ଦିନ ମଧ୍ୟରେ ୨୪ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିବା ଜଣାଯାଇଛି। ଗୁରୁତର ଛାତ୍ରୀମାନଙ୍କୁ ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ କେଉଁ କାରଣରୁ ଡାଇରିଆ ବ୍ୟାପିଛି, ତାହା ସ୍ପଷ୍ଟ ହୋଇନାହିଁ। ସୂଚନାନୁଯାୟୀ, ୧୦୦ ସିଟ୍ ବିଶିଷ୍ଟ ନୋଡାଲ ବିଦ୍ୟାଳୟର ଛାତ୍ରୀନିବାସରେ ଚତୁର୍ଥ ଶ୍ରେଣୀରୁ ୧୦ମ ଶ୍ରେଣୀର

### ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି

ଛାତ୍ରୀମାନେ ରହୁଛନ୍ତି। ୩ ଦିନ ତଳେ ପ୍ରଥମେ ୯ ଜଣ ଛାତ୍ରୀ ଡାଇରିଆରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କୁ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଥିମଧ୍ୟରୁ ୬ଜଣ ସୁସ୍ଥ ହୋଇଥିବା ବେଳେ ଅନ୍ୟ ୩ଜଣଙ୍କୁ ଜୟପୁରସ୍ଥିତ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି, ଗତକାଲି ଆଉ ୪ ଛାତ୍ରୀ ଆକ୍ରାନ୍ତ ହେବାରୁ ସେମାନଙ୍କୁ ହଷ୍ଟେଲରେ ଔଷଧ ଦେଇ ଚିକିତ୍ସା କରାଯାଇଥିଲା। ତେବେ ଆଜି ପୁଣି ୧୩ଜଣ ଆକ୍ରାନ୍ତ ହୋଇଛନ୍ତି।



# ୨୦ରେ ବିଧାନସଭା ଘେରିବେ ଶିକ୍ଷକ

ଭୁବନେଶ୍ୱର,୧୪।୯ (ସମିସ): ଶିକ୍ଷା ଅଧିକାର ଆଇନକୁ ରାଜ୍ୟରେ ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ। ଶିକ୍ଷାଦାନ ପାଇଁ ଆବଶ୍ୟକ ଭିତ୍ତିଭୂମି ନାହିଁ। ଲକ୍ଷାଧିକ ଶିକ୍ଷକ ପଦ ଖାଲି ପଡ଼ିଛି। ଠିକା, ଚୁକ୍ତି ବା ସ୍କିମ୍‌ରେ ଉଚ୍ଚଶିକ୍ଷିତ ଯୁବକଯୁବତୀଙ୍କୁ ନିଯୁକ୍ତ କରି ଶୋଷଣ କରୁଛନ୍ତି। ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦ ପୂରଣ ହେଉନାହିଁ। ଅନୁରୂପ ଭାବେ ଶିକ୍ଷକଙ୍କ ଏକାଧିକ ଦାବିକୁ ମଧ୍ୟ ଦୀର୍ଘ ଦିନ ଧରି ସରକାର ଅଣଦେଖା କରୁଛନ୍ତି। ବାରମ୍ବାର ଆଲୋଚନା କରୁଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ବାହାର କରୁନାହାନ୍ତି। ଏଣୁ, ଆସନ୍ତା ୨୦ ତାରିଖରେ ବିଧାନସଭା ଘେରାଉ କରିବା ପାଇଁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ନିଷ୍ପତ୍ତି ନେଇଛି।

ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି ଯେ ୨୦୧୧ ପରେ ଶିକ୍ଷକତା ପାଇଁ ଓଟିଇଟି ପରୀକ୍ଷା ବାଧ୍ୟତାମୂଳକ କରିବାକୁ ୨୦୧୯ ମସିହାରେ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହାର ପ୍ରାୟ ୧୫ ବର୍ଷ ପରେ, ପୂର୍ବରୁ ନିଯୁକ୍ତ ଶିକ୍ଷକଙ୍କ ପାଇଁ ମଧ୍ୟ ଓଟିଇଟି ବାଧ୍ୟତାମୂଳକ କରିବା ନିନ୍ଦନୀୟ। ଏହାକୁ ଆଳ କରି ୪ବର୍ଷ ହେଲା ପଦୋନ୍ନତି ଦିଆଯାଉନାହିଁ। ସେହିପରି, ୨୨ଟି ରାଜ୍ୟରେ କେନ୍ଦ୍ରୀୟ ଢାଞ୍ଚାରେ ଦରମା ୪୨୦୦ ଗ୍ରେଡ୍ ପେ', ଚାକିରି ସର୍ତ୍ତାବଳୀ, ଗ୍ରାଚ୍ୟୁଇଟି ପ୍ରଦାନ କରାଯାଉଥିବା ବେଳେ ରାଜ୍ୟର



ଶିକ୍ଷକଙ୍କୁ ୨୨୦୦ ଗ୍ରେଡ୍-ପେ' ଦିଆଯାଉଛି।

ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ୍ ଉଚ୍ଛେଦ ପାଇଁ ଘୋଷଣା ହୋଇଥିଲେ ମଧ୍ୟ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଏଣୁ, ତୁରନ୍ତ ସ୍କିମାଟିକ୍ ଉଚ୍ଛେଦ ସହ କେନ୍ଦ୍ରୀୟ ହାରରେ ଦରମା, ୬ ବର୍ଷର ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା, ସ୍ୱାସ୍ଥ୍ୟବୀମା ଓ ପୁରୁଣା ପେନସନ୍ ପରି ପ୍ରମୁଖ ଦାବିକୁ ସରକାର ଗୁରୁଦିବସରେ ପୂରଣ କରିବେ ବୋଲି ସଂଘ ଆଶା ରଖିଥିଲା। ହେଲେ ସରକାର କୌଣସି ପଦକ୍ଷେପ ନେଇ ନଥିବାରୁ ଆସନ୍ତା ୨୦ତାରିଖରେ ବିଧାସଭା ଘେରିବେ ବୋଲି ଶ୍ରମିକ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତିଙ୍କ ସମେତ ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା, ସୁଧାଂଶୁ ମଣ୍ଡଳ, ଟୁଲୁ ଦେଇ, ଚିନ୍ତାମଣି ପାଢୀ, ଅଗାଧୁ ସେଠୀ, କେଶବ ଚନ୍ଦ୍ର ଦଳାଇ, ଗୋପାଳ ସେନ, ମୁକ୍ତିରାମ ପାଣିଗ୍ରାହୀ, ବିପିନ ବିହାରୀ ପାତ୍ର, ବିରୂପାକ୍ଷ ସେଠୀଙ୍କ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



‘ଦୃଶ୍ୟମ୍ ୩’ର ରିଲିଜ୍ ଡେଟ୍ ଫାଇନାଲ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-82 ◆MONDAY ◆15 SEPTEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୮୨ ◆ସୋମବାର ◆୧୫ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦







## ଲକ୍ଷ୍ନୌ ବିମାନବନ୍ଦରରେ ଟଳିଲା ବଡ଼ ଦୁର୍ଘଟଣା

# ଅଳ୍ପକେ ବର୍ତ୍ତିଲେ ଡିମ୍ପଲ ଯାଦବଙ୍କ ସମେତ ୧୫୧ ଯାତ୍ରୀ



**ରନ୍‌ୱେରେ ବ୍ରେକ୍ ଲଗାଇ ରୋକିଲେ ପାଇଲଟ୍**

■ **ଲକ୍ଷ୍ନୌ, ୧୪।୯ (ଏଜେନ୍ସି):** ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌ ବିମାନ ବନ୍ଦରରେ ଏକ ବଡ଼ ଦୁର୍ଘଟଣା ଅଳ୍ପକେ ଟଳିଯାଇଛି। ଶନିବାର ସକାଳ ୧୧.୧୦ରେ ଲକ୍ଷ୍ନୌରୁ ଦିଲ୍ଲୀ ଅଭିମୁଖେ ଉଡ଼ାଣ ଆରମ୍ଭ ବେଳେ ରନ୍‌ୱେରେ ଇଣ୍ଡିଗୋ(୬-ଇ-୨୧୧୧) ବିମାନ ଇଞ୍ଜିନକୁ ଥ୍ରଷ୍ଟ ତଥା ଚାପ ନ ମିଳିବାରୁ ପାଇଲଟ ଉପସ୍ଥିତ ବୁଦ୍ଧି ଖଟାଇ ବିମାନକୁ ଉଡ଼ିବା ପୂର୍ବରୁ ବ୍ରେକ୍ ଲଗାଇ ରୋକି ଦେଇଥିଲେ। ଏଥିଯୋଗୁଁ ୧୫୧ ଯାତ୍ରୀଙ୍କ ଜୀବନ ବଞ୍ଚି ଯାଇଛି। ଏହି ଯାତ୍ରୀଙ୍କ ମଧ୍ୟରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ପତ୍ନୀ ଡିମ୍ପଲ ଯାଦବ ସାମିଲ ଥିଲେ। ସବୁ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାରକୁ ଅଣାଯାଇ ଅନ୍ୟଏକ ବିମାନରେ ଦିଲ୍ଲୀ ପଠାଯାଇଥିଲା। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏହି ଘଟଣାର ରିପୋର୍ଟ ମାଗିଛି। ବୈଷୟିକ ତ୍ରୁଟି ଯୋଗୁଁ ଟେକଅଫ୍ ପୂର୍ବରୁ ରୋକିବାକୁ ପଡ଼ିଲା ବୋଲି ଇଣ୍ଡିଗୋ ତରଫରୁ କୁହାଯାଇଛି।

# ବୀମାରେ ୧୦୦% ଏଫ୍‌ଡିଆଇ

## ଶୀତ ଅଧିବେଶନରେ ଆସିବ ବିଲ୍



■ **ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି):** ଭାରତୀୟ ବଜାରରେ ବଢ଼ିବ ବିଦେଶୀ ବୀମା କମ୍ପାନୀଙ୍କ ଦବ୍‌ଦବା। କାରଣ ଦେଶର ବୀମା କ୍ଷେତ୍ରରେ ଶତ ପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ) ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି। ଏଥିପାଇଁ ସଂସଦର ଆଗାମୀ ଶୀତ ଅଧିବେଶନରେ ଏ ସମ୍ପର୍କରେ ଏକ ବିଲ୍ ଆଗତ ହେବାର ସମ୍ଭାବନା ରହିଛି। ରବିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ବୀମା କ୍ଷେତ୍ରରେ ଏଫ୍‌ଡିଆଇ ସୀମା ଶେଷ ଥର ପାଇଁ ୨୦୨୧ରେ ୪୯%ରୁ ୭୪%କୁ ବୃଦ୍ଧି କରାଯାଇଥିଲା। ସେହିପରି ୨୦୧୫ରେ ମଧ୍ୟ ସରକାର ଏଫ୍‌ଡିଆଇ ସୀମା ୨୬% ରୁ ୪୯% କୁ ବୃଦ୍ଧି କରିଥିଲେ। ଚଳିତବର୍ଷର ବଜେଟ୍ ଭାଷଣରେ, ଅର୍ଥମନ୍ତ୍ରୀ ନୂତନ ପିଢ଼ିର ଆର୍ଥିକ କ୍ଷେତ୍ର ସଂସ୍କାର ଅଧୀନରେ ବୀମା କ୍ଷେତ୍ରରେ ବିଦେଶୀ ନିବେଶ ସୀମାକୁ ବର୍ତ୍ତମାନର ୭୪% ରୁ ୧୦୦%କୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ବର୍ଦ୍ଧିତ ସୀମା ସେହି କମ୍ପାନୀଗୁଡ଼ିକ ପାଇଁ ଉପଲବ୍ଧ ହେବ ଯେଉଁମାନେ ସେମାନଙ୍କର ସମ୍ପୂର୍ଣ୍ଣ ପ୍ରିମିୟମ୍ ଭାରତରେ ନିବେଶ କରନ୍ତି।

ସଂସଦର ଶୀତକାଳୀନ ଅଧିବେଶନ ସାଧାରଣତଃ ନଭେମ୍ବର ଶେଷ ଭାଗରେ ଆରମ୍ଭ ହୁଏ ଏବଂ ଖ୍ରୀଷ୍ଟମାସ ପୂର୍ବରୁ ଶେଷ ହୋଇଥାଏ। ଏ ପର୍ଯ୍ୟନ୍ତ, ଭାରତର ବୀମା କ୍ଷେତ୍ର ଏଫ୍‌ଡିଆଇ ମାଧ୍ୟମରେ ୮୨,୦୦୦ କୋଟି ଟଙ୍କା ଆକର୍ଷିତ କରିଛି। ଅର୍ଥ ମନ୍ତ୍ରଣାଳୟ ବୀମା ଆଇନ ୧୯୩୮ର ବିଭିନ୍ନ ବ୍ୟବସ୍ଥାରେ ସଂଶୋଧନ ପ୍ରସ୍ତାବ ଦେଇଛି, ଯେଉଁଥିରେ ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ନିବେଶକୁ ୧୦୦%କୁ ବୃଦ୍ଧି କରିବା, ଦେୟପ୍ରାପ୍ତ ପୁଞ୍ଜି ହ୍ରାସ କରିବା ଏବଂ ଏକ ମିଶ୍ରିତ ଲାଇସେନ୍ସ ପାଇଁ ବ୍ୟବସ୍ଥା ଅନ୍ତର୍ଭୁକ୍ତ।

ପ୍ରସ୍ତାବିତ ସଂଶୋଧନଗୁଡ଼ିକ ମୁଖ୍ୟତଃ ପଲିସିଧାରକଙ୍କ ସ୍ୱାର୍ଥକୁ ପ୍ରୋତ୍ସାହିତ କରିବା, ସେମାନଙ୍କର ଆର୍ଥିକ ସୁରକ୍ଷା ବୃଦ୍ଧି କରିବା ଏବଂ ବୀମା ବଜାରରେ ଅଧିକ କମ୍ପାନୀଗୁଡ଼ିକର ପ୍ରବେଶକୁ ସହଜ କରିବା ଉପରେ କେନ୍ଦ୍ରିତ। ଏହି ପଦକ୍ଷେପ ଆର୍ଥିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି କରିବ ବୋଲି ସରକାରଙ୍କ ଆଶା। ବର୍ତ୍ତମାନ, ଭାରତରେ ୨୫ଟି ଜୀବନ ବୀମା କମ୍ପାନୀ ଏବଂ ୩୪ଟି ଅଣ-ଜୀବନ କିମ୍ବା ସାଧାରଣ ବୀମା କମ୍ପାନୀ କାର୍ଯ୍ୟରତ।

## ପ୍ରବାସୀ ବିରୋଧୀଙ୍କ ବିଶାଳ ବିକ୍ଷୋଭ

# ବ୍ରିଟେନ ଥରହର

**ଲଣ୍ଡନ, ୧୪।୯ (ଏଜେନ୍ସି):** ବ୍ରିଟେନରେ ଦିନକୁ ଦିନ ପ୍ରବାସୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଥିସହ ଅବୈଧ ଅନୁପ୍ରବେଶ ମଧ୍ୟ ବଢ଼ିଚାଲିଛି। ଏହି ପ୍ରସଙ୍ଗକୁ ନେଇ ଆଜି(ରବିବାର) ଲକ୍ଷଲକ୍ଷ ଲୋକ ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ‘ୟୁନାଇଟ୍ ଦ କିଙ୍ଗଡମ୍’ ନାମରେ ବିକ୍ଷୋଭ ସମୟରେ ସ୍ଥାନୀୟ ଜନସାଧାରଣ ‘ଲଢ଼ ନଚେତ୍ ମର’ ସ୍ଲୋଗାନ ଦେଇ ବିକ୍ଷୋଭକାରୀମାନେ ରାଜପଥ କମ୍ପାଇଛନ୍ତି। ବିରୋଧ କ୍ରମଶଃ ହିଂସାତ୍ମକ ରୂପ ନେବା ପରେ ବିକ୍ଷୋଭକାରୀଙ୍କୁ ରୋକିବାକୁ ଗ୍ରେଟ ବ୍ରିଟେନ୍ ପୁଲିସକୁ ନାକେଦମ୍ ହେବାକୁ ପଡ଼ିଛି। ଆନ୍ଦୋଳନକାରୀମାନେ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମରଙ୍କ ବିରୋଧରେ ସ୍ଲୋଗାନ ଦେଇ ବେଆଇନ ଅନୁପ୍ରବେଶକାରୀଙ୍କୁ ଘରକୁ ପଠାଇବାକୁ ଦାବି କରିଛନ୍ତି।

ସମ୍ପ୍ରତି ବ୍ରିଟେନର ଜନସଂଖ୍ୟାର ମୋଟ ୧୬% ପ୍ରବାସୀ ଅଛନ୍ତି ଓ ଏମାନଙ୍କ ମଧ୍ୟରୁ ଅନେକ ବେଆଇନ ଭାବରେ ପ୍ରବେଶ କରିଥିବା ଅଭିଯୋଗ ହୋଇଛି। କେବଳ ୨୦୨୪ରେ ୪ ଲକ୍ଷରୁ ଅଧିକ ପ୍ରବାସୀ ବ୍ରିଟେନ୍‌ରେ ପ୍ରବେଶ କରିଛନ୍ତି ଓ ଏମାନଙ୍କ ମଧ୍ୟରୁ ୨୮ ହଜାରରୁ ଅଧିକ ପ୍ରବାସୀ ଇଂଲିଶ ଚ୍ୟାନେଲ ଦେଇ ବେଆଇନ ଭାବରେ ବ୍ରିଟେନରେ ପହଞ୍ଚିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଅବୈଧ ପ୍ରବାସୀଙ୍କ ମଧ୍ୟରେ ସର୍ବାଧିକ ମଧ୍ୟପ୍ରାଚ୍ୟ ଓ ଏସିଆ ମହାଦେଶରୁ ଯାଇଥିବା ଏବଂ ଏମାନଙ୍କ ମଧ୍ୟରେ ୪.୧ ନିୟୁତ ଏକ ନିର୍ଦ୍ଦିଷ୍ଟ ଧର୍ମାବଲମ୍ବୀ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏପରିକି ଏହି ଆନ୍ଦୋଳନର ନେତୃତ୍ୱ ନେଉଥିବା ଟମି



- ରାସ୍ତାକୁ ଓହ୍ଲାଇଲେ ଲକ୍ଷଲକ୍ଷ ସ୍ଥାନୀୟ ବାସିନ୍ଦା
- ପ୍ରଧାନମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବାକୁ ଦାବି
- ବ୍ରିଟେନର ମୋଟ ଜନସଂଖ୍ୟାର ୧୬% ପ୍ରବାସୀ
- ଗୋଟିଏ ବର୍ଷରେ ୪ ଲକ୍ଷ ଅବୈଧ ଅନୁପ୍ରବେଶ

ରବିନ୍‌ସନ୍ ଏହି ଧର୍ମାବଲମ୍ବୀର ଲୋକଙ୍କ ବିରୋଧରେ ସ୍ଲୋଗାନ ଦେଇ ସବୁ ଅଶାନ୍ତି ଓ କ୍ରୁର ଆଚରଣ ପଛରେ ସେମାନଙ୍କ ହାତ ଥିବା କହିଥିଲେ। ଲଣ୍ଡନରେ ହୋଇଥିବା ଏହି ରାଲିକୁ ଦେଶର ସବୁଠୁ ବଡ଼ ଦକ୍ଷିଣପନ୍ଥୀ ରାଲି କୁହାଯାଉଛି।

ବେଆଇନ ପ୍ରବାସୀ ପ୍ରସଙ୍ଗରେ ଲକ୍ଷଲକ୍ଷ ସ୍ଥାନୀୟ ଜନସାଧାରଣ ଲଣ୍ଡନ ରାଜରାସ୍ତାକୁ ଓହ୍ଲାଇଥିବାବେଳେ ଏମିରେଟ୍ସ ଷ୍ଟାଡ଼ିୟମରେ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମର ପୁଅ ସହ ଫୁଟବଲ୍ ମ୍ୟାଚ ଦେଖୁଥିଲେ। ବିକ୍ଷୋଭକାରୀମାନେ ୟୁନିଅନ ଜ୍ୟାକ୍ ଏବଂ ଲାଲ-ଧଳା ରଙ୍ଗର ସେଣ୍ଟ ଜର୍ଜ କ୍ରସ୍ ପତାକା ଧରି ସଂସଦ ଅଭିମୁଖେ ଯିବା ସମୟରେ ପୁଲିସ ସେମାନଙ୍କୁ ବାଧା ଦେଇଥିଲା। ଫଳରେ ଉଭୟ ବିକ୍ଷୋଭକାରୀ ଓ ପୁଲିସ ମଧ୍ୟରେ ସଂଘର୍ଷରେ ଶତାଧିକ ଆହତ ହୋଇଛନ୍ତି ଓ ଏହି ଘଟଣାରେ ଅନେକ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଥିଲା।

ଅନ୍ୟପକ୍ଷରେ ଆମେରିକା ରାଜନୀତିରେ ବିଫଳ ହୋଇଥିବା ଶିଳ୍ପପତି ଏଲନ ▶ପୃଷ୍ଠା-୭

## ରାଜସ୍ଥାନରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ

# ଅକ୍ଟୋବରରୁ ଓଡ଼ିଶା ଛାଡ଼ିବ

■ **ଭୁବନେଶ୍ୱର, ୧୪।୯ (ସମିସ):** ଦେଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ଆରମ୍ଭ କରିଛି। ରବିବାର ରାଜସ୍ଥାନର କିଛି ଅଞ୍ଚଳରୁ ମୌସୁମୀ ଅପସରି ଯାଇଛି। ସେପ୍ଟେମ୍ବର



୧୭ ଅର୍ଥାତ ସ୍ୱାଭାବିକ ତାରିଖର ୩ ଦିନ ପୂର୍ବରୁ ମୌସୁମୀ ଅପସାରଣ ଆରମ୍ଭ ହୋଇଛି। ଆଗାମୀ ୨-୩ ଦିନ ମଧ୍ୟରେ ରାଜସ୍ଥାନର ଆଉ କିଛି ଅଞ୍ଚଳ ସହ ପଞ୍ଜାବ ଓ ଗୁଜୁରାଟରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ହେବାକୁ ▶ପୃଷ୍ଠା-୭

## ଗୁମର ଖୋଲିଦେଲେ ବାଲେଶ୍ୱର ସାଂସଦ

# ପୁଲିସ-ତହସିଲ-ଖଣି ବିଭାଗ ଅସାଧୁ ମେଣ୍ଟ



- ରାଜ୍ୟରେ ପଥର-ବାଲି ଚୋରି ଅଣାୟତ୍ତ
- ଆଖି ବୁଜିଦେଇଛନ୍ତି ଏସ୍‌ପି-ଜିଲ୍ଲାପାଳ
- ତୁରନ୍ତ ମାମଲା ରୁଜୁ କରିବାକୁ ପରାମର୍ଶ

■ **ଭୁବନେଶ୍ୱର, ୧୪।୯ (ସମିସ):** ସାରା ରାଜ୍ୟରେ ସୀମା ଟପିଛି ଲଘୁ ଖଣିଜ ସାମଗ୍ରୀ ବାଲି, ପଥରର ଚୋରା ଚାଲାଣ। ପ୍ରତିଦିନ ରାଜ୍ୟର କୋଣ ଅନୁକୋଣରୁ ଏପରି ଅଭିଯୋଗ ଆସୁଛି, ମାତ୍ର ସରକାର ଓ ବିଭାଗୀୟ ମନ୍ତ୍ରୀମାନେ ଏହାକୁ ବାଏଁ ବାଏଁ ଉଡ଼ାଇ ଦେଉଛନ୍ତି। ଗଣମାଧ୍ୟମ ପ୍ରଶ୍ନ କଲେ ରାଜସ୍ୱ ମନ୍ତ୍ରୀ ପ୍ରମାଣ ମାଗୁଛନ୍ତି। ମାତ୍ର ଏହି କଳା ସତ ଓ ସରକାରଙ୍କ ମିଛକୁ ପଦାରେ ପକାଇଛନ୍ତି ଖୋଦ ଶାସକ ଦଳର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ଭୋଗରାଇର ସୁବର୍ଣ୍ଣରେଖା ନଦୀପଠାକୁ ନିଜେ ସାଂସଦ ଅଚାନକ ଗସ୍ତରେ ଯାଇ ବାଲି ଚୋରା ଚାଲାଣ ଆଖିରେ ଦେଖିଛନ୍ତି। ଘଟଣାସ୍ଥଳରୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଫୋନ କରି ଶ୍ରୀ ଷଡ଼ଙ୍ଗୀ ପୁଲିସ-ତହସିଲ- ଖଣି ବିଭାଗ ମିଳିତ ଭାବେ ଟଙ୍କା ଖାଇ ବାଲି ଚୋରିକୁ ପ୍ରଶ୍ରୟ ଦେଉଛନ୍ତି ବୋଲି ସାଂଘାତିକ ଅଭିଯୋଗ ଆଣିଛନ୍ତି। ▶ପୃଷ୍ଠା-୭

# ଛତୁ ଖାଇ ଗୋଟିଏ ପରିବାରର ୯ ଅସୁସ୍ଥ

■ **ବଲାଙ୍ଗିର, ୧୪।୯(ସମିସ):** ବଲାଙ୍ଗିର ଜିଲ୍ଲା ସଦର ବ୍ଲକ୍ ଖୁଜେନପାଲି ଗ୍ରାମର କଳାକାରପଡ଼ାରେ ଛତୁ ଖାଇ ଗୋଟିଏ ପରିବାରର ୯ଜଣ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନେ ହେଲେ, ରଘୁମଣି ତାଣ୍ଡି(୩୫), ବଶିଷ୍ଠ ତାଣ୍ଡି,(୨୩) ଗଣେଶ ସୁନା(୫୫), କୃଷ୍ଣା ତାଣ୍ଡି (୬୦), ଲିଜା ସୁନା (୧୫), ମହରଗି ତାଣ୍ଡି (୪୦), କିୟା ସୁନା(୬୦), ସୁକାନ୍ତି ତାଣ୍ଡି(୩୫), ସୁକାନ୍ତି ଛତ୍ରିଆ (୬୦)। ସମସ୍ତଙ୍କୁ ଭୀମଭୋଇ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶନିବାର ରଘୁମଣି ଫାସଡ଼ରୁ ଖୁଜେନପାଲି ଗ୍ରାମକୁ ଆସୁଥିବାବେଳେ ରାସ୍ତାକଡ଼ରେ ଫୁଟିଥିବା ଛତୁ ତୋଳି ଘରକୁ ନେଇଥିଲେ। ମଧ୍ୟାହ୍ନରେ ଛତୁ ତରକାରି ଖାଇବାର ୨ଘଣ୍ଟା ପରେ ପରିବାରର ଜଣଙ୍କ ପରେ ଜଣେ ଅସୁସ୍ଥ ହୋଇପଡ଼ିଥିଲେ।

# ନିଶାସକ୍ତର ଗୋଇଠା ମାଡ଼ରେ ବୃଦ୍ଧ ମୃତ

■ **ଶଗଡ଼ା, ୧୪।୯ (ସମିସ):** ମଦ ପିଇବାକୁ ମନା କରିବା ଜଣେ ବ୍ୟକ୍ତି ଲାଗି କାଳ ହୋଇଛି। ସମ୍ପୃକ୍ତ ନିଶାସକ୍ତ ବ୍ୟକ୍ତିଙ୍କ ଗୋଇଠାରେ ବୃଦ୍ଧଙ୍କ ଜୀବନ ଯାଇଛି। ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ଥାନା ଉମା ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ଉମା ଗ୍ରାମର ଉମାକାନ୍ତ ଭୋଇ। ଅଭିଯୁକ୍ତ ବଂଶୀଙ୍ଗ ଭୋଇକୁ ପୁଲିସ ଗିରଫ କରିଛି। ବଂଶୀଙ୍ଗ ଅତ୍ୟଧିକ ମଦ ପିଇ ଗାଁ ଦାଣ୍ଡରେ ପାଟିତୁଣ୍ଡ କରିବା ସହ ଅସଭ୍ୟ ଭାଷାରେ ▶ପୃଷ୍ଠା-୭

# ଭଗବାନଙ୍କ ଭରସାରେ ଉପକୂଳ ସୁରକ୍ଷା

## ତଟ ଜଗିବାକୁ ନାହାନ୍ତି ପୁଲିସ ବାବୁ ■ ୩ ଥାନା ଦାୟିତ୍ୱରେ ଜଣେ ଅଧିକାରୀ

■ **ଭୁବନେଶ୍ୱର, ୧୪।୯ (ସମିସ):** ପଡ଼ୋଶୀ ଦେଶମାନଙ୍କରେ ଅରାଜକତା ଏବେ ଦେଶର ଉପକୂଳ ରାଜ୍ୟଗୁଡ଼ିକ ପାଇଁ ସମସ୍ୟା ପାଲଟିଛି। ସମୁଦ୍ର ପଥରେ ଉପକୂଳବର୍ତ୍ତୀ ରାଜ୍ୟରେ ଅନୁପ୍ରବେଶର ଆଶଙ୍କା ବଢ଼ିଛି ଓ କୌଣସି ସମୟରେ ବି ଆତଙ୍କବାଦୀମାନେ ଏହି ରାଜ୍ୟରେ ପ୍ରବେଶ କରି କିଛି ବି ଅଘଟଣ ଘଟାଇ ପାରନ୍ତି ବୋଲି ଆଶଙ୍କା କରାଯାଉଛି। ଏପରି ସମୟରେ ଉପକୂଳ ସୁରକ୍ଷାକୁ ଓଡ଼ିଶା ପୁଲିସ ଗୁରୁତ୍ୱ




**୫୪ଟି ସବ୍‌ଇନ୍ସପେକ୍ଟର ପଦରେ କାର୍ଯ୍ୟ କରୁଛନ୍ତି ୯ଜଣ**

**ଡ୍ରାଇଭର ନ ଥିବାରୁ ଖତ ଖାଉଛି ସାମୁଦ୍ରିକ ଥାନା ଗାଡ଼ି**

ଦେଉଛି ବୋଲି ପୁଲିସ ଅଧିକାରୀମାନେ କରୁଥିବା ଦମ୍ଭର ବାସ୍ତବିକତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡ଼ିଶାର ଦୀର୍ଘ ମୁକୁଳା ଉପକୂଳ ଦେଇ ଅନୁପ୍ରବେଶ ରୋକିବାକୁ ନା ଅଛନ୍ତି କର୍ମଚାରୀ ନା ଅଛି ପାଟ୍ରୋଲିଂ ପାଇଁ ଅନୁରୂପ ବ୍ୟବସ୍ଥା। ଓଡ଼ିଶା ତଟକୁ ଜଗିବାପାଇଁ ଥିବା ସାମୁଦ୍ରିକ ଥାନାରେ କିନ୍ତୁ ଆବଶ୍ୟକ ସୁରକ୍ଷାକର୍ମୀ ନାହାନ୍ତି। ଏହିସବୁ ଥାନାପାଇଁ ଯେତିକି ମଞ୍ଜୁରୀପ୍ରାପ୍ତ ପଦ ରହିଛି ତାହାଠାରୁ ଢେର କମ୍ କର୍ମଚାରୀ ଅଛନ୍ତି ଓ ଥାନାକୁ ମିଳିଥିବା ଯାନବାହନ ବି ଅଚଳ ହୋଇ ପଡ଼ିଛି। ଏପରି ସ୍ଥିତିରେ ଉପକୂଳ ସୁରକ୍ଷା କେବଳ ଘୋଷଣାରେ ଅଟକି ଯାଇଥିବା ଅଭିଯୋଗ ହୋଇଛି।

ରାଜ୍ୟର ୪୮୦ କିଲୋମିଟର ବ୍ୟାପ ସମୁଦ୍ର ତଟର ସୁରକ୍ଷା ପାଇଁ ୧୮ଟି ଉପକୂଳ ଥାନା ସ୍ଥାପନ ହୋଇଛି। ଏହି ଥାନାପାଇଁ ▶ପୃଷ୍ଠା-୭

**ଜାଣି ଅଜଣା ତହସିଲ**

# ଗ୍ରାମ୍ୟ ଜଙ୍ଗଲ ଜମି ଜବରଦଖଲ କରି ଢାବା

**ବଲାଙ୍ଗିର, ୧୪।୯ (ସମିସ)**

ବଲାଙ୍ଗିର ଜିଲ୍ଲାରେ ସରକାରୀ ଜମି ଜବରଦଖଲ ଏକ ସମସ୍ୟା ହୋଇଛି। ଏହି ଜବରଦଖଲ ଉଚ୍ଛେଦ କରିବା ତା' ଠାରୁ ବଡ ସମସ୍ୟା ହୋଇରହିଛି। ଯାହାର ଏକ ବଡ ଉଦାହରଣ ହେଉଛି ଲୋଇସିଂହା ତହସିଲ ଅଧୀନ ବୁର୍ଡାଛକଠାରେ ହୋଇଥିବା ଜବରଦଖଲ। ୩ ବର୍ଷ ହେଲା ଚାଷୀମାନେ ନିଜ ଜମିକୁ ରାସ୍ତା ପାଉ ନାହାନ୍ତି। ଅଥଚ ଜମି ଆଗରେ ଥିବା ସରକାରୀ ଜମି ଉପରେ ବେଆଇନ ନିର୍ମାଣ କରି ପୂର୍ବତନ ସରପଞ୍ଚ ଓ ବର୍ତ୍ତମାନର ସରପଞ୍ଚ ଢାବା ବ୍ୟବସାୟ ଚଳାଇଛନ୍ତି। ୨୦୨୧ ମସିହାରୁ ଏହି ସରକାରୀ ଜମି ଛାଡିବାକୁ ତହସିଲ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଆଜି ପର୍ଯ୍ୟନ୍ତ କିନ୍ତୁ ସେ ଦ୍ୱୟ ଜମି ଛାଡିନାହାନ୍ତି। ଜବରଦଖଲ ହୋଇଥିବା ଜମି ପୁଣି ଗ୍ରାମ୍ୟ ଜଙ୍ଗଲ କିସମର ବୋଲି ଚାଷୀ ଅଭିଯୋଗ କରିଛନ୍ତି।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ତହସିଲ ଅଧୀନରେ ଥିବା ବୁର୍ଡା ଛକଠାରେ ବେଆଇନ ଭାବେ ସରକାରୀ ଜମି ଜବରଦଖଲ ହୋଇଛି। ୩ ବର୍ଷ ହେଲା ଅଭିଯୋଗ ହୋଇଆସୁଛି। ଏହି ସରକାରୀ ଜମିକୁ ପୂର୍ବତନ ସରପଞ୍ଚ ସହଦେବ ସା ମାଡି ବସିଛନ୍ତି। ସେଠାରେ ସେ ବେଆଇନ ନିର୍ମାଣ କରିବା ସହ ଢାବା ଚଳାଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଚାଷୀମାନେ ନିଜ ଜମିକୁ ରାସ୍ତା ପାଉ ନାହାନ୍ତି ବୋଲି ୩ ବର୍ଷ ହେଲା ଅଭିଯୋଗ କରିଆସୁଛନ୍ତି। ଏନେଇ ଚାଷୀ ଟିକୁ ସାହୁଙ୍କ ନେତୃତ୍ୱରେ ଅନେକ ଚାଷୀ ୨୦୨୧ ମସିହାରେ ପ୍ରଥମେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ସ୍ଥାନୀୟ ତହସିଲ ପକ୍ଷରୁ ଛାନଭିନ କରାଯାଇଥିଲା। ପୂର୍ବତନ ସରପଞ୍ଚ ସହଦେବ ସା ଜମି ଜବରଦଖଲ କରିଥିବା ଜଣାପଡ଼ିଥିଲା। ତହସିଲ ଅର୍ଡର ସିଟ୍ ଅନୁସାରେ ବୁର୍ଡା ଗାଁ କେସ୍ ନଂ ୫୦/୨୦୨୧ରେ ସହଦେବ ସା ଖାତା ନଂ ୩୫୩ର ପ୍ଲଟ ନଂ ୧୨୬୮ରେ ୫୦ ଡିସମିଲ ସରକାରୀ ଜମି ଜବରଦଖଲ କରିଥିବା ଜଣାପଡ଼ିଥିଲା। ଏହି ଜମିର କିସମ ଗ୍ରାମ୍ୟ ଜଙ୍ଗଲ ହୋଇଥିବାରୁ ତୁରନ୍ତ ଖାଲି କରିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲା। ଏହାକୁ ପ୍ରାୟ ୨ ବର୍ଷ ବିତିସାରିଛି। ଆଜି ପର୍ଯ୍ୟନ୍ତ କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ସରକାରୀ ଜମିରେ ଏକ ଢାବା ନିର୍ମାଣ ହୋଇଛି। ଏହି ସ୍ଥାନରେ ବେଆଇନ ଭାବେ ମଦ ବିକ୍ରି ହେଉଥିବା ନେଇ ମଧ୍ୟ ଅନେକ ଅଭିଯୋଗ ରହିଛି।

**ଚାଷୀଙ୍କ ଜମିକୁ ମିଳୁନି ରାସ୍ତା**

**୩ ବର୍ଷ ହେଲା ଗଡୁଛି କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା**

**ଜବରଦଖଲ ଜମିରେ ସରପଞ୍ଚ ବାପ-ପୁଅଙ୍କ ବ୍ୟବସାୟ**

ଏପରିକି ପୁଲିସ ଅତୀତରେ ଏହି ଢାବାରୁ ମଦ ମଧ୍ୟ ଜବତ କରିଛି। ସମ୍ପୃକ୍ତ ବ୍ୟକ୍ତି ଜଣକ ବୁର୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ। ବର୍ତ୍ତମାନ ତାଙ୍କ ପୁଅ ସୁଦୀପ ସା ସରପଞ୍ଚ ରହିଛନ୍ତି। ଏପରିକି ବର୍ତ୍ତମାନର ସରପଞ୍ଚ ବିଜେପି ସହ ରହିଛନ୍ତି। ଉଭୟ ବିଧାୟକ ମୁକେଶ ମହାଲିଙ୍ଗ ଓ ସାଂସଦ ସଙ୍ଗିତା କୁମାରୀ ସିଂହଦେଓଙ୍କ ସହ ତାଙ୍କର ଘନିଷ୍ଠତା ରହିଛି। ଗୋଟିଏ ପଟେ ବିଜେପି ସରକାରର ରାଜସ୍ୱ ମନ୍ତ୍ରୀ ନିଜେ ସରକାରୀ ଜମି ଜବରଦଖଲ ଉଚ୍ଛେଦକୁ ଗୁରୁତ୍ୱ ଦେଇଛନ୍ତି। ସମସ୍ତ ଜିଲ୍ଲାପାଳଙ୍କୁ ଏନେଇ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି; କିନ୍ତୁ ତାଙ୍କ ଦଳ ସମର୍ଥିତ ସରପଞ୍ଚ ନିଜେ ଗ୍ରାମ୍ୟ ଜଙ୍ଗଲ ମାଡି ବସି ଢାବା ଚଳାଇଥିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଉଚ୍ଛେଦ ନ ହେବା ସମସ୍ତଙ୍କୁ ଚକିତ କରିଛି। ଏନେଇ ସ୍ଥାନୀୟ ତହସିଲଦାର ଫୋନ୍ ନ ଉଠାଇବାରୁ ପ୍ରତିକ୍ରିୟା ମିଳିନି। ତେବେ ସରକାରୀ ଜମି ଉପରୁ ଉଚ୍ଛେଦ କରିବା ପାଇଁ ଯୋଜନା ରହିଛି; କିନ୍ତୁ କାହିଁକି ହେଉନାହିଁ ସେ ଜାଣିନାହାନ୍ତି ବୋଲି ଜଣେ କର୍ମଚାରୀ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଗ୍ରାମ୍ୟ ଜଙ୍ଗଲ ଭଳି କିସମ ଜମିକୁ ଜବରଦଖଲ କରିବା ଏକ ବଡ ଅପରାଧ। ଏହାକୁ ଚାପିଦେବାକୁ ଷଡଯନ୍ତ୍ର କରିବା ତା' ଠାରୁ ବଡ ଅପରାଧ ବୋଲି ଚାଷୀ କହିଛନ୍ତି। ତେବେ ଏହି ଗ୍ରାମ୍ୟ ଜଙ୍ଗଲ ଜମିରୁ କେବେ ଉଚ୍ଛେଦ କରାଯିବ ତାହା ଦେଖିବାକୁ ବାକି ରହିଲା ବୋଲି ଚାଷୀ କହିଛନ୍ତି।

# ମରଣାଯନ୍ତା ପାଲଟିଛି ପାଇପ୍ ଲାଇନ ଗର୍ତ୍ତ



**ତୁଷୁରା, ୧୪।୯ (ସମିସ):** ବଲାଙ୍ଗିର ଜିଲ୍ଲା ତୁଷୁରା ଏନଏସିର ଧରୁଆପଡ଼ା ଛକରେ ଥିବା ପାଇପ୍ ଲାଇନ ଖୋଲା ପଡ଼ି ରହିଛି। ଏହି ରାସ୍ତା ହେଉଛି ତୁଷୁରାର ମୁଖ୍ୟ ରାସ୍ତା; କିନ୍ତୁ ଜନସ୍ୱାସ୍ଥ୍ୟ ବିଭାଗର ଅବହେଳା ଯୋଗୁଁ ପଡ଼ି ରହିଛି। ଗତ କିଛି ଦିନ ହେଲା ରାସ୍ତା ପାଇଁ ତୁଷୁରା ସହର ବାସିନ୍ଦା ଆନ୍ଦୋଳନ କରିଥିଲେ; କିନ୍ତୁ ଯେତେ ଆନ୍ଦୋଳନ କଲେ ବି କିଛି ଫରକ ପଡୁନି। ବିଭାଗୀୟ ଅଧିକାରୀ ମଧ୍ୟ ଧ୍ୟାନ ଦେଉ ନାହାନ୍ତି। ପ୍ରାୟ ସବୁ ରାସ୍ତାରେ ଥିବା ପାଇପ୍ ଲାଇନ କାମ ଅଧ ପନ୍ତରିଆ ଛାଡି ଦିଆଯାଇଛି। ଏଣୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳୁଛି। ଏଠାରେ ବିଭିନ୍ନ ସମୟରେ ଗାଡି ଯିବା ଆସିବା ସମୟରେ ଗାତରେ ପଡ଼ି ବିଭିନ୍ନ ପ୍ରକାର ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଦେଇ ଧରୁଆପଡ଼ା ଭିତରେ ବସବାସ କରୁଥିବା ଲୋକମାନେ ବାଇକରେ ଯାଉଥିବା ସମୟରେ ମଧ୍ୟ ଗାଡି ଖସି ଦୁର୍ଘଟଣା ଘଟୁଛି। ଏହାପ୍ରତି ଯଦି ପ୍ରଶାସନ ତଥା ଜନସ୍ୱାସ୍ଥ୍ୟ ବିଭାଗ ଧ୍ୟାନ ନ ଦେବ ତାହାହେଲେ ଆନ୍ଦୋଳନ ପନ୍ଥା ଆପଣେଇ ରାସ୍ତାରୋକ କରିବା ପାଇଁ ଧାରୁଆପଡ଼ା ବାସୀ ଓ ତୁଷୁରା ଜନସାଧାରଣ ଚେତାବନୀ ଦେଇଛନ୍ତି।

# ଗୋବିନ୍ଦ ସାହୁ ଆତ୍ମହତ୍ୟା ଘଟଣାର ପୁଣି ତଦନ୍ତ

**କଣ୍ଟାବାଞ୍ଜି, ୧୪।୯ (ସସିସ):** ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଜେଲ୍ ଭିତରେ ସନ୍ଦେହ ଜନକ ସ୍ଥିତିରେ ଆତ୍ମହତ୍ୟା କରିଥିବା ଘଟଣାର ତଦନ୍ତ ପୁଣି ଆରମ୍ଭ ହୋଇଛି। କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି ବିଜୟ ମଲ୍ଲିକଙ୍କ ସହ ଏକ ୩ ଜଣିଆ ଟିମ୍ କଣ୍ଟାବାଞ୍ଜି ଉପ କାରାଗାରରେ ପହଞ୍ଚି ତଦନ୍ତ କରିଛନ୍ତି। ଜେଲ୍ ଭିତରେ ସେ କିଭଳି ଓ କେଉଁଠି ଗାମୁଛା ସାହାଯ୍ୟରେ ଆତ୍ମହତ୍ୟା କରିଲେ ସେ ନେଇ ଏହି ଟିମ୍ ଜେଲର ରଘୁରାଜ ମାଝୀଙ୍କ ସହ ଆଲୋଚନା କରିଛନ୍ତି। ଆତ୍ମହତ୍ୟା ସମୟରେ କ'ଣ ସ୍ଥିତି ଥିଲା, ଗୋବିନ୍ଦଙ୍କ ସ୍ୱାସ୍ଥ୍ୟ ଅବସ୍ଥା କେମିତି ଥିଲା ଏସବୁ ଦିଗରେ ଏହି ଟିମ୍ ତଦନ୍ତ କରିଥିଲା। ପରେ ଏହି ଟିମ୍ କଣ୍ଟାବାଞ୍ଜି କୋର୍ଟକୁ ମଧ୍ୟ ଯାଇ ଏହି ମାମଲାରେ ଥିବା କାଗଜପତ୍ର ଏବଂ ଅନ୍ୟ ଦିଗରେ ତଦନ୍ତ କରିଛନ୍ତି। ଅନ୍ୟପକ୍ଷେ ଜେଲ୍ ଭିତରେ ଥିବାବେଳେ ଡାକ୍ତର କ'ଣ ସବୁ ଔଷଧ ଦେଉଥିଲେ ସେ ନେଇ ଛୁଟିରେ ଥିବା ଡାକ୍ତର ସୋମ୍ୟଶ୍ରୀ ପ୍ରିୟଦର୍ଶୀ ପଣ୍ଡା ଫୋନରେ ସୂଚନା ଦେଇଥିଲେ।

# ଶକ୍ତିପୀଠରେ ଷୋଳପୂଜା ଆରମ୍ଭ

**ବଲାଙ୍ଗିର, ୧୪।୯ (ସମିସ):** ବଲାଙ୍ଗିର ଜିଲ୍ଲାରେ ଥିବା ପ୍ରମୁଖ ଶକ୍ତିପୀଠଗୁଡିକ ଚଳଚଞ୍ଚଳ ହୋଇପଡ଼ିଛି। ରବିବାର ଖଣ୍ଡାଧୁଆ ପରମ୍ପରାଠାରୁ ମା'ଙ୍କ ଆବାହନ ଆରମ୍ଭ ହୋଇଛି। କୁଶଙ୍ଗର ମା' କୁଶୁଙ୍ଗାଇ, ସିନ୍ଧେକେଲାର ମା' ଦ୍ୱାରସେନୀ, ସାଉନ୍ତପୁରର ମା' ସାଉନ୍ତେଇ, ପାଟଣାଗଡ଼ର ମା' ପାଟଣେଶ୍ୱରୀ, ତୁଷୁରାର ମା' ସମଲେଶ୍ୱରୀ, ଦେଓଗାଁର ମା' ପାଟଖଣ୍ଡା ପୀଠରେ ରବିବାର ମୂଳାଷ୍ଟମୀ ତିଥିରୁ ଷୋଳପୂଜା ଆରମ୍ଭ ହୋଇଛି।

# ଲୋଇସିଂହା ଥାନା ଅଞ୍ଚଳରେ ଅପରେସନ 'ପ୍ରହାର'

**ଲୋଇସିଂହା, ୧୪।୯ (ସମିସ):** ଗୁଟଖା ଓ ସିଗାରେଟ ଉପରେ ଏବେ ପୁଲିସର ନଜର। ଅପରେସନ 'ପ୍ରହାର' ଅଭିଯାନରେ ସବୁଆଡ଼େ ଗୁଟଖା ଓ ସିଗାରେଟ ବିକ୍ରି ନେଇ ଚଢ଼ଉ ଚାଲିଛି। ବଲାଙ୍ଗିର ଜିଲ୍ଲାରେ ମଧ୍ୟ ଏହି ଚଢ଼ଉ ଜାରି ରହିଛି। ଏହିକ୍ରମରେ ଲୋଇସିଂହା ଥାନା ଅଞ୍ଚଳରେ ମଧ୍ୟ ବିଭିନ୍ନ ସ୍ଥାନରେ ଗୁଟଖା ଓ ସିଗାରେଟ ବିକ୍ରି ନେଇ ଚଢ଼ଉ କରାଯାଇଛି। ଏହି ଚଢ଼ଉ ଗତ ୧ ତାରିଖରୁ ଆରମ୍ଭ ହୋଇଥିଛି। ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ଲୋଇସିଂହା ଥାନା ଅଧିକାରୀ ଯାଜ୍ଞସେନି ନାୟକଙ୍କ ନେତୃତ୍ୱରେ ୧୪ ତାରିଖ ସୁଦ୍ଧା ୯ଟି ମାମଲା କରାଯାଇଛି। ଏହି ଚଢ଼ଉରେ ବହୁ ପରିମାଣର ଗୁଟଖା ଓ ସିଗାରେଟ ପୁଲିସ ଜବତ କରିଛି।

# ଅଭିଯୋଗ ସତ୍ତ୍ୱେ ଆବାସ ଦୁର୍ନୀତିର ତଦନ୍ତ ହେଉନି

**କଣ୍ଟାବାଞ୍ଜି, ୧୪।୯ (ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକର ଅନେକ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଘର ଯୋଜନାରେ ଦୁର୍ନୀତି ହୋଇଛି। ଘର ନିର୍ମାଣ ହୋଇନାହିଁ; ହେଲେ ଘର ବାବଦକୁ ଟଙ୍କା ଉଠିଛି। ଜିଓ ଟ୍ୟାଗିଂ କରୁଥିବା କର୍ମଚାରୀ ଓ କିଛି ବ୍ଲକ କର୍ମଚାରୀ ମିଶି ଟଙ୍କା ହଡପ କରିଥିବା ତଥ୍ୟ ସାମ୍ନାକୁ ଆସିଛି। ଚଟୁଅନକା ପଞ୍ଚାୟତରେ ୨୦୨୪ରେ ଏହି ଦୁର୍ନୀତି ହୋଇଛି। ଜନଶୁଣାଣି ଶିବିରରେ ତାରିଣୀ ୟୁଥ୍ କ୍ଲବ୍ ଏହି ଅଭିଯୋଗ ଆଣିଥିଲା। ଏହପରେ ଆବାସ ଘର ଦୁର୍ନୀତିରେ ଲିପ୍ତ ଜିଓଟ୍ୟାଗ ହେମନ୍ତ ଦାସଙ୍କୁ ବ୍ଲକଘ ପ୍ରଶାସନ ବହିଷ୍କାର କରିଥିଲା। ତେବେ ଏଥିରେ ସମ୍ପୃକ୍ତ ଥିବା ଜଣେ ଜନ ପ୍ରତିନିଧିଙ୍କ ସ୍ୱାମୀଙ୍କ ବିରୋଧରେ ଏବେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଗାଁରେ ତିଆରି ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ଘର ତିଆରି କରିବା ଏବଂ ବିଭିନ୍ନ ସମୟରେ ଟଙ୍କା ପାଇବା ନାଁରେ ହିତାଧିକାରୀଙ୍କଠାରୁ ସେ ମୋଟା ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ଏହାର ଏକ କଲ୍ ରେକର୍ଡି ମଧ୍ୟ ଭାଇରାଲ ହେଉଛି। ବ୍ଲକ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ସରପଞ୍ଚ ଜ୍ଞାନରଞ୍ଜନ ତାଣ୍ଡି କହୁଛନ୍ତି। ଏଭଳି ଆବାସ ଦୁର୍ନୀତିକୁ ସହଜରେ ଛାଡି ଦିଆଯିବ ନାହିଁ ବୋଲି ସେ କହିଛନ୍ତି। ଗାଁର ୩୨ ଜଣ ହିତାଧିକାରୀଙ୍କଠାରୁ ଟଙ୍କା ନିଆଯାଇଥିବା ସେ ପ୍ରକାଶ କରିଛନ୍ତି।

# ଛାତ୍ରଛାତ୍ରୀ ନୀତିଗତ ଶିକ୍ଷାରେ ମଧ୍ୟ ମନୋନିବେଶ କରିବା ଆବଶ୍ୟକ

**ବଲାଙ୍ଗିର, ୧୪।୯ (ସମିସ) :** ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଦୁର୍ବଳ ହେଲେ ସମାଜ ଦୁର୍ବଳ ହେବ। ସମାଜ ଦୁର୍ବଳ ହେଲେ ସମଗ୍ର ରାଷ୍ଟ୍ର ଦୁର୍ବଳ ହୋଇଯିବ। ଛାତ୍ରଛାତ୍ରୀ କେବଳ ବୃତ୍ତିଗତ ଯୋଗ୍ୟତା ପାଇଁ ଶିକ୍ଷା ପ୍ରତି ଆକୃଷ୍ଟ ନ ହୋଇ ନୀତିଗତ ଶିକ୍ଷାରେ ମଧ୍ୟ ମନୋନିବେଶ କରିବା ଆବଶ୍ୟକ। ସ୍ଥାନୀୟ ପି ପି ଏକାଡେମୀ ସଭାକକ୍ଷରେ ବଲାଙ୍ଗିରର ଅଗ୍ରଣୀ ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ରଚନା' ପକ୍ଷରୁ ଆୟୋଜିତ 'ଆମ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ସମାଜର ବିକାଶ ପାଇଁ କେତେ ସହାୟକ?' ଶୀର୍ଷକ ଆଲୋଚନାଚକ୍ରରେ ଏଭଳି ମତ ପ୍ରକାଶ ପାଇଛି। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବନମାଳୀ ପାଣିଗ୍ରାହୀ, ସୁଲେଖକ ଶେଖ ଅବଦୁଲ୍ କାଶମ, ରେଭେନ୍ସା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. ଆରତୀ ତ୍ରିପାଠୀ, ହେମନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକମାନଙ୍କ ଭିତରେ



ଶିକ୍ଷା ପ୍ରତି ଆନ୍ତରିକତା ରହିବା ଦରକାର। ସମ୍ପ୍ରତି ଶିକ୍ଷା ବ୍ୟବସ୍ଥା ଭିତରେ ପ୍ରାଚୀନ ଶିକ୍ଷା ପଦ୍ଧତିକୁ ମଧ୍ୟ ସାମିଲ କରାଯିବା ଆବଶ୍ୟକ। କେବଳ ଛାତ୍ରଛାତ୍ରୀମାନଙ୍କ ସ୍କୁଲ ବ୍ୟାଗର ଓଜନ ନ ବଢ଼ାଇ ସେମାନଙ୍କ ଭିତରେ ନୈତିକ ମୂଲ୍ୟବୋଧ, ସାମାଜିକ ଜ୍ଞାନର ବିକାଶ କରିବାକୁ ହେବ। ଶିକ୍ଷକମାନଙ୍କୁ କେବଳ ଶିକ୍ଷାଦାନ ପାଇଁ ସୁଯୋଗ ଦେବା ଦରକାର। ସେମାନଙ୍କୁ ଅନ୍ୟ କାର୍ଯ୍ୟରେ ନିୟୋଜିତ ନ କଲେ ଭଲ। ତେବେ ଯାଇ ସେମାନଙ୍କ ଭିତରେ ଶିକ୍ଷାଦାନ ପ୍ରତି ଆଗ୍ରହ ବଢ଼ିବ ବୋଲି ଅତିଥିଗଣ ମତ ଦେଇଥିଲେ। ଆନନ୍ଦ ଚନ୍ଦ୍ର ସାହୁଙ୍କ ସଂଯୋଜନାରେ ସହସମ୍ପାଦକ ରତ୍ନମୟ ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। 'ରଚନା'ର ସମ୍ପାଦକ ଭାଗୀରଥି ମିଶ୍ର, କୋଷାଧ୍ୟକ୍ଷ ମୃଗେଶ ବୈଷ୍ଣବ ପାଣିଗ୍ରାହୀଙ୍କ ସମେତ ଅନେକ ଶିକ୍ଷାବିତ୍, ବୁଦ୍ଧିଜୀବୀ ଯୋଗ ଦେଇଥିଲେ। 'ରଚନା'ର ସଭାପତି ସନାତନ ଠାକୁର ଧନ୍ୟବାଦ ଦେଇଥିଲେ।

# ପୁଅମାନଙ୍କ ପାଇଁ ମା'ଙ୍କ ବ୍ରତ

## ବଲାଙ୍ଗିର ଜିଲ୍ଲାରେ ପାଳିତ ହେଲା ପୁଅଜିଉନ୍ତିଆ

**ବଲାଙ୍ଗିର, ୧୪।୯ (ସମିସ):** ଆଶ୍ୱିନ ଆଗମନରେ ଆରମ୍ଭ ହୋଇଛି ପାର୍ବଣ ଋତୁ। ପ୍ରାୟତଃ ଆଶ୍ୱିନରେ ଶକ୍ତିପୀଠଗୁଡ଼ିକରେ ମା'ଙ୍କ ପୂଜା ଆରମ୍ଭ ହୋଇଥାଏ। ମୂଳାଷ୍ଟମୀଠାରୁ ଆରମ୍ଭ ହୋଇ ଏହି ପୂଜା ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ। ତେବେ ବିଶେଷ କରି ପଶ୍ଚିମଓଡ଼ିଶାରେ ମୂଳାଷ୍ଟମୀ ତିଥିରେ ମା'ମାନେ ନିଜ ପୁଅମାନଙ୍କ ପାଇଁ ବ୍ରତ ରଖିଥାନ୍ତି; ଯାହାକୁ ପୁଅ ଜିଉନ୍ତିଆ ବୋଲି କୁହାଯାଇଥାଏ। ରବିବାର ବଲାଙ୍ଗିର ଜିଲ୍ଲାରେ ବେଶ୍ ଉସାହର ସହ ଏହି ପୂଜା ଅନୁଷ୍ଠିତ ହୋଇଯାଇଛି। ପୁଅମାନଙ୍କ ଦୀର୍ଘାୟୁ ଓ ଶୁଭକାମନା ପାଇଁ ମା'ମାନେ ଏହି ବ୍ରତ କରିଥାନ୍ତି। ନିର୍ଜଳା ଉପବାସ ରହି ସନ୍ଧ୍ୟାରେ ମହିଳାମାନେ ଗୋଟିଏ ସ୍ଥାନରେ ରୁଣ୍ଡ ହୋଇ ଏହି ପୂଜା ପାଳିଥାନ୍ତି। ଏହି ପୂଜାର ସ୍ୱତନ୍ତ୍ର ବିଧି ରହିଛି। ପୁଅମାନଙ୍କ ଉଜ୍ୱଳ ଭବିଷ୍ୟତ ଓ ସୁରକ୍ଷା କାମନା କରି ମା'ମାନେ ଏହି ପୂଜା କରିଥାନ୍ତି। ଏହା ବିଶେଷ କରି ପଶ୍ଚିମଓଡ଼ିଶାରେ ପାଳିତ ହୋଇଥାଏ। ରବିବାର ବଲାଙ୍ଗିର ଜିଲ୍ଲାର ପ୍ରସୟ ସମସ୍ତ ଅଞ୍ଚଳରେ ଏହି ପୂଜା ଅନୁଷ୍ଠିତ ହୋଇଯାଇଛି। ସଂଧ୍ୟା ସମୟରେ ପୂଜା କରିବା ପରେ ପରଦିନ ପୁଅମାନଙ୍କୁ ଜିଉନ୍ତିଆ ବନ୍ଧାଇଥାନ୍ତି। ଯାହାକି ପୁଅମାନଙ୍କୁ ସମସ୍ତ ପ୍ରକାର ବାହ୍ୟ କୁଶକ୍ତି ନଜରରୁ ବଞ୍ଚାଇଥାଏ ବୋଲି ବିଶ୍ୱାସ ରହିଛି। ଏହି ପୂଜା ଜିଲ୍ଲାର ସମସ୍ତ ଗାଁ ଗଳିକନ୍ଦିରେ ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଥିଲା। ଏହି ଦିନଠାରୁ ହିଁ ବିଶେଷ କରି ପାର୍ବଣ ଆରମ୍ଭ ହୋଇଥାଏ।

**ମାଁ ପାଟଖଣ୍ଡା ଯାତ୍ରା ପାଇଁ ପ୍ରସ୍ତୁତି ଚୂଡାନ୍ତ**

# ଖଣ୍ଡାବସା ଶୁଭାରମ୍ଭ ଓ ଗୁଡିଚଢ଼ା ପର୍ବ ଆରମ୍ଭ

**ଦେଓଗାଁ, ୧୪।୯ (ସମିସ):** ଦେଓଗାଁ ବ୍ଲକ ଜରାସିଂହାରେ ବଲାଙ୍ଗିର ଜିଲ୍ଲାର ଐତିହାସିକ ମାଁ ପାଟଖଣ୍ଡା ଯାତ୍ରା ନେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏଥିପାଇଁ ଲଗ୍ନ ଅନୁସାରେ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଥିବା ଆୟୋଜନ କମିଟି



ସୂଚନା ଦେଇଛି। ଏହି ଐତିହ୍ୟ ସମ୍ପନ୍ନ ପାଟଖଣ୍ଡା ଯାତ୍ରାର ନିୟମାନୁସାରେ ଭାଦ୍ରବ ପୂର୍ଣ୍ଣିମା ତିଥିରେ କଣ୍ଟାଫିଟା ଯାତ୍ରା ଆରମ୍ଭ ହୋଇଛି। ରବିବାର ମୂଳାଷ୍ଟମୀ ତିଥିରେ ଖଣ୍ଡାବସା ଓ ଗୁଡିଚଢ଼ା ପର୍ବ ଅନୁଷ୍ଠିତ ହୋଇଥିଲା। ଗତ ୪୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ଜେନା ବିରୂପାଣି ଦେବତାଙ୍କ ବରୁଆ ଭାବେ କାର୍ଯ୍ୟ ତୁଲାଇ ଆସୁଥିବା ଦେହୁରୀ ବୁଢୁ ପଧ୍ରୀମାଲିଙ୍କ ଅସୁସ୍ଥତା ହେତୁ ତାଙ୍କ ବଡପୁଅ ବସନ୍ତ ପଧ୍ରୀମାଲି ଚଳିତବର୍ଷ ଜେନା ବିରୁପାଣି ଦେବତାଙ୍କ ବରୁଆ ଦାୟିତ୍ୱରେ ରହିଛନ୍ତି। ଚଳିତବର୍ଷ ନୀତି ନିର୍ଘଣ୍ଟ ଅନୁସାରେ ଚଳିତମାସ ୨୧ରେ ଉଢଗୁଡି ପୂଜା ଆରମ୍ଭ ହେବ। ୨୮ରେ ପାଟଣାଗଡ଼କୁ ପାଟସିନ୍ଦୂର ଆଣିଯିବ। ୨୯ରେ ରାଜବାଟୀ ପୂଜା ହେବ। ଅକ୍ଟୋବର ୧ରେ ପାଟସିନ୍ଦୂର ବରଣ ହେବ। ୨ରେ ସାଲେପାଲି ନିକଟସ୍ଥ ସୋନଗଡ଼ ନଦୀକୂଳ ଦେଝାର ପୀଠରେ ସନ୍ଧ୍ୟା ୫ଟା ୫୨ ମଧ୍ୟେ ଦେବତାଙ୍କ ଆବିର୍ଭାବ ଓ ଫଳ ପ୍ରଦାନ ସହ ମୁଖ୍ୟଯାତ୍ରା ଆରମ୍ଭ ହେବ। ୩ ରେ ଦେବତାଙ୍କ ବଉରାପିଟା ସ୍ଥଳକୁ ଆଗମନ ହେବ। ୫ ତାରିଖ ରାତିରେ ନିଶିଗୁଡି ଯାତ୍ରା ଅନୁଷ୍ଠିତ ହେବ। ୬ ତାରିଖ ଅପରାହ୍ଣରେ ଦେବତାଙ୍କ ଦେଝାରକୁ ବାହୁଡା ବିଜୟ ଉତ୍ସବ ଅନୁଷ୍ଠିତ ହେବ। ଆୟୋଜକ ଗ୍ରାମ୍ୟ ଉନ୍ନୟନ କମିଟି ଓ ବିଏନଏଏ ତରଫରୁ ଏହି ସୂଚନା ଦିଆଯାଇଛି।

# ଜିଲ୍ଲା ପାଇଁ ଆନ୍ଦୋଳନ ଚେତାବନୀ



**ଟିଟିଲାଗଡ଼, ୧୪।୯ (ସମିସ):** ରାଜ୍ୟରେ ୧୯୯୨ରେ ୧୩ରୁ ୩୦ ଜିଲା ଗଠନ ହୋଇଛି। ରାଜ୍ୟର ଅନ୍ୟତମ ବୃହତ ଉପଖଣ୍ଡ ଟିଟିଲାଗଡ଼ କିନ୍ତୁ ଜିଲା ମାନ୍ୟତା ପାଇବାରୁ ବଞ୍ଚିତ ରହିଛି। ଏଣୁ ସେ ସମୟରୁ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ସହ ଆନ୍ଦୋଳନ ଜାରି ରହିଛି। ତେବେ ଟିଟିଲାଗଡ଼ ଜିଲା ଦାବିକୁ ନେଇ ସ୍ଥାନୀୟ ଓକିଲ ସଂଘ ସଭାଗୃହରେ ଏକ ସଭା ବସିଥିଲା। ଜିଲା କ୍ରିୟାନୁଷ୍ଠାନ କମିଟି ଆବାହକ ଆଇନଜୀବୀ ସଞ୍ଜୟ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ପୌରାଧ୍ୟକ୍ଷା ମମତା ଜୈନ, ନାଗରିକ ମଞ୍ଚ ସଭାପତି ଆଇନଜୀବୀ ରାଧାକାନ୍ତ ପାଢ଼ୀ, ମୁରିବାହାଲ ଓକିଲ ସଂଘ ସଭାପତି ଜିତେନ ହାତୀ, ପୂର୍ବତନ ନଗରପାଳ ଭବାନୀ ପ୍ରସାଦ ହୋତା, ସନ୍ତୋଷ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକଙ୍କ ସମେତ ଅଞ୍ଚଳର ବିଭିନ୍ନ ରାଜନୈତିକ ସଂଗଠନ, ସାମାଜିକ ସଂଗଠନ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାମ୍ବର୍ସ ଅଫ କମର୍ସ ସଭାପତି ଈଶ୍ୱର ଜୈନ, ଅଞ୍ଜଳି ବେହେରା, ଲଳିତା ଲାଠ, ଉପଖଣ୍ଡ ଯାଦବ ମହାସଭା ସଭାପତି ଘିନୁ ଆଡ଼ୟୁଆଡ଼, ଶୁଣ୍ଢୀ ସମାଜ ସଭାପତି ଦୟା ବେହେରା, ବ୍ରାହ୍ମଣ ସମାଜ ପ୍ରତିନିଧି ଚିନ୍ତାମଣୀ ମହାପାତ୍ର, ଅଗ୍ରୱାଲ ସଭା ସଚିବ ସଞ୍ଜୟ ବଂଶଲ, ରୋଟାରି କ୍ଲବ୍ ପ୍ରତିନିଧି ମହେଶ ଇନ୍ଦୋରିଆ, କଂଗ୍ରେସ ନେତା ଡମ୍ବରୁ ଛତ୍ରିଆ, ବୀରେନ୍ଦ୍ର ବାଗ, ରଞ୍ଜନ ଦାଶ, ନଗର ବିଜେପି ସଭାପତି ସୁନିଲ ଆଚାର୍ଯ୍ୟ, ବିକାଶ ସେନା ସଭାପତି ଇଂ ଅମ୍ଳାନ ଷଡ଼ଙ୍ଗୀ, ହରିନାରାୟଣ ମିଶ୍ର, ନୀଳମଣି ସାହୁ, ଅରୁଣ ମିଶ୍ର, ରଣଜିତ ପୃଷ୍ଟି, ଟିକେଲାଲ ବେହେରା, ଆଲୋକ ନାୟକ, ସତ୍ୟବ୍ରତ ପଣ୍ଡା, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସନ୍ତୋଷ ମହାନ୍ତି, ଲାୟନ୍ସ କ୍ଲବ୍ ପ୍ରତିନିଧି ଆବାସ ଖାନ, ମନୀଷ ଗୁପ୍ତା, ନଗର ଯାଦବ ସଭାପତି କୁନା ଭାଟି, ବାପି ଡେଭିଡ, ଅଶ୍ୱିନୀ ସାହୁ, ବଙ୍ଗାଳି ସମାଜ ସଭାପତି ଶେଖର ସିହ୍ନା, ମୁସଲିମ ସମାଜ ପ୍ରତିନିଧି ଗୁଡ୍ଡୁ ଖାନ, ବ୍ୟବସାୟୀ ସଂଘ ସଭାପତି ମନିଷ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ମହେଶ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ।

# ଡାହିମାଲରେ ଚାରାରୋପଣ କାର୍ଯ୍ୟକ୍ରମ

**ଦେଓଗାଁ, ୧୪।୯ (ସମିସ):** ଲଣ୍ଡାପଥର ପଞ୍ଚାୟତ ଡାହିମାଲ ଗାଁରେ ମହାଶକ୍ତି ଫାଉଣ୍ଡେସନର ଆୟୋଜନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୁଦ୍ର ବଗର୍ତ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଇଁତଲା ବନାଞ୍ଚଳର ରେଞ୍ଜର ସାଗର ନାଏକ, ଡିଇଓ ପୃଥିରାଜ ଦୀପ, ଫରେଷ୍ଟଗାର୍ଡ ଛନ୍ଦା ଚରଣ ଜାନି, ବନସୁରକ୍ଷା ସମିତିର ସଭାପତି ଦୁର୍ଯ୍ୟୋଧନ କାଲସାଏ, ଆଶାକର୍ମୀ ହେମଲତା ଲୁହା ପ୍ରମୁଖ ଯୋଗଦେଇ ଗାଁରାସ୍ତା ପାର୍ଶ୍ୱରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରିଥିଲେ। ସୁମନ ବଗର୍ତ୍ତି, ସବିତା ଅମାତ, ଟିକେଶ୍ୱର ଗଡ଼ୁଆ, ଟାକୁରସିଂ ଭୁଏ ପ୍ରମୁଖ ସହଯୋଗ କରିଥିଲେ।

# କ୍ୟାରିୟର କାଉନସେଲିଂ ଶିବିର କାର୍ଯ୍ୟକ୍ରମ

**ଲୋଇସିଂହା, ୧୪।୯ (ସମିସ):** ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ନଅଗାଁ (ଖ) ପଲ୍ଲୀ ଆଲୋକ ପାଠାଗାର ଓ ଅଜିମ ପ୍ରେମଜୀ ଫାଉଣ୍ଡେସନ ପକ୍ଷରୁ ନୁନିଆପାଲି ପଞ୍ଚାୟତ ପାଣ୍ଡେସରା ଗ୍ରାମର କମ୍ୟୁନିଟି ଗୃହରେ ଛାତ୍ରୀମାନଙ୍କୁ ନେଇ କ୍ୟାରିୟର ଉପରେ ଏକ କାଉନସେଲିଂ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଗଲପୁର ବ୍ଲକ ଅଧୀନ ନୁନିଆପାଲି, ବଡ଼ଟିକା ଓ ଝରଣିପାଲି ପଞ୍ଚାୟତର ବିଭିନ୍ନ ଗାଁର ପ୍ରାୟ ୬୫ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରୀମାନେ କିଭଳି ଶିକ୍ଷା, ସ୍ୱାସ୍ଥ୍ୟ ତଥା ବ୍ୟବସାୟରେ ଆତ୍ମନିର୍ଭରଶୀଳ ହୋଇପାରିବେ ସେନେଇ ମାର୍ଗଦର୍ଶନ କରଯାଇଥିଲା। ସନ୍ଦୀପ କୁଅଁର, ଅଶୋକ ପଧାନ, ହୀରାଲାଲ ମିଶ୍ର ପ୍ରମୁଖ ଆଲୋଚନା କରିଥିଲେ। ପ୍ରହ୍ଲାଦ ପଧାନ ଓ ସୁଶାନ୍ତ ସା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୋବିନ୍ଦ ଚନ୍ଦ୍ର ବିଶି, ପିଣ୍ଟୁ ପଧାନ, ପ୍ରଶାନ୍ତ କୁଅଁର, ବର୍ଷା ଯୁଏଡ ସହଯୋଗ କରିଥିବା ବେଳେ ନମିତା ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।







**ଜିଲ୍ଲାସ୍ତରୀୟ ହାଣ୍ଡବଲ୍ ପ୍ରତିଯୋଗିତା**

# ବାଳିକାରେ ପୁଇନ୍ତଲା, ବାଳକରେ ବଙ୍ଗୋମୁଣ୍ଡା ଚାମ୍ପିଅନ

**ଖପ୍ରାଖୋଲ, ୧୩।୯ (ସମିସ)**

ଫୁଲକିମୁଣ୍ଡା ପଞ୍ଚାୟତ ହାଇସ୍କୁଲରେ ଜିଲ୍ଲାସ୍ତରୀୟ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଳିକା ବିଭାଗରେ ୬ଟି ଦଳ ଓ ବାଳକ ବିଭାଗରେ ୯ଟି ଦଳ ଭାଗ ନେଇଥିଲେ। ବାଳିକା ବିଭାଗରୁ ପୁଇନ୍ତଲା ବ୍ଲକ ଚାମ୍ପିଅନ ହୋଇ ଥିବା ବେଳେ ଖପ୍ରାଖୋଲ ବ୍ଲକ ରନର୍ସ ଅପ୍ ହେଇଛି। ସେହିପରି ବାଳକ ବିଭାଗରୁ ବଙ୍ଗୋମୁଣ୍ଡା ଓ ପୁଇନ୍ତଲା ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ବଙ୍ଗୋମୁଣ୍ଡା ବ୍ଲକ ବିଜୟୀ ହୋଇଥିବା ବେଳେ ପୁଇନ୍ତଲା ରନର୍ସ ଅପ୍ ହେଇଥିଲା। ଏହି ଅବସରରେ ଖପ୍ରାଖୋଲ ଗୋଷ୍ଠୀ




ଶିକ୍ଷା ଅଧିକାରୀ ଅଭିନବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟିଟିଲାଗଡ଼ ଗୋଷ୍ଠୀ ଅଧିକାରୀ ଆର୍ତ୍ତତ୍ରାଣ ରଥ, ଖପ୍ରାଖୋଲ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରଦେବ ସତଙ୍ଗୀ, ପୁଇଁତଲା ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ରତ୍ନମୟୀ ପୁରୋହିତ, ଗୁଡଭେଲା ଗୋଷ୍ଠୀଶିକ୍ଷା ଅଧିକାରିଣୀ ନମିତାରାଣୀ ଭୋଇ ଯୋଗ ଦେଇଥିଲେ। ହେମନ୍ତ ପଧାନ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପାଳଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ରଜତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଘୁନସର ପ୍ରଗତୀ ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ

**ଖପ୍ରାଖୋଲ, ୧୪।୯ (ସମିସ):** ଘୁନସର ଗ୍ରାମର ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଐଶ୍ବର୍ଯ୍ୟ ଶେଖର ଦେବତା, ମାଳପଡ଼ା ଏସଏସଡି ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ପ୍ରେମାନନ୍ଦ ବେହେରା, ଭାନପୁର ଉଚ୍ଚ ବିଦ୍ୟାଳୟ ହିନ୍ଦୀ ଶିକ୍ଷକ ଖମାରୀ, ମହାରାପଦର ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ କିଶୋର ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଖପ୍ରାଖୋଲ ନୋଡାଲ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ମୂରଲୀ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଘୁନସର ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ କୃଷ୍ଣଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ଜିଲ୍ଲାପାଳଙ୍କ ଅଫିସ ଘେରିଲେ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ



**ନୂଆପଡ଼ା, ୧୪।୯ (ସମିସ):** ଓଡ଼ିଶା ସରକାରୀ ହାଇସ୍କୁଲ୍ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ ନୂଆପଡ଼ା ଜିଲ୍ଲା ତରଫରୁ ଜିଲ୍ଲାପାଳ ଅଫିସ ଘେରାଉ କରି ଜିଲ୍ଲାପାଳଙ୍କ ଜରିଆରେ ଗଣ ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏକ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀ, ଗଣଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଶିକ୍ଷାସଚିବଙ୍କ ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିଜ ନିଜ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଥିଲା। ଠିକା ଶିକ୍ଷକ ଭାବେ ୨୦୦୪-୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତଙ୍କୁ ଉପେକ୍ଷିତ କରି ତାଙ୍କ ପରବର୍ତ୍ତୀ ସମୟରେ ୨୦୧୬ରୁ ନିଯୁକ୍ତି ପାଇଥିବା ସମସ୍ତଙ୍କୁ ୬ଟି ନ୍ୟାସନାଲ ଇଂକ୍ରିମେଣ୍ଟ ପ୍ରଦାନ ସହ ୬ ବର୍ଷର ଚୁକ୍ତି ଅବଧିକୁ ସେମାନଙ୍କ ମୂଳ ଚାକିରିରେ ଯୋଗକଲେ। ତେଣୁ ଏହାର ପ୍ରତିବାଦ ସ୍ୱରୂପ ବର୍ତ୍ତମାନର ସରକାରଙ୍କୁ ଆମର ଏକମାତ୍ର ଦାବି ୬ବର୍ଷର ଚୁକ୍ତି ଅବଧିକୁ ମୂଳ ଚାକିରିରେ ଯୋଗକରି ୬ଟି ନ୍ୟାସସନାଲ ଇଂକ୍ରିମେଣ୍ଟ ପ୍ରଦାନ କରାଯିବା ନେଇ ଦାବି କରାଯାଇଛି। ନୂଆପଡ଼ା ଜିଲ୍ଲାରୁ ପ୍ରାୟ ୫୦ରୁ ଅଧିକ ଶିକ୍ଷକ ସ୍ଥାନୀୟ ମିନି ଷ୍ଟାଡିୟମରୁ ଶୋଭଯାତ୍ରାରେ ପ୍ରଥମେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ଦାବିପତ୍ର ପ୍ରଦାନ କରାଯାଇଥିଲା। ସରକାର ଯୁକ୍ତିଯୁକ୍ତ ଦାବି ଶୀଘ୍ର ସମାଧାନ ନ କଲେ ଆସନ୍ତା ୨୨ତାରିଖରେ ରାଜ୍ୟସଂଘ ନେତୃତ୍ୱଙ୍କ ଡାକରାରେ ସାମିଲ ହୋଇ ଆନ୍ଦୋଳନରେ ଯୋଗଦେବା ପାଇଁ ବାଧ୍ୟ ହେବବୋଲି ନୂଆପଡ଼ା ଜିଲ୍ଲା ସଂଘ ତରଫରୁ ଚେତାବନୀ ଦିଆଯାଇଛି। ସଂଘ ପକ୍ଷରୁ ଶ୍ୟାମଲାଲ ପ୍ରଧାନ, ଲଳିତ କୁମାର ସୁନାରି, ଅଶୋକ କୁମାର ବେରୋ, ଦିନେଶ ପଟେଲ, ସନ୍ତୋଷ କୁମାର ପାଣ୍ଡେ, ଉମେଶ କୁମାର ସାହୁ, ଚନ୍ଦ୍ର କୁମାର ସାହୁ, ଖୁଲେଶ୍ୱର୍ ସାହୁ, ଧବଳେଶ୍ୱର ସାହୁ, ଅରୁଣ କୁମାର ସାହୁ, ପ୍ରଭୁଦତ୍ତ ପୁରୋହିତ, ଶିଶୁପାଳ ପ୍ରଧାନ, ଗିରିଧାରୀ ସା, ଗୌରାଙ୍ଗ କୁମାର ସାହୁ, ରୁଦ୍ରାକ୍ଷ ବିଶି, ନିର୍ମଳ ନାଗ, ହୁତାଶନ ଜାଲ, ପ୍ରଣବ କୁମାର ପାତ୍ର ତୋଶନ ବଇଠାରୁ, ହରିହର ମାଝୀ, ସୁଶାନ୍ତ କୁମାର ଯୋଶୀ, ନରେଶ ଚନ୍ଦ୍ରକାର, ଅରବିନ୍ଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ପାଣିରେ ପଶି ଅଙ୍ଗନବାଡ଼ି ଯାଉଛନ୍ତି ପିଲା

**କେସିଙ୍ଗା, ୧୪।୯ (ସମିସ)**



ଆଉ କେଇଟା ଦିନ ପରେ ବର୍ଷକ ପାଇଁ ମୌସୁମୀର ପ୍ରତ୍ୟାବର୍ତ୍ତନ ହେବ କୋଉଠି ମୌସୁମୀର ପ୍ରଭାବ ରେ ବନ୍ୟା ହେଉଛି ତ କେଉଁଠି ବର୍ଷା ନ ହେବା ଫଳରେ ଚାଷୀ ଇନ୍ଦ୍ର ଦେବତାଙ୍କୁ ସୋଦୁଛନ୍ତି।କୋଉଠି ବର୍ଷା

## ଅଭିଯୋଗ ପରେ ବି କାହାର ନଜର ନାହିଁ

ଯୋଗୁଁ ରାସ୍ତାଘାଟ ଖରାପ ହୋଇ ଯାଇଥିବା ବେଳେ କୋଉଠି ବର୍ଷା ଯୋଗୁଁ କୃତ୍ରିମ ବନ୍ଧ ନିର୍ମାଣ ହୋଇ ଯାଇଛି। ସେମିତି କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କସୃପଡ଼ା ପଞ୍ଚାୟତର ଏନ୍‌ଏଚ୨୬ କଡ଼ରେ ଥିବା ବିନେକେଲା ଗ୍ରାମରେ ବର୍ଷା ଋତୁରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ।କିଛି ଗ୍ରାମବାସୀଙ୍କ ଜବରଦଖଲ ଓ ନିମ୍ନମାନର ଡ୍ରେନେଜ୍ ଯୋଗୁଁ ବର୍ଷା ପାଣି ସ୍ଥାନେ ସ୍ଥାନେ ଜମି ରହୁଛି।ରାସ୍ତାରେ ପାଣି ଜମି ରହିବା କଥା ତ ବୁଝାପଡୁଛି ହେଲେ ପ୍ରାୟ ବର୍ଷା ପାଣି ଯାଇ ଗ୍ରାମରେ ଥିବା ଅଙ୍ଗନବାଡ଼ିକେନ୍ଦ୍ର ସମ୍ମୁଖରେ କୃତ୍ରିମ ବନ୍ଧ ସୃଷ୍ଟି ହେଇଛି। ଫଳରେ ଅଙ୍ଗନବାଡି ଦିଦିଙ୍କ ସମେତ କେନ୍ଦ୍ରରେ ପାଠ ପଢ଼ିବା ପାଇଁ ଯାଉଥିବା ଛୋଟ ଛୋଟ ପିଲାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପିଲାମାନେ ଛାତିଏ ପାଣି ପାର ହୋଇ କେନ୍ଦ୍ରକୁ ଯାଉଛନ୍ତି।ଉକ୍ତ ସମସ୍ୟା ଉପରେ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି କେସିଙ୍ଗା ବ୍ଲକ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କିଛି ସମାଧାନ ହେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଶେଷରେ ଗ୍ରାମବାସୀଙ୍କ ସମେତ କିଛି ସ୍ୱୟଂ ସହାୟକ ଗୋଷ୍ଠୀର ମାଁମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ସମସ୍ୟାର ସମାଧାନ ପାଇଁ ଲିଖିତ ଅଭିଯୋଗ କରିଥିଲେ ହେଲା ବର୍ଷା ଋତୁ ସାରିବାକୁ ବସିଲାଣି କିନ୍ତୁ ଆଜି ପର୍ଯ୍ୟନ୍ତ ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖରେ ଥିବା କୃତ୍ରିମ ବନ୍ଧ ଉପରେ ନା ନିର୍ବାଚିତ ପ୍ରତିନିଧିଙ୍କ ନଜର ପଡୁଛି ନା ସ୍ଥାନୀୟ ଅଧିକାରୀଙ୍କ ନଜର ପଡୁଛି। ଯଥା ଶୀଘ୍ର ଅଙ୍ଗନବାଡି କେନ୍ଦ୍ର ସମ୍ମୁଖରେ ଥିବା କୃତ୍ରିମବନ୍ଧରୁ ପାଣିକୁ ନିଷ୍କାସନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ନୂତନ ଜିଲ୍ଲା ସିଆରସିସି ଫୋରମ୍ ଗଠନ



**ନୂଆପଡ଼ା/କୋମନା, ୧୪।୯ (ସମିସ):** ରବିବାର ଦିନ କୋମନା ବ୍ଲକ ଜଡ଼ାମୁଣ୍ଡା ଡ୍ୟାମ ଡାକ ବଙ୍ଗଳା ପରିସରରେ ନୂଆପଡ଼ା ଜିଲ୍ଲା ସିଆରସିସି ଫୋରମ ଗଠନ ଓ ପ୍ରାରମ୍ଭିକ ବୈଠକ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପସ୍ଥିତ ଥିଲେ ନୂଆପଡ଼ା ଜିଲ୍ଲାର ସମସ୍ତ ବ୍ଲକ ଅନ୍ତର୍ଗତ ସମସ୍ତ କ୍ଲଷ୍ଟରର ସିଆରସିସି। ମାଁ ସରସ୍ୱତୀଙ୍କ ପୂଜନ ପରେ ଆରମ୍ଭ ହେଇଥିବା ବୈଠକର ସଭାପତିତ୍ୱ କରିଥିଲେ ଖଡ଼ିଆଳ ବ୍ଲକ ସିଆରସିସି ଫୋରମ ସଭାପତି ଖଗେଶ୍ୱର ବାଗ। ବୈଠକରେ ସମସ୍ତ ବ୍ଲକର ସିଆରସିସି ସଂଘର ସଭାପତିମାନେ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ଲଖନା କ୍ଲଷ୍ଟର ସିଆରସିସି ସହଦେବ ନନ୍ଦ। ଗଣ ମାଧ୍ୟମ ସଂଯୋଜକ ଭବତୋଷ ଦାଶ ଜିଲ୍ଲାସ୍ତରୀୟ ସଂଘର ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। ବୈଠକ ପରେ ଫୋରମ୍ ଗଠନ ପାଇଁ ହେଇଥିବା ନିର୍ବାଚନ ରେ ବିଭିନ୍ନ ପଦବୀ ପାଇଁ ନିର୍ବାଚିତ ହୋଇଥିଲେ।ଜିଲ୍ଲା ସଭାପତି ଭାବେ ଗୁଣ ସାଗର ଭୋଇ, ଜିଲ୍ଲା ଉପସଭାପତି ମିତ୍ରବାଦି ମଲ୍ଲିକ, ଜିଲ୍ଲା ସମ୍ପାଦକ ଭାବେ ମହେନ୍ଦ୍ର ବାଗ, ଜିଲ୍ଲା ଯୁଗ୍ମ ସମ୍ପାଦକ ଉତ୍ତମ ପ୍ରସାଦ ମହାଉତୀ, ଜିଲ୍ଲା କୋଷାଧ୍ୟକ୍ଷ ପରସରାମ ଅହିର, ଜିଲ୍ଲା କାର୍ଯ୍ୟକାରୀ ସଭାପତି କମଳାକାନ୍ତ ଦାଶ, ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଭବତୋଶ ଦାଶ, ନୂଆପଡ଼ା ବ୍ଲକ ସଂଯୋଜକ ପ୍ରଶାନ୍ତ କୁମାର ରାଉତ, କୋମନା ବ୍ଲକ ସଂଯୋଜକ ଅପୂର୍ବ ରଞ୍ଜନ ଭଞ୍ଜ, ଖଡ଼ିଆଳ ବ୍ଲକ ସଂଯୋଜକ ବିଶ୍ୱାମିତ୍ର ବନଛୋର, ବୋଡ଼େନ ବ୍ଲକ ସଂଯୋଜକ ବିଶିକେଶନ ନାୟକ ଏବଂ ସିନାପାଲି ବ୍ଲକ ସଂଯୋଜକ ଭାବରେ ଜଗଦୀଶ ତାଣ୍ଡିଙ୍କୁ ମନୋନୀତ କରାଯାଇଛି।

# ଗୋଷ୍ଠୀ ଶୌଚାଳୟ ଉଦ୍‌ଘାଟିତ

**ଜୟପାଟଣା, ୧୪।୯ (ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ତହସିଲ କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ଶୌଚାଳୟ ର ଉଦଘାଟନ କରିଛନ୍ତି ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ।ବହୁ ଦିନରୁ ଅନେକ ଲୋକେ ଜୟପାଟଣା ଟାଉନ ପରିସରରେ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ ପାଇଁ ଦାବିକରି ଆସୁଥିଲେ।ଯାହାକୁ ଦୃଷ୍ଟିରେ ରଖି ବିଧାୟକ ଶ୍ରୀ ଦିଶାରୀ ଶୌଚାଳୟ ନିର୍ମାଣ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦରୁ ଅନୁଦାନ ଦେଇଥିଲେ।ବର୍ତ୍ତମାନ ଶୌଚାଳୟ ହେବା ପରେ ମହିଳା, ସ୍କୁଲ କଲେଜ ଛାତ୍ରଛାତ୍ରୀ, ବସ୍‌ଯାତ୍ରୀ ତଥା ଜୟପାଟଣାକୁ ଆସୁଥିବା ଅନେକ ଲୋକେ ସୁବିଧା ପାଇବେ ବୋଲି ଆଶା କରାଯାଉଛି।କାର୍ଯ୍ୟକ୍ରମରେ ସମିତି ରଶ୍ମିତା ଦିରିଆ, ସରପଞ୍ଚ ମୌସୁମୀ ଦଙ୍ଗରୀ, ଜିଲ୍ଲା ପରିଷଦ ସଭ୍ୟ ମଧୁମିତା ରାଉତ, ଜିଲ୍ଲାପରିଷଦ ସଭ୍ୟ ୨ ଦେବପୁଝାରି, ସଞ୍ଜୟ ପଣ୍ଡା, ଦିଲୀପ ରାଉତ, ଜିତେନ୍ଦ୍ର ନାରାୟଣ ସିଂ ଦେଓ, ସତ୍ୟନାରାୟଣ ଅଗ୍ରୱାଲ, ମିନ କେତନ ପୁଝାରୀ, ଅନିଲ ସାହୁ, ଦିବ୍ୟାନନ୍ଦ ରାଉତ ରାଏ ସହିତ ଅଞ୍ଚଳର ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।



## ବିପଦ ସାଜିଛି ରାସ୍ତାକଡ଼ ଶୁଖିଲା ଗଛ

# ଦେଖି ଅଣଦେଖା କରୁଛି ବିଭାଗ



**ଥୁଆମୂଳରାମପୁର, ୧୪।୯ (ସମିସ):** ରାସ୍ତା କଡରେ କାଳ ସାଜି ଠିଆ ହେଇଛି ବିପଦ।କେତେବେଳେ କେଉଁ ଅଘଟଣ ଘଟିବ ତାହାକୁ ନେଇ ରାସ୍ତାରେ ଯାତାୟତ କରୁଥିବା ପଥାଚାରୀଙ୍କ ମନରେ ଏଭଳି ଆଶଙ୍କା ଦେଖାଦେଇଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ମୁଖ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା କଡର ବିଭିନ୍ନ ସ୍ଥାନରେ ବଡବଡ ଶୁଖିଲା ଗଛ ବିପଦ ସାଜି ଠିଆ ହୋଇଥିବା ଦେଖିବାକୁ ମିଳିଛି।ଥୁଆମୂଳ ରାମପୁର ବ୍ଲକ ମୁଖ୍ୟାଳୟର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ପୁରୁଣା ବନ ବିଭାଗ କାର୍ଯ୍ୟାଳୟ ପାଚେରି ବାହାରେ ଏକ ବଡ ଗଛଟି ଦୀର୍ଘଦିନରୁ ଶୁଖିଲା ଅବସ୍ଥାରେ ଠିଆ ହୋଇରହିଛି। ଜନଗହଳି ପୂର୍ଣ୍ଣ ସ୍ଥାନ ଯେଉଁଠି ଦୋକାନ ବଜାର, ମନ୍ଦିର ସହିତ ନିକଟରେ ରହିଛି ମୁଖ୍ୟ ଛକ। ସବୁବେଳେ ବହୁ ଗାଡିମୋଟର ଏବଂ ଲୋକେ ଯାତାୟତ କରିଥାନ୍ତି।ଯାହା ସମସ୍ତଙ୍କ ପାଇଁ ବିପଦର ଆଶଙ୍କା ସୃଷ୍ଟି କରୁଛି।ଏଥିସହିତ ଥୁଆମୂଳ ରାମପୁର ଠାରୁ ରାୟଗଡ଼ା କାଶୀପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା କାଠକୁରା ସାହୁ ଜଙ୍ଗଲ କଡରେ ମଧ ବିରାଟ ଶୁଖିଲା ଗଛ ପଥାଚାରୀଙ୍କ ପାଇଁ ବିପଦ ସାଜି ଠିଆହୋଇଛି।ଏହାକୁ ହଟାଇବା ପାଇଁ ନା ବନ ବିଭାଗ ଗୁରୁତ୍ୱ ଦେଉଛି ନା ପୂର୍ତ୍ତ ବିଭାଗ ଦୃଷ୍ଟି ଦେଉଛି। ରାସ୍ତାକଡର ଏହି ଗଛ ଗୁଡିକୁ ତୁରନ୍ତ କାଟା ନଗଲେ କୌଣସି ଅଘଟଣ ଘଟିଲେ ଏଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ଉଠିଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ବିଜେଡିର ସମନ୍ୱୟ ବୈଠକ

# ଜିଲ୍ଲା ପରିଷଦ ଓ ବ୍ଲକ୍ ସଭାପତିଙ୍କ ସହ ମୁକ୍ତ ବିଚାର



**ଭବାନୀପାଟଣା, ୧୪।୯ (ସମିସ):** ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ କଳାହାଣ୍ଡି ଜିଲ୍ଲା ବିଜେଡି ସଭାପତି ଭାବରେ ଦାୟିତ୍ୱ ନେଲା ପରେ ରବିବାର ପ୍ରଥମ ସାଂଗଠନିକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବିଜେଡି ଜିଲ୍ଲା ପରିଷଦ ସଦସ୍ୟ ଓ ବ୍ଲକ ସଭାପତିମାନଙ୍କୁ ନେଇ ବିଜେଡିର ଏକ ସମନ୍ୱୟ ବୈଠକ ରିଷଗାଁ ପାଖ ଆଦିବାସୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତୃଣମୂଳସ୍ତରରେ ସଂଗଠନକୁ ସୁଦୃଢ କରିବା ସହିତ ସାଧାରଣଲୋକଙ୍କ ସମସ୍ୟା ସହିତ ଜଡ଼ିତ ହେବାପାଇଁ ଜିଲ୍ଲା ବିଜେଡି ସଭାପତି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀ, ନର୍ଲା ବିଧାୟକ ମନୋରମା ମହାନ୍ତି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର, ଜିଲ୍ଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ମହିଳା ସଭାନେତ୍ରୀ ଲଳିତା ନାଏକ, ଯୁବ ବିଜେଡି ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ବରିଷ୍ଠ ବିଜେଡି ନେତା ଟିକେଲାଲ ସାହୁ, ବଦ୍ରିନାରାୟଣ ପଟ୍ଟନାୟକ, ଜୁନାଗଡ଼ ବିଧାୟକ ପ୍ରତିନିଧି ଦିନେଶ ବଗର୍ତ୍ତି, ପିତବାସ ବେହେରା, ଶିବା ସାହୁ, ସମସ୍ତ ବିଜେଡି ଜିଲ୍ଲା ପରିଷଦ ସଭ୍ୟ, ବ୍ଲକ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

# ମଣିଷର ଚାରିତ୍ରିକ ଶୁଦ୍ଧତା ପାଇଁ ଉଦ୍‌ବୋଧନ ଏକାନ୍ତ ଜରୁରୀ

**ଭବାନୀପାଟଣା, ୧୪।୯ (ସମିସ):** ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଓ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମରେ ଭାରପ୍ରାପ୍ତ କୁଳପତି ଡ.ନିବେଦିତା ନାଥଙ୍କ ସଭାପତିତ୍ୱରେ 'ଉଦ୍‌ବୋଧନୀ' ଶୀର୍ଷକରେ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ମଣିଷର ଚାରିତ୍ରିକ ଶୁଦ୍ଧତା ପାଇଁ ଉଦବୋଧନ ଏକାନ୍ତ ଜରୁରୀ ବୋଲି କହିଥିଲେ। ଇଞ୍ଜିନିୟର ନିରଞ୍ଜନ ପଧାନ, ସମ୍ପାଦକ, ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, କଳାହାଣ୍ଡି ସ୍ୱାଗତ ଅଭିଭାଷଣ ପ୍ରଦାନ କରି ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ। ଡ. ଛାୟାକାନ୍ତ ଷଡଙ୍ଗୀ ବକ୍ତାରୂପେ ଉପସ୍ଥିତ ହୋଇ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭିତ୍ତି ମାଧ୍ୟମରେ ଉଦ୍‌ବୋଧନୀର ଗୁରୁତ୍ୱ ବୁଝାଇଥିଲେ। ମାନବିକତାର ମୂଲ୍ୟବୋଧ ଓ ଆଦର୍ଶବାଦ ଉପରେ ତାତ୍ତ୍ୱିକ ବ୍ୟାଖ୍ୟା କରିଥିଲେ। ବୈଦିକ ମନ୍ତ୍ର ଓ ବନ୍ଦେ ମାତରଂ କମ୍ପ୍ୟୁଟର ବିଜ୍ଞାନ ବିଭାଗର ଅଧ୍ୟାପିକା ସୁଶ୍ରୀ ଲିପସା ମହାରଣା ଆବୃତ୍ତି କରିଥିବାବେଳେ ଛାତ୍ରୀ ଦିପ୍ତିସୁଧା ଦଣ୍ଡସେନା ସ୍ୱଦେଶ ମନ୍ତ୍ର ଉଚ୍ଚାରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. କୈଳାସଚନ୍ଦ୍ର ଦାସ ପରାଚାଳନା କରିଥିବାବେଳେ ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ସିମାଞ୍ଚଳ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।ଶେଷରେ ବକ୍ତା ଛାତ୍ରଛାତ୍ରୀଙ୍କ ପ୍ରଶ୍ନର ଉତ୍ତର ଦେଇ ସଂଶୟ ମୋଚନ କରିଥିଲେ। ଉକ୍ତ ବକ୍ତୃତାମାଳାରେ ସୁଧାଂଶୁ ଶେଖର ନେଗୀ, ଡ.ହଳଧର ସାହୁ ତଥା ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




# ପଞ୍ଚାୟତସ୍ତରୀୟ ଯୁବ ଯାଦବ ସଂଗଠନ ବୈଠକ

**ନୂଆପଡ଼ା/କୋମନା, ୧୪।୯ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ପେଣ୍ଡରାବନ୍ଧ ପଞ୍ଚାୟତର ଧାନ ମଣ୍ଡିଠାରେ ପଞ୍ଚାୟତସ୍ତରୀୟ ଯୁବ ଯାଦବ ସଂଗଠନ ପେଣ୍ଡରାବନ କେନ୍ଦ୍ର ଉପସଭାପତି କହ୍ନେଇ ସଗରିଆଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ମୁଖ୍ୟ ଉଦ୍ଦେଶ୍ୟ ପଞ୍ଚାୟତସ୍ତରୀୟ ଯୁବ ସଂଗଠନ ଓ ଓବିସିମାନଙ୍କ ହକ, ଅଧିକାର ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ କୋମନା ବ୍ଲକ ସମ୍ପାଦକ ଯୋଗେନ୍ଦ୍ର ବାଗ, କୋମନା ବ୍ଲକ ଉପସଭାପତି ପବିତ୍ର ପୋଡ଼, ଜିଲ୍ଲା ଯୁବ ଯାଦବ ପ୍ରତିନିଧି ତୁଷାର ନିଆଲ, ତୋଫାନ ରଞ୍ଜନ ନିଆଲ, ରଜନା ସରପଞ୍ଚ କ୍ଷିରସିନ୍ଧୁ ଭୋଇ, ଯୁବ ସଭାପତି କାର୍ତ୍ତିକ ବାଗ, ବଳବନ୍ତ ଘିବେଲା, ରଞ୍ଜନ ଘିବେଲା, ସମ୍ପାଦକ ଲଳିତ କୁମାର ନିଆଲ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ମଞ୍ଚାସୀନ ଅତିଥି ଯାଦବ ସମାଜର ସଂଗଠନ ପ୍ରକ୍ରିୟା ଓ ଆଗାମୀ ଦିନରେ ସମସ୍ତ ପଞ୍ଚାୟତରେ ଯୁବ ସଂଗଠନ ସୁଦୃଢ଼ କରିବା ଓ ଆମର ଓବିସି ହକ, ଅଧିକାର ପାଇଁ ସଚେତନତା ଉପରେ ମତାମତ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପେଣ୍ଡରାବନ୍ଧ ଗ୍ରାମପଞ୍ଚାୟତର ଯୁବ ସଭାପତି ଭାବେ ନବୀନ ବାଗ, ଉପସଭାପତି ଦେବାନନ୍ଦ ବାଗ, ରିଖିରାମ ହଂସ, ସମ୍ପାଦକ ଭାବେ ବିଶ୍ରାମ ବାଗ, ଯୁଗ୍ମ ସମ୍ପାଦକ ଧବଳେଶ୍ୱର ହାତୀ, କୋଷାଧ୍ୟକ୍ଷ ଧର୍ମେନ୍ଦ୍ର ବାଗ ମନୋନୀତ ହୋଇଥିଲେ। ଶେଷରେ ସମସ୍ତ ନବ ନିର୍ବାଚିତ ପଦାଧିକାରୀଙ୍କୁ ସପଥ ପାଠ କରାଯାଇଥିଲା।ମଞ୍ଚ ପରିଚାଳନାରେ ସତ୍ୟାନନ୍ଦ ବେମାଲ, ପ୍ରଭୁଲାଲ, କ୍ଷୀରସିନ୍ଧୁ, ଧନେଶ୍ୱର, ଗାନ୍ଧୀ ଲାଲ, ନନ୍ଦ ହଂସ, ଧବଳେଶ୍ୱର, ପୂର୍ଣ୍ଣ ପୋଡ଼ ଓ ପେଣ୍ଡରାବନ କେନ୍ଦ୍ର ସମସ୍ତ କେନ୍ଦ୍ରର ସଭ୍ୟ ଓ ଯୁବକମାନେ ଯୋଗ ଦେଇଥିଲେ।



## ପ୍ରାଥମିକ ଶିକ୍ଷକ ସଂଘର ଭେଟ୍‌ଘାଟ କାର୍ଯ୍ୟକ୍ରମ

# ଭାଇଚାରା ସମ୍ପର୍କକୁ ସୁଦୃଢ କରେ ନୂଆଁଖାଇ ଭେଟ୍‌ଘାଟ୍

**କୋକସରା, ୧୪।୯ (ସମିସ)**

ପ୍ରକୃତି ସହ ମଣିଷର ସମ୍ପର୍କ କାହିଁ କେଉଁ କାଳରୁ ରହି ଆସିଛି। ମଣିଷ ପ୍ରକୃତିର ଉପାସନା କରି ପୂଜା କରିଆସୁଛି।ପଶ୍ଚିମ ଓଡ଼ିଶାରେ ପାରମ୍ପରିକ ରିତୀନିତୀ, ଚଳଣି ଏବଂ ପୂଜାପାର୍ବଣର ସ୍ୱତନ୍ତ୍ରତା ରହି ଆସିଛି।ତେବେ ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ହେଉଛି ନୂଆଁଖାଇ। ଏହି କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ସରିବା ପରେ ଆରମ୍ଭ ହୋଇଥାଏ ନୂଆଁଖାଇ ଭେଟ୍‌ଘାଟ।ଭେଟ୍‌ଘାଟ କାର୍ଯ୍ୟକ୍ରମ ହେଉଛି ସମ୍ପର୍କକୁ ସୁଦୃଢ କରିବା ସହିତ ମଜଭୁତ କରିବାର ଅନନ୍ୟ ଏକ ପର୍ବ। ଏହି ଅବସରରେ ସମସ୍ତ ଶିକ୍ଷକ ଏକତା ସୁତ୍ରରେ ବାନ୍ଧି ହେବା ପାଇଁ ରବିବାର କୋକସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଆମପାଣି ଧାନ ମଣ୍ଡି ପରିସରରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଧୁମଧାମରେ ଅନୁଷ୍ଠିତ ହୋଇଛି। ପ୍ରଥମେ କଳାହାଣ୍ଡିର ଆରଧ୍ୟ ଦେବତା ଆମପାଣିର ବୁଢ଼ାରଜା ଦେବଙ୍କ ପୀଠରୁ ପୂଜାର୍ଚ୍ଚନା କରି



ଶିକ୍ଷକଶିକ୍ଷୟିତ୍ରୀମାନେ ବିଭିନ୍ନ ପାରମ୍ପାରିକ ନୃତ୍ୟ ଓ ବାଦ୍ୟ ଗ୍ରହଣରେ ଶୋଭାଯାତ୍ରା ବାହାରି ମଞ୍ଚ ନିକଟରେ ପହଞ୍ଚିଥିଲେ। ପରେ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟିଙ୍କ ସଭାପତିତ୍ୱରେ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲେ। ଏଥିରେ କୋକସରା ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀ ମୁଖ୍ୟବକ୍ତା, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ, ଧର୍ମଗଡ଼ ବିଧାୟକଙ୍କ କୋକସରା ପ୍ରତିନିଧି ତ୍ରିନାଥ ଶବର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି କ୍ରମରେ ସାମୂହିକ ନାବାନ୍ନ ଭକ୍ଷଣ କରିବା ସହ ପରସ୍ପର ଭିତରେ ନୂଆଁଖାଇ ଜୁହାର ଜଣାଇବା ସହ ଭୋଟ୍‌ଘାଟ ହୋଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହିକ୍ରମରେ ୮ଜଣ ଅବସରପ୍ରାପ୍ତ ଶିକ୍ଷକ, ବିଭିନ୍ନ କ୍ଲଷ୍ଟର କାର୍ଯ୍ୟରତ ଶିକ୍ଷକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇଥିବା ଛାତ୍ରଛାତ୍ରୀଙ୍କୁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ମଞ୍ଚକୁ ଶିକ୍ଷକ କ୍ଷୀରସିନ୍ଧୁ ବାଣୁଆ, ଭାଗ୍ୟବାନ ବାଗ ଓ ଯଶୋଧାରା ବାଗ ସଂଯୋଜନା କରିଥିଲେ। ବରିଷ୍ଠ ଶିକ୍ଷକ ସଞ୍ଜିବ କୁମାର ପାଢ଼ୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଶିକ୍ଷକ ଇଶ୍ୱରୀ ପ୍ରସାଦ ଅଗସ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସିଆରସିସି ବୈକୁଣ୍ଠ ଜାଲ, କେଦାରନାଥ ନାଏକ, ଶିକ୍ଷକ ରଞ୍ଜିତ ଖମାରୀ, ଚନ୍ଦ୍ର ମୋହନ ପୁଝାରୀ, ବେଣୁଧର ନାଏକ, ରତିକାନ୍ତ ଗୌଡ, ଏମ୍‌ଏନ୍ ପଦ୍ମଲୋଚନ ସାହୁ, ପଞ୍ଚାନନ ମାଝୀ, ଦେବିସିଂ ମାଝୀ, ଗଗନ ବିହାରୀ ପଟ୍ଟନାୟକ, ନିବେଦିତା ପୁଷ୍ଟି, ରତିକାନ୍ତ ମହାରଣା, ଜନ୍ମେଜୟ ନାଏକ, ବିରଞ୍ଚି ବାଗ, ଅର୍ଚ୍ଚନା ଦଳେଇ, ପ୍ରଭାକର ଖୁଟୁଆ, ବବ୍ରୁ ବାହାନ ବିଶି ସମେତ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।


# ସେବାପକ୍ଷ ସପ୍ତାହ ପାଳନ ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ

**କେସିଙ୍ଗା, ୧୪।୯ (ସମିସ):** ଆସନ୍ତା୧୭ ତାରିଖ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିନ ଅବସରରେ ବିଜେପି ପକ୍ଷରୁ ସେବା ପକ୍ଷ ସପ୍ତାହ ଆୟୋଜନ କରାଯାଇଛି। ଏଥିପାଇଁ କେସିଙ୍ଗା ବିଜେପି ପ୍ରସ୍ତୁତି ବୈଠକ କରି କାର୍ଯ୍ୟଖସଡ଼ା ପ୍ରସ୍ତୁତି କରିଛି। ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଅବସରରେ କେସିଙ୍ଗା ମେଡିକାଲରେ ରୋଗୀଙ୍କୁ ଫଳବଣ୍ଟନ ୨୭ ତାରିଖ ଦିନ ସ୍ଥାନୀୟ ଗୋଶାଳାରେ ବୃକ୍ଷ ରୋପଣ ପାଇଁ ସ୍ଥିର କରାଯାଇଛି।ସେହିପରି ସହରରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସେବାପକ୍ଷ କମିଟିର ମୁଖ୍ୟ ଅନାମ ନାଏକ ପ୍ରକାଶ କରିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ଟାଉନ ସଭାପତି



ପୂର୍ବତନ ବିଧାୟକ ଅନାମ ନାଏକଙ୍କ ନେତୃତ୍ୱରେ କେସିଙ୍ଗା ବିଜେପି କାର୍ଯ୍ୟାଳୟରେ ଏ ସମ୍ବନ୍ଧରେ ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି।୧୭ ତାରିଖରେ ତେରାପନ୍ଥ ଭବନରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବ ଶିବିରର ଦାୟିତ୍ୱ ଆନନ୍ଦ ସାଗର ଜୈନ ଓ କମଳାକାନ୍ତ ସାହୁଙ୍କୁ ଦିଆଯାଇଥିବା ବେଳେ ୨୦ ତାରିଖ ଦିନ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ କେସିଙ୍ଗା ୱାର୍ଡ ନ ୩ ରୁ ୱାର୍ଡ ନ ୪ ପର୍ଯ୍ୟନ୍ତ ରାସ୍ତା ସଫେଇ, ୨୫ ତାରିଖ ଦିନ ପିଙ୍କୁ ପରିଡ଼ା, ସମ୍ପାଦକ ଯୁଗଳ କିଶୋର ଦୀପ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ, ଜିଲ୍ଲା ସମ୍ପାଦକ ସନ୍ତୋଷ ଦାସ, ପୂର୍ବତନ ଟାଉନ ସଭାପତି ପ୍ରଶାନ୍ତ ବାନାର୍ଜୀ, ଟାଉନ ଉପ ସଭାପତି ପ୍ରିତେଶ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।ଶେଷରେ ସଭାପତି କେସିଙ୍ଗା ବିଜେପି ନଗର କମିଟିର ସମସ୍ତ ସଦସ୍ୟ, କାର୍ଯ୍ୟକର୍ତ୍ତା, ସମସ୍ତ ବୁଥ, ୱାର୍ଡ ସଭାପତି ତଥା ସମସ୍ତ ଅଞ୍ଚଳବାସୀଙ୍କୁ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିବା ପାଇଁ ଅନୁରୋଧ କରିଛନ୍ତି।

# ସମ୍ପାଦକୀୟ



ଧର୍ମଧାରଣା ବିଶ୍ୱାସରୁ ଜନ୍ମନିଏ ଏବଂ ବିଶ୍ୱାସ ଜନ୍ମନିଏ ସୀମାବଦ୍ଧ ଚିନ୍ତାଧାରାରୁ।
-ଜିଡୁ କ୍ରିଷ୍ଣମୂର୍ତ୍ତି

ସକାଳ
THE SAKALA

## ବାଣ ବିପଦ

ବାଣ କେବଳ ଆଉ ପାର୍ବଣର ମନୋରଞ୍ଜନ କିମ୍ବା ଉତ୍ସବ ପାଳନରେ ସୀମିତ ନାହିଁ। ଏହା ଏକ ପ୍ରାଣଘାତୀ ପ୍ରତିଯୋଗିତାରେ ପରିଣତ ହୋଇସାରିଛି। ଦୀପାବଳୀ ସମୟରେ ଦେଶର ରାଜଧାନୀ ଦିଲ୍ଲୀର ବାୟୁମଣ୍ଡଳ ବିଷପ୍ରକୋଷ୍ଠ ଭଳି ହୋଇଯାଉଥିବା ବେଳେ କ୍ରମଶଃ ଅନ୍ୟାନ୍ୟ ମେଟ୍ରୋସହରର ଆତସବାଜୀ ଜନିତ ପ୍ରଦୂଷଣସ୍ଥିତି ସେହି ସ୍ତରକୁ ଚାଲିଗଲାଣି। ଏହାଛଡ଼ା ବାଣର ବୁକୁଫଟା ଶବ୍ଦରେ କେତେ ଯେ ପ୍ରାଣ ଯାଉଛି ତାହାର ସରକାରୀ ହିସାବ ନାହିଁ। ବାଣର ଏହି ପ୍ରାଣଘାତୀ ପରିଣାମକୁ ଗୁରୁତ୍ୱ ଦେବାକୁ କେହି ପ୍ରସ୍ତୁତ ଥିବା ଭଳି ଲାଗୁନାହିଁ। ଏହି ପରିପ୍ରେକ୍ଷୀରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଉଦ୍‌ବେଗ ପ୍ରକାଶ ଏବଂ ସମଗ୍ର ଦେଶରେ ବାଣକୁ ନିଷେଧ କରିବା ଲାଗି ଦେଇଥିବା ପରାମର୍ଶ ଯଥାର୍ଥ ଓ ସ୍ୱାଗତଯୋଗ୍ୟ।

ବାଣ ଫୁଟା ଜନିତ ଭୟଙ୍କର ପରିବେଶ ପ୍ରଦୂଷଣକୁ କିଛିମାତ୍ରାରେ ନିୟନ୍ତ୍ରଣ କରିବା ପାଇଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଗତବର୍ଷ ଦିଲ୍ଲୀ ମହାନଗରରେ ସମ୍ପୂର୍ଣ୍ଣ କଟକଣା ଜାରି କରିଥିଲେ। କଟକଣା ମାନିବା ଦୂରେ ଥାଉ ଦିଲ୍ଲୀ ସମେତ ଦେଶରେ ରେକର୍ଡ ସଂଖ୍ୟକ ବାଣ ଫୁଟିଥିଲା। ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ି ନଥିଲା। ଦ୍ୱୈତନଗରୀରେ ଦୀପାବଳୀ ଦିନ ରାତି ତିନିଟା ପରେ, ଏପରିକି ଦୀପାବଳୀ ଆଗଦିନ ରାତି ୧୨ଟା ପର୍ଯ୍ୟନ୍ତ ବାଣ ଫୁଟିବା ଶୁଣିବାକୁ ଓ ଦେଖିବାକୁ ମିଳିଥିଲା। ସତେଯେମିତି ସର୍ବୋଚ୍ଚ ଅଦାଲତଙ୍କ ଉଦ୍‌ବେଗ ପ୍ରତି ବାଣପ୍ରେମୀଙ୍କ କୌଣସି ଆନ୍ତରିକତା ନଥିଲା। ଏହାପଛର କାରଣ ଦର୍ଶାଗଲା ଯେ ଅଦାଲତଙ୍କ ନିର୍ଦ୍ଦେଶ ଆସିବାର ଯଥେଷ୍ଟ ପୂର୍ବରୁ ଆତସବାଜି ବଜାର ଓ ଗ୍ରାହକଙ୍କ ହାତକୁ ଚାଲିଯାଇଥିଲା। ବାଣ ବିକ୍ରେତାମାନେ ମଧ୍ୟ ଲାଇସେନ୍ସ ପାଇ ସାରିଥିଲେ। ତେଣୁ ଚଳିତ ବର୍ଷ ଯଥେଷ୍ଟ ସମୟ ପୂର୍ବରୁ ସର୍ବୋଚ୍ଚ ଅଦାଲତର ପ୍ରଧାନ ବିଚାରପତି ସତର୍କ ସୂଚନା ଦେଇସାରିଛନ୍ତି। ଏହାର କାର୍ଯ୍ୟକାରିତା ଲୋକ ମାନସିକତା ଉପରେ ନିର୍ଭର କରେ।

ବାଣ ପ୍ରସ୍ତୁତି, ଚାଲାଣ ଓ ବିକ୍ରିବଟା ଉପରେ ସରକାରୀ କଟକଣା ବା ନିଷେଧାଦେଶ ଆଗୁଆ ରହିଲେ ଏହାର ବ୍ୟବହାର କମି ପାରନ୍ତା କିମ୍ବା ଆଦୌ ହୁଅନ୍ତା ନାହିଁ। କିନ୍ତୁ ବାଣ ବଜାର ସହିତ ଜଡ଼ିତ ଅର୍ଥନୀତିକୁ ଦ୍ୱାହି ଦେଇ ଏଭଳି ପଦକ୍ଷେପ ନେବାରେ କୁଣ୍ଠା ପ୍ରକାଶ ପାଉଛି। ଜୀବନ ଥିଲେ ବେପାର ଓ ବଜାର ତିଷ୍ଠି ରହିବ - ଏ କଥା ବାଣପ୍ରେମୀମାନେ ସ୍ମରଣକୁ ଆଣିବା ଦରକାର। ସର୍ବୋପରି ବାଣବଜାର-ଅର୍ଥନୀତି ତୁଳନାରେ ଜୀବନର ମୂଲ୍ୟ କାହିଁ କେତେ ଅଧିକ ମୂଲ୍ୟବାନ - ଏ କଥା ହିଁ ସର୍ବୋଚ୍ଚ ନ୍ୟାୟାଳୟ ପରୋକ୍ଷରେ ପୁଣି ଥରେ ଚେତାଇ ଦେବାକୁ ଚାହିଁଛନ୍ତି। ଆମେ ଯଦି ପରମ୍ପରା ଆଳରେ ସଂଯମର ସୀମା ଉଲ୍ଲଂଘନ କରିବା ଅଦାଲତ କିମ୍ବା ସରକାର ତାହାକୁ ବନ୍ଦ କରିପାରିବେ ନାହିଁ। ଆମ ଚରିତ୍ରର ମନୋରଞ୍ଜନ ଓ ପ୍ରତିଯୋଗିତା ପ୍ରତି ଥିବା ଦୁର୍ବଳ ଦିଗ ସହିତ ଆମକୁ ଅନ୍ୟ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ତା' ନହେଲେ ଆମ ମନୋରଞ୍ଜନର ପ୍ରତିଯୋଗିତା ଅର୍ଥହୀନ ହୋଇ ଗଣମୃତ୍ୟୁର ଘଣ୍ଟି ବଜାଇବ। ଏବେ ସମୟ ଆସିଛି ଆମକୁ ପ୍ରାଣ କିମ୍ବା ବାଣ ମଧ୍ୟରୁ ଗୋଟିଏକୁ ଆପଣେଇ ନେବାକୁ ପଡ଼ିବ।

## ଖବର ତନଖି ଚିନ୍ତା

ନେପାଳର ସଦ୍ୟତମ ଶାସକ ବିରୋଧୀ ବିକ୍ଷୋଭରେ ସାମାଜିକ ଗଣମାଧ୍ୟମର ଭୂମିକାକୁ ନେଇ ବିଶ୍ୱ ଶାସକବର୍ଗ ଚିନ୍ତିତ। ସ୍ୱାଭାବିକ ଭାବେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଓ ସର୍ବାଧିକ ଜନବହୁଳ ଦେଶ ଭାରତ ମଧ୍ୟ ଏହାକୁ ଗୁରୁତ୍ୱର ସହ ନେଇଛି। ସାମାଜିକ ଗଣମାଧ୍ୟମ ଗୁଜବରେ ଭାରତରେ ନେପାଳ ସଦୃଶ ବିକ୍ଷୋଭର ସମ୍ଭାବନା ନଥିଲେ ମଧ୍ୟ ଅଧୁନା କ୍ରମବର୍ଦ୍ଧିଷ୍ଣୁ ବିଭ୍ରାନ୍ତିକର ଓ ମିଥ୍ୟା ଖବର ପ୍ରଚାର ଓ ପ୍ରସାରଣ ଉଦ୍‌ବେଗର କାରଣ ହୋଇଛି। ଦେଶର ସଂହତି, ସାର୍ବଭୌମ, ଅଖଣ୍ଡତା, ସାମ୍ପ୍ରଦାୟିକ ସଦ୍‌ଭାବନା ଓ ଏକତା ପ୍ରତି ମିଥ୍ୟା ଓ ବିଭ୍ରାନ୍ତିକର ଖବରର ନକାରାତ୍ମକ ପ୍ରଭାବକୁ ଦୃଷ୍ଟିରେ ରଖି ଭାରତ ସରକାର ଏ ସଂକ୍ରାନ୍ତ ଆଇନ ଓ କଟକଣା ଜାରି କରିଛନ୍ତି। ତଥାପି ସେଥିରେ ରହିଯାଉଥିବା ବିଭିନ୍ନ ଗଳାବାଟ ଯୋଗୁଁ ଅବୈଧ ଓ ଅନିୟନ୍ତ୍ରିତ ମିଥ୍ୟା ଖବର ପ୍ରଚାର ପ୍ରସାର ବଢ଼ିବାରେ ଲାଗିଛି ଏବଂ ବିଭିନ୍ନ ସମୟରେ ବିଭ୍ରାଟ ସୃଷ୍ଟି କରୁଛି। ଏବେ ପୁଣି ଥରେ ନେପାଳ ଘଟଣାକୁ ଦୃଷ୍ଟିରେ ରଖି ଗଣମାଧ୍ୟମ ଖବର ଉପରେ କଡ଼ା କଟକଣା ଜାରି କରିବା ପାଇଁ ସଂସଦୀୟ ସ୍ଥାୟୀ କମିଟି ସରକାରଙ୍କୁ ସୁପାରିସ କରିଛି। ଏଥିରେ ସାମାଜିକ ଗଣମାଧ୍ୟମ ସହିତ ପାରମ୍ପରିକ ମୁଖ୍ୟସ୍ରୋତର ଗଣମାଧ୍ୟମକୁ ଉତ୍ତରଦାୟୀ କରିବା ସହିତ ପ୍ରସାରିତ/ମୁଦ୍ରିତ ଖବର ଯଦି ମିଥ୍ୟା, ମନଗଢ଼ା କିମ୍ବା ବିଭ୍ରାନ୍ତିକର ପ୍ରମାଣିତ ହୁଏ ତେବେ ସମ୍ପୃକ୍ତ ସଂସ୍ଥାର ସମ୍ପାଦକ ଓ ପ୍ରକାଶକ, ମୁଦ୍ରାକର ଓ ମାଲିକଙ୍କୁ ଯେପରି ଦଣ୍ଡିତ କରାଯାଇପାରିବ ସେଥିଲାଗି ଆଇନରେ ସଂଶୋଧନ ଆଣିବା ଲାଗି କମିଟି ପରାମର୍ଶ ଦେଇଛି।

ଗଣମାଧ୍ୟମରେ ମିଥ୍ୟା ଖବର ପ୍ରସାରଣ ଅଭିଯୋଗ ଏବଂ ତନଖି(ଫ୍ୟାକ୍ଟ ଚେକିଂ) ବ୍ୟବସ୍ଥା ସପକ୍ଷରେ ଯୁକ୍ତି ନୂଆ ନୁହେଁ। ସମୟସମୟରେ କୌଣସି ଖବର ବିଭ୍ରାଟ ବା ସଙ୍କଟ ସୃଷ୍ଟି କଲେ ଏଭଳି ମତାମତ ପ୍ରକାଶ ପାଏ ଏବଂ ସରକାର ତାହାକୁ ଗୁରୁତ୍ୱର ସହ ନିଅନ୍ତି। ଆଇନ୍ କାନୁନ ଓ କଟକଣାକୁ ମାନିବା ପାଇଁ କେତେକ ସଂସ୍ଥା ଫ୍ୟାକ୍ଟ ଚେକିଂ ବ୍ୟବସ୍ଥା ମଧ୍ୟ ଆପଣେଇଛନ୍ତି। କିନ୍ତୁ ସରକାରୀ ତଦାରଖ ବ୍ୟବସ୍ଥାର ଅନୁପସ୍ଥିତି ଯୋଗୁଁ କିଛିଦିନ ପରେ ତାହା ପ୍ରହସନରେ ପରିଣତ ହୋଇଯାଉଛି।

ବସ୍ତୁତଃ ଫ୍ୟାକ୍ଟଚେକିଂ ସହଜସାଧ୍ୟ ବ୍ୟାପାର ନୁହେଁ। ଏଥିରେ ଆଇନଗତ ଜଟିଳତା ସାଙ୍ଗକୁ ପ୍ରଚୁର ମାନବ ସମ୍ବଳ ଓ ଅର୍ଥଶକ୍ତିର ଆବଶ୍ୟକତା ରହିଛି। ଯାହା ପାଖରେ ସ୍ମାର୍ଟଫୋନ୍ ଅଛି ସେ ଯଦି ସାମାଜିକ ଗଣମାଧ୍ୟମରେ କିଛି ବିଷୟରେ ଲେଖିବାକୁ ଇଚ୍ଛା କରେ ଏବଂ ପରିପ୍ରକାଶ କରେ ତାହାକୁ ତନଖି କରିବ କିଏ? ଏସବୁ ବିଷୟବସ୍ତୁ ପ୍ରସାରିତ କରୁଥିବା ମଞ୍ଚ କେତେ ସତର୍କ ହୋଇପାରିବ ଏବଂ କିଭଳି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବ ତାହା ଉପରେ ଫ୍ୟାକ୍ଟ ଚେକିଂ ବ୍ୟବସ୍ଥା ନିର୍ଭର କରେ। ମିଥ୍ୟା ଖବର କେବଳ ଦେଶ ପ୍ରତି ନୁହେଁ, ସମ୍ପୃକ୍ତ ସଂସ୍ଥା ଓ ସାମଗ୍ରିକ ଭାବେ ଗଣମାଧ୍ୟର ବିଶ୍ୱସନୀୟତା ପ୍ରତି ବିପଦ ହୋଇଥିବାରୁ ଫ୍ୟାକ୍ଟ ଚେକିଂ ବ୍ୟବସ୍ଥା ରହିବା ଜରୁରୀ। କିନ୍ତୁ କେବଳ ଆଇନ ଏହାକୁ ସମ୍ଭବ କରିପାରିବ ନାହିଁ। ତେଣୁ ଆନୁସଙ୍ଗିକ ବିକଳ୍ପ ବ୍ୟବସ୍ଥା ବିଷୟରେ ନୀତିନିର୍ଦ୍ଧାରକମାନେ ଚିନ୍ତା କରନ୍ତୁ।

# ଦାମ୍ଭିକ ହାତେ ବିଶ୍ୱ-ଭାଗ୍ୟଡୋରି

**ଡ. ମନୋଜ କୁମାର ମହାନ୍ତି**



ବିଶ୍ୱ ଏକ ଜଟିଳ ପରିସ୍ଥିତି ଦେଇ ଏବେ ଗତି କରୁଛି। ପ୍ରାୟ ସବୁଠି ଯୁଦ୍ଧର ଘନଘଟା। ଶାନ୍ତି-ମୈତ୍ରୀ-ପ୍ରେମ, ଦୟା-କରୁଣା-ଅନୁକମ୍ପାର ସ୍ୱର ଧୀରେଧୀରେ ଉଭେଇଯିବାରେ ଲାଗିଛି। ଲୁହ-ଲହୁ ଏକାସାଥିରେ ବୋହିଚାଲିଛି। ଅହଂକାର ଓ ଜିଦ୍‌ଖୋର ମନୋବୃତ୍ତିର ବୀଜ କେଉଁକାଳରୁ ବିଶ୍ୱର କୋଣଅନୁକୋଣରେ ବପନ ହୋଇସାରିଛି। ସମୟ ସହିତ ତାହା ଅଙ୍କୁରୋଦଗମ୍ ହୋଇ ମହାବୃକ୍ଷର ରୂପ ନେଉଛି। ବିଗତ ଦୁଇରୁ ତିନି ଦଶନ୍ଧି ଧରି ବିଶ୍ୱର ମାନବିକତା ନଷ୍ଟହୋଇ ନରସଂହାର ଭଳି ଘଟଣାମାନ ବଢ଼ିବାରେ ଲାଗିଛି। ରାଜତନ୍ତ୍ରର ସ୍ୱେଚ୍ଛାଚାରୀ ନରସଂହାର ମନୋବୃତ୍ତି ଆଜି ମଧ୍ୟ ଗଣତନ୍ତ୍ରରେ ଦେଖିବାକୁ ମିଳୁଛି।

୨୦୦୧ରୁ ଆରମ୍ଭ ହେଇଥିବା ଆଫଗାନିସ୍ତାନ ଯୁଦ୍ଧର ସୂତ୍ରପାତ ହୋଇଥିଲା ଅଲକାଏଦା ଆତଙ୍କୀଗୋଷ୍ଠୀର ମୁଖ୍ୟ ଓସେମା ବିନ୍ ଲାଦେନ ଦ୍ୱାରା ୯/୧୧ରେ ଆମେରିକାର ବିଶ୍ୱବାଣିଜ୍ୟ କେନ୍ଦ୍ର ଉପରେ ଆକ୍ରମଣ ପରେ। ପ୍ରତିଶୋଧ ପାଇଁ ଆମେରିକା ଦୀର୍ଘଦିନ ପର୍ଯ୍ୟନ୍ତ ଆଫଗାନିସ୍ତାନରେ ଲାଦେନର ଲୁଚିଥିବା ବିଭିନ୍ନ ଠିକଣା ଉପରେ ବୋମା ନିକ୍ଷେପ କରି ଧ୍ୱଂସସାଧନ କରିବାର କାହାଣୀ ଏବେବି ମନେପଡୁଛି। ଇରାକ ସହ ଆମେରିକାର ୨୦୦୩-୨୦୧୧ ପର୍ଯ୍ୟନ୍ତ ଲଢ଼େଇର ପରିଣାମ ହେଲା ଇରାକ ଶାସନଗାଦିରୁ ସଦ୍ଦାମ ହୁସେନଙ୍କୁ ଗାଦିଚ୍ୟୁତ ଏବଂ ପରିଶେଷରେ ଫାଶୀଦଣ୍ଡ। ୨୦୧୧ରୁ ସିରିଆରେ ଲାଗି ରହିଥିବା ଗୃହଯୁଦ୍ଧ ଏଯାଏଁ ବଳବତ୍ତର। ୟେମେନ, ସୁଦାନ, ମିଁଆମାର, ଇଥୋପିଆ, ବାଂଲାଦେଶ ଓ ନେପାଳ ଅଦି ଦେଶରେ ଚାଲିଛି ଗୃହଯୁଦ୍ଧ। ୨୦୨୨ରୁ ଏଯାବତ ରୁଷ-ୟୁକ୍ରେନ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଇସ୍ରାଏଲ୍-ପାଲେଷ୍ଟାଇନ, ଇସ୍ରାଏଲ-ଇରାନ ମଧ୍ୟରେ ଯୁଦ୍ଧର ପରିଣାମ ଅତ୍ୟନ୍ତ ଭୟଙ୍କର। କେହି ଯୁଦ୍ଧରୁ ନିଜକୁ ନିବୃତ୍ତ ରଖିବାକୁ ଚାହୁଁନାହାନ୍ତି।

ରୁଷର ଭୟଙ୍କର ଆକ୍ରମଣ ସହ ୟୁକ୍ରେନର ପ୍ରତିଆକ୍ରମଣ ଯୁଦ୍ଧକୁ ଆହୁରି ଲମ୍ବିତ କରୁଛି। ନିଜର ସର୍ବସ୍ୱକୁ ହରେଇଲା ପରେ ବି ୟୁକ୍ରେନ କୌଣସି ପରିସ୍ଥିତିରେ ନା ପରାଜୟକୁ ସ୍ୱୀକାର କରୁଛି ନା ଆତ୍ମସମର୍ପଣ ପାଇଁ ଇଚ୍ଛା ପ୍ରକାଶ କରୁଛି। ଆମେରିକା ଓ ନାଟୋ ସଦସ୍ୟ ଦେଶର ସହଯୋଗରେ ରୁଷର ଅହଙ୍କାରକୁ ଭାଙ୍ଗିବା ପାଇଁ ୟୁକ୍ରେନର ପ୍ରଚେଷ୍ଟା ଜାରିରହିଛି। ଅପରପକ୍ଷେ ଶକ୍ତିଶାଳୀ ରୁଷ ତା'ନିଜ ଲକ୍ଷ୍ୟରେ ଅଟଳ। ସେହିପରି ପାଲେଷ୍ଟାଇନର ଅତାଙ୍କୀସଂସ୍ଥା ହମାସର ବାରମ୍ବାର ଇସ୍ରାଏଲ ଉପରେ ଆକ୍ରମଣ ଏବଂ ପ୍ରତ୍ୟୁତ୍ତରରେ ଇସ୍ରାଏଲ ପାଲେଷ୍ଟାଇନର ଗାଜାକୁ ନର୍କରେ ପରିଣତ କରିବା ପରେ ମିଳିତ ଜାତିସଂଘ ଗାଜାରେ ଦୁର୍ଭିକ୍ଷ ଘୋଷଣା କରିଛି। ଏସିଆ ମହାଦେଶର ଆର୍ଥିକ ଶକ୍ତିଶାଳୀ ରାଷ୍ଟ୍ର ଚୀନର ମଧ୍ୟ ବିସ୍ତାର ନୀତି ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଉଭୟ ଗୃହଯୁଦ୍ଧ ଓ ସୀମାବିବାଦରେ ଲିପ୍ତଥିବା ଆର୍ଥିକ ଶକ୍ତିଶାଳୀ ଦେଶମାନଙ୍କ ମଧ୍ୟରେ ଏବେ ବିଶ୍ୱାସର ଘୋର ଅଭାବ। ଦାରିଦ୍ର୍ୟ, ଅଶିକ୍ଷା, ରୋଗ ନିରାକରଣ ପରିବର୍ତ୍ତେ କୂଟନୀତି, ସାମରିକ ଓ ଆଣବିକ ଶକ୍ତି ବିକାଶରେ ଅଧିକାଂଶ ଦେଶ ଲିପ୍ତ।

ଲୋକତନ୍ତ୍ର ଶାସନ ବ୍ୟବସ୍ଥାକୁ ଶେଷ ବିକଳ୍ପଭାବେ ଗ୍ରହଣ କରି ଗଣତନ୍ତ୍ର ରାଷ୍ଟ୍ର ସ୍ଥାପନ ଲାଗି ବିଶ୍ୱ ପ୍ରୟାସ ଆରମ୍ଭ କଲା। ୨୪, ଅକ୍ଟୋବର ୧୯୪୫ରେ ୫୧ଦେଶର ମିଳିତ ଉଦ୍ୟମରେ ସ୍ଥାପିତ ହେଲା ମିଳିତ ଜାତିସଂଘ। ମିଳିତ ଜାତିସଙ୍ଘର ଦୁଇ ଅଙ୍ଗ ନିରାପତ୍ତା ପରିଷଦ ଓ ସାଧାରଣ ସଭା ସମଗ୍ର ବିଶ୍ୱର କଲ୍ୟାଣକୁ ଅଗ୍ରାଧିକାର ଦେବେ ବୋଲି ବୁଦ୍ଧିଜୀବୀମାନେ ଆଶାପୋଷଣ କରିଥିଲେ। ଯଦିଓ ମିଳିତ ଜାତିସଂଘର ପ୍ରଧାନ ଅଙ୍ଗ ଭାବେ ସାଧାରଣ ସଭାର ସଦସ୍ୟ ୧୯୩ଟି ଦେଶ କାର୍ଯ୍ୟରତ, କିନ୍ତୁ ପନ୍ଦର ସଦସ୍ୟଭିତ୍ତିକ ନିରାପତ୍ତା ପରିଷଦ ହିଁ ଜାତିସଂଘର ମୁଖ୍ୟ ନିଷ୍ପତ୍ତି ଗ୍ରହଣକାରୀ ଅଙ୍ଗଭାବେ ଆରମ୍ଭରୁ ପରିଚିତ। ନିରାପତ୍ତା ପରିଷଦର ପନ୍ଦର ସଦସ୍ୟ ମଧ୍ୟରୁ ଦଶ ଅସ୍ଥାୟୀ, ଯେଉଁଥିରେ ଭାରତ ଅନ୍ତର୍ଭୁକ୍ତ।

ରୁଷ୍, ଆମେରିକା, ଫ୍ରାନ୍ସ, ଇଂଲଣ୍ଡ ଓ ଚୀନ- ଏହି ପାଞ୍ଚ ଶକ୍ତିଶାଳୀ ଦେଶ ସ୍ଥାୟୀ ସଦସ୍ୟଭାବେ ଭିଟୋ ପ୍ରୟୋଗ କ୍ଷମତାର ଅଧିକାରୀ। ବିଶ୍ୱକୁ ନିୟନ୍ତ୍ରଣ କରିବାରେ ଏହି ପାଞ୍ଚ ସ୍ଥାୟୀ ସଦସ୍ୟ ସର୍ବେସର୍ବା। କିନ୍ତୁ ନିଜର ବିକାଶ, ଅଭିବୃଦ୍ଧି ସହ ବିଶ୍ୱକୁ ନିଜ ନିୟନ୍ତ୍ରଣରେ ରଖିବା ଲକ୍ଷ୍ୟରେ ଏମାନେ ସମସ୍ତେ ବ୍ୟସ୍ତ। ଯଦିଓ ପରସ୍ପର ମଧ୍ୟରେ ସମୟେ ସମୟେ ତିକ୍ତତା ସୃଷ୍ଟି ହୁଏ ତଥାପି କେହି କାହାକୁ ସିଧାସଳଖ ଆହ୍ୱାନ ଦେବାକୁ ସାହସ କରିପାରନ୍ତି ନାହିଁ। ସ୍ଥାୟୀ ସଦସ୍ୟ ଦେଶ ମଧ୍ୟରେ ନିଜ ସ୍ୱାର୍ଥରେ କାହାର କାଣିଚାଏ ବାଧା ଉପୁଜିଲେ ନିଜ ଅହଙ୍କାରରୂପକ ଭିଟୋ ପ୍ରୟୋଗ କରି ତା'ର ସର୍ବନାଶ କରିବାକୁ ସେମାନେ ପଛାନ୍ତି ନାହିଁ।

ଜାତିସଂଘ ମାଧ୍ୟମରେ ଦାରିଦ୍ର୍ୟତା, ନିରକ୍ଷରତା, ସ୍ୱାସ୍ଥ୍ୟଗତ ସମସ୍ୟାରେ ଜର୍ଜରିତ ଦେଶମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ଗୁରୁତ୍ୱପୂର୍ଣ୍ଣ ସାମାଜିକ ସୁରକ୍ଷା ଓ ବିକାଶ ପାଇଁ ବୃହତ୍ ଆର୍ଥିକ ସହାୟତା ରାଶି ଏହି ପାଞ୍ଚ ସ୍ଥାୟୀ ଦେଶ ଦ୍ୱାରା ଅନୁଦାନ ରୂପେ ମିଳିଥାଏ। ଏଥିରେ ଆମେରିକାର ସହାୟତା ରାଶି ଅଧିକ।

ସ୍ୱାଭାବିକ ଭାବେ ଆର୍ଥିକ ସହାୟତା କରୁଥିବା ବ୍ୟକ୍ତିମାନେ ଯୁଗେଯୁଗେ ସମାଜକୁ ନିଜ ନିୟନ୍ତ୍ରଣରେ ରଖିଥା'ନ୍ତି। ତେଣୁ ନିରାପତ୍ତା ପରିଷଦରେ ଥିବା ସ୍ଥାୟୀ ସଦସ୍ୟମାନେ ନିଜ ନିଜକୁ ଶ୍ରେଷ୍ଠଭାବି ଜାତିସଂଘର ସାଧାରଣ ପରିଷଦରେ ଗୃହୀତ କୌଣସି ନିଷ୍ପତ୍ତିକୁ ଗ୍ରହଣ କରନ୍ତି ନାହିଁ। ପୃଥିବୀର ସାର୍ବଜନୀନ କାର୍ଯ୍ୟକ୍ରମ ନିରାପତ୍ତା ପରିଷଦ ଉପରେ ନିର୍ଭରଶୀଳ। ସେମାନେ ହିଁ ନିର୍ଣ୍ଣୟ କରନ୍ତି ବିଶ୍ୱ ପାଇଁ ଭଲ / ମନ୍ଦ ଏବଂ ଉଚିତ୍ / ଅନୁଚିତ୍। ଅନ୍ତର୍ଜାତୀୟ ନ୍ୟାୟାଳୟର ରାୟକୁ ମଧ୍ୟ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟମାନେ ଅମାନ୍ୟ କରିବାର ଅନେକ ନଜର ଆସିଛି। ଜାତିସଂଘର ମୁଖ୍ୟସଚିବ କେବଳ ନାମକୁ ମାତ୍ର। ତାଙ୍କର ବିଶ୍ୱକୁ ନିୟନ୍ତ୍ରଣ କରିବାର କୌଣସି କ୍ଷମତା ନାହିଁ। କହିବାକୁ ଗଲେ ମିଳିତ ଜାତିସଂଘ ଏକ ନିଃସହାୟ, ନିରୁପାୟ, ଜରାଜୀର୍ଣ୍ଣ ଥୁଣ୍ଟା ବରଗଛ ସଦୃଶ। ଏ ସବୁର ସୁଯୋଗ ନେଇ ବିଶ୍ୱ ଧୀରେଧୀରେ ଅଶାନ୍ତ ଓ ଧ୍ୱଂସାଭିମୁଖେ ଅଗ୍ରସର।

ଆର୍ଥିକ ଶକ୍ତିଶାଳୀ ରାଷ୍ଟ୍ରର ଶାସକମାନେ ବିଶ୍ୱ ଜନସାଧରଣଙ୍କ ଜୀବନ ସହ ଲୁଚକାଳି ଖେଳି ଚାଲିଛନ୍ତି। ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଦେଶକୁ ବୈଶ୍ୱିକ ସଂସ୍ଥା ମାଧ୍ୟମରେ ଆର୍ଥିକ ପ୍ରୋତ୍ସାହନ ଦେବା କେଉଁ ମାନସିକତା ତାହା ବୁଝାପଡୁଛି। ନିଜ ସ୍ୱାର୍ଥ ଓ ଦାଦାଗିରି ଜାହିର କରିବାରେ କିଛି ଦେଶ ନିପୁଣ। ନିଜ ଅସ୍ତ୍ରଶସ୍ତ୍ର ବିକ୍ରିରେ ପ୍ରଚୁର ଅର୍ଥ ଉପାର୍ଜନ କରି ବିଶ୍ୱରେ ନିଜର ହାକିମଗିରି କରିବାର ନିଶାରେ ବୁଡ଼ି ରହିଥିବା ଦେଶ ଦିନେ ନିଜେ ସେଇ ନିଆଁରେ ଜାଳିପୋଡ଼ି ପାଉଁଶ ହୋଇଯିବ ନାହିଁ ତ? ଦାମ୍ଭିକମାନେ ସମସ୍ତଙ୍କ ଭାଗ୍ୟଡୋରୀ ନିଜନିଜ ନିୟନ୍ତ୍ରଣରେ ରଖିବାକୁ ଚାହାନ୍ତି। କିନ୍ତୁ ସେମାନେ ଭୁଲିଯାଆନ୍ତି ଯେ ସେମାନଙ୍କ ଭାଗ୍ୟଡୋରି କାଳହାତେ ବନ୍ଧା।

(ବିଭାଗୀୟ ମୁଖ୍ୟ, ବି. ଏନ. ଏମ୍.ଏ ମହାବିଦ୍ୟାଳୟ),
ଭଦ୍ରକ, ମୋ:୮୮୯୫୩୪୧୦୩୩

# ଅନ୍‌ଲାଇନ୍ ଗେମ୍‌ର ମାୟାଜାଲ

**ପ୍ରିୟତମା ତ୍ରିପାଠୀ**



ମହାଭାରତର ଦ୍ୟୁତକ୍ରୀଡ଼ା ବା ପଶା ଖେଳ କେବଳ ଏକ ସାଧାରଣ ମନୋରଞ୍ଜନ ନୁହେଁ; ଏହା ଥିଲା ଏକ ନିଷ୍ଠୁର ପରୀକ୍ଷଣ। ଯୁଧିଷ୍ଠିରଙ୍କ ପଶା ପ୍ରତି ଅନିୟନ୍ତ୍ରିତ ଆସକ୍ତି, ଆତ୍ମସଂଯମର ଅଭାବ ଏବଂ ଶକୁନିଙ୍କ ଚତୁର ମାନସିକ କୌଶଳ ପାଣ୍ଡବମାନଙ୍କର ରାଜତ୍ୱ, ସାମାଜିକ ସମ୍ମାନ ଓ ପାରିବାରିକ ସ୍ୱାଧୀନତାକୁ ବିନାଶର ମୁହଁକୁ ଠେଲି ଦେଲା। ଏହା ଆମକୁ ଶିକ୍ଷା ଦିଏ ଯେ ଜୁଆରେ ଅତ୍ୟଧିକ ଆସକ୍ତି କିପରି ମାନବୀୟ ଦୁର୍ବଳତାକୁ ଶୋଷଣ କରି ଅନୈତିକ ଲାଭ ପାଇଁ ବ୍ୟବହାର କରେ ଏବଂ ବ୍ୟକ୍ତି ଓ ସମାଜର ମଙ୍ଗଳକୁ ବିପନ୍ନ କରେ। ଏହି ଶିକ୍ଷାର ପ୍ରାସଙ୍ଗିକତା ଆଜିର ଆଧୁନିକ ଓ ଇଣ୍ଟରନେଟ୍ ଯୁଗରେ ଅଧିକ।

ମହାଭାରତ ଯୁଗର ସେହି ଦ୍ୟୁତକ୍ରୀଡ଼ାର ନିଷ୍ଠୁର ଛାୟା ଆଜିର ଡିଜିଟାଲ୍ ଯୁଗରେ ଅନଲାଇନ୍ ଗେମିଂ ଓ ଗ୍ୟାମ୍ବ୍ଲିଂ ଆପ୍‌ର ରୂପ ନେଇ ବିଶ୍ୱବ୍ୟାପୀ ମାୟାଜାଲ ବିସ୍ତାର କରିଚାଲିଛି। ଭର୍ଚୁଆଲ ରିୱାର୍ଡ ଓ ଆଲ୍‌ଗୋରିଦିମ୍ ଗୋଟିରେ ରୂପାନ୍ତରିତ ହୋଇ ଲକ୍ଷ ଲକ୍ଷ ମନକୁ ଅପ୍ରତିରୋଧ ଆକର୍ଷଣରେ ବାନ୍ଧି ରଖୁଛି। ଅନଲାଇନ୍ ଗେମିଂ ପ୍ଲାଟଫର୍ମଗୁଡ଼ିକ ଶକୁନିତୁଲ୍ୟ ନିଖୁଣ ଭାବେ ଡିଜାଇନ୍ କରାଯାଇଥିବା ରିୱାର୍ଡସିଷ୍ଟମ୍ ମାଧ୍ୟମରେ ଖେଳାଳିମାନଙ୍କର ମସ୍ତିଷ୍କରେ ଯୁଧିଷ୍ଠିର ତୁଲ୍ୟ ଡୋପାମାଇନ୍‌ର ଅନୁପମାନ୍ୟ ପ୍ରବାହ ସୃଷ୍ଟି କରୁଛନ୍ତି। ଅନେକ ଯୁବକ ଏହି ଜୁଆ ଆପ୍‌ଗୁଡ଼ିକ ପ୍ରତି ଆକର୍ଷିତ ହୋଇ ସଞ୍ଚୟ ହରାଉଛନ୍ତି, ଋଣରେ ବୁଡ଼ି ଯାଉଛନ୍ତି ଏବଂ ପାରିବାରିକ ସମ୍ପର୍କ ଓ ସାମାଜିକ ବନ୍ଧନକୁ ଭାଙ୍ଗି ଏକ ନିରବ ସଂଘର୍ଷର ଶିକାର ହେଉଛନ୍ତି। ଅନେକ ଯୁବକଯୁବତୀ ଏହି ଗେମ୍‌ଗୁଡ଼ିକରେ ଅତ୍ୟଧିକ ସମୟ ବିତାଇ ଶିକ୍ଷାଆହରଣରେ ପଛରେ ପଡୁଛନ୍ତି। ମାନସିକ ଚାପ, ଅନିଦ୍ରା ଓ ଆତ୍ମବିଶ୍ୱାସର ଅଭାବରେ ଜର୍ଜରିତ ହେଉଛନ୍ତି। ପାରିବାରିକ ଓ ସାମାଜିକ ସମ୍ପର୍କରେ ଏକ ଅନ୍ଧକାର ଦୂରତ୍ୱ ସୃଷ୍ଟି କରୁଛନ୍ତି।

ପିଲାମାନଙ୍କର ମୋବାଇଲ୍ ପ୍ରତି ଅନିୟନ୍ତ୍ରିତ ଆକର୍ଷଣ ଏବଂ ପାଠପଢ଼ା ପ୍ରତି ଅନିଚ୍ଛା ପଛରେ ଯେତିକି ତାଙ୍କର ଦୁର୍ବଳତା ରହିଛି, ତା'ଠାରୁ ଅଧିକ ଦାୟିତ୍ୱହୀନତା ପିତାମାତାଙ୍କର ରହିଛି। ଛୋଟ ବୟସରୁ ପିଲାଙ୍କ ସହ ସମୟ ବିତାଇବା ବଦଳରେ ଖାଇବା ସମୟରେ ମୋବାଇଲ୍‌ରେ କାର୍ଟୁନ୍ ଭିଡିଓ ଚଲାଇ ଧରାଇ ଦେବା ଏକ ସହଜ ଉପାୟ ଲାଗେ ସତ, କିନ୍ତୁ ଏହା ଭବିଷ୍ୟତର ଏକ ମହାବିପତ୍ତିର ବୀଜ ରୋପଣ କରେ। ବୈଜ୍ଞାନିକ ଦୃଷ୍ଟିରୁ ଅତ୍ୟଧିକ ମୋବାଇଲ୍ ଫୋନ୍ ବ୍ୟବହାର ପିଲାଙ୍କର ଭାଷା ବିକାଶରେ ବାଧା ସୃଷ୍ଟି କରିବା ସହିତ ଭାବ ଆଦାନପ୍ରଦାନର ଗୁଣବତ୍ତାକୁ ପ୍ରଭାବିତ କରେ ଏବଂ କଥା କହିବା ଶୈଳୀ ଓ ଶାଳୀନତାକୁ ପ୍ରଭାବିତ କରେ। ଏହା ମଧ୍ୟ ମେଦବହୁଳତା ଓ ସ୍ମରଣଶକ୍ତି ହ୍ରାସ ପରି ସମସ୍ୟା ସୃଷ୍ଟି କରେ। ମାନବୀୟ ମୂଲ୍ୟବୋଧ ଦୃଷ୍ଟିରୁ ପିତାମାତାଙ୍କର ଦାୟିତ୍ୱ ହେଉଛି ପିଲାଙ୍କ ସହ ଖେଳିବା, କଥାବାର୍ତ୍ତା କରିବା ଏବଂ ଆଚାର-ବ୍ୟବହାର ଶିଖାଇବା, ଯାହା ତାଙ୍କର ସାମାଜିକ ଓ ନୈତିକ ବିକାଶକୁ ସୁଦୃଢ଼ କରେ।

ପ୍ରକୃତରେ ମୋବାଇଲ୍ ଫୋନ୍‌ର ପ୍ରଭାବ ଶିଶୁଟିଏ ଜନ୍ମ ହେବା ପୂର୍ବରୁ ପଡ଼ିଥାଏ ବୋଲି ବୈଜ୍ଞାନିକମାନେ ମତ ଦିଅନ୍ତି। ମହାଭାରତରେ ଅଭିମନ୍ୟୁର ମାତୃଗର୍ଭରେ ଚକ୍ରବ୍ୟୂହର ଜ୍ଞାନ ଅର୍ଜନ ଏକ ଅଲୌକିକ ଆଧ୍ୟାତ୍ମିକ ଦୃଷ୍ଟାନ୍ତ, ଯାହା ଆଧୁନିକ ବିଜ୍ଞାନ ସହ ସାମଞ୍ଜସ୍ୟ ରଖେ। ବିଜ୍ଞାନ ଅନୁସାରେ, ଗର୍ଭାବସ୍ଥାର ଦ୍ୱିତୀୟ ଟ୍ରାଇମେଷ୍ଟର୍‌ରେ(୧୮-୨୦ ସପ୍ତାହ) ଶିଶୁର ଶ୍ରବଣ ଶକ୍ତି ବିକଶିତ ହୁଏ ଏବଂ ତୃତୀୟରେ(୨୭-୩୧ ସପ୍ତାହ) ଦୃଷ୍ଟି ଓ ଆଲୋକ ପ୍ରତି ସଂବେଦନଶୀଳତା ଗଢ଼ି ଉଠେ। ଅଭିମନ୍ୟୁ ଯେପରି ଗର୍ଭରେ ଜ୍ଞାନ ଗ୍ରହଣ କରିଥିଲେ, ସେହିପରି ଆଜିର ଶିଶୁମାନେ ମାତାଙ୍କ ଗର୍ଭକାଳୀନ ମୋବାଇଲ୍ ବ୍ୟବହାର ରିଲ୍‌ସ, ୟୁଟ୍ୟୁବ୍ ଓ ଅନ୍ୟାନ୍ୟ ଡିଜିଟାଲ୍ କାର୍ଯ୍ୟ ଦ୍ୱାରା ପ୍ରଭାବିତ ହୁଅନ୍ତି। ଗବେଷଣା ଦର୍ଶାଏ, ଅତ୍ୟଧିକ ମୋବାଇଲ୍ ବ୍ୟବହାର ରେଡିଏସନ୍ ଓ ହର୍ମୋନ୍ ଅସନ୍ତୁଳନ ମାଧ୍ୟମରେ ଶିଶୁର ସ୍ୱାଭାବିକ ଓଜନ ହ୍ରାସ, ଅପରିପକ୍ୱ ଜନ୍ମ, ବ୍ୟବହାରଗତ ଅସ୍ୱାଭାବିକତା ଆଦି ସମସ୍ୟା ସୃଷ୍ଟି କରେ। ଆଧ୍ୟାତ୍ମିକ ଓ ମାନବୀୟ ଦୃଷ୍ଟିରୁ ଗର୍ଭକାଳ ଏକ ପବିତ୍ର ସମୟ, ଯେଉଁଠାରେ ମାଆର ଚିନ୍ତାଧାରା ଶିଶୁ ପ୍ରତି ଏକ ସକାରାତ୍ମକତା ସୃଷ୍ଟି କରେ। ବୈଦିକ ଚେତନା ଓ ସଂଯମ ଦ୍ୱାରା ମାଆମାନେ ଧ୍ୟାନ, ଗୀତା ପାଠ ଓ ସକାରାତ୍ମକ ଜୀବନଶୈଳୀ ମାଧ୍ୟମରେ ଶିଶୁର ମଙ୍ଗଳ ସୁନିଶ୍ଚିତ କରିପାରନ୍ତି। ଡିଜିଟାଲ୍ ନିଶାରୁ ମୁକ୍ତି ପାଇ ଆଧ୍ୟାତ୍ମିକ ଜାଗରଣ ଦ୍ୱାରା ସମାଜର ଭବିଷ୍ୟତ ସୁସ୍ଥ ଓ ସୁନ୍ଦର ହୋଇପାରେ।

ମୋବାଇଲ୍ ଫୋନ୍‌ର ଯେତେ ନକାରାତ୍ମକ ପ୍ରଭାବ ରହିଲେ ମଧ୍ୟ, ତା'ର ଅନେକ ସକାରାତ୍ମକ ଗୁଣ ଯଥା ଶିକ୍ଷା, ସୂଚନା ଓ ଯୋଗାଯୋଗରେ ସୁବିଧା ଆଜିର ସମାଜରେ ଏହାକୁ ବହୁଳ ଆଦୃତ ଓ ପ୍ରଚଳିତ କରିପାରିଛି। କିନ୍ତୁ ପିଲାମାନଙ୍କୁ ବିପଥଗାମୀ ହେବାର ଆଶଙ୍କା ମଧ୍ୟ ସୃଷ୍ଟି କରିଛି। ତେଣୁ ମୋବାଇଲ୍ ଫୋନ୍‌ରେ ନିୟନ୍ତ୍ରଣ ସୁବିଧାକୁ ଉପଯୋଗ କରି ପିଲାଙ୍କ ପ୍ରତିଦିନର ମୋବାଇଲ୍ ଫୋନ୍ ବ୍ୟବହାର ସମୟ ନିର୍ଦ୍ଧାରଣ କରାଯାଇପାରିବ। ଏପରିକି ହଷ୍ଟେଲ୍‌ରେ ରହୁଥିବା ପିଲାଙ୍କ ମୋବାଇଲ୍ ଫୋନ୍‌ରେ କାର୍ଯ୍ୟକଳାପ ମଧ୍ୟ ଘରେ ଥାଇ ପିତାମାତା ଜାଣିପାରିବେ। ପିତାମାତାଙ୍କର ସଂଯମୀ ନିରୀକ୍ଷଣ ପିଲାଙ୍କୁ ନୈତିକ ଓ ଶିକ୍ଷାଗତ ପଥରେ ରଖି ବିପଥଗାମୀ ହେବାରୁ ରକ୍ଷା କରି ସମାଜର ମଙ୍ଗଳ ସୁନିଶ୍ଚିତ କରିପାରିବ।

ନୂଆଗାଁ(ମୟୂରଭଞ୍ଜ), ମୋ: ୬୩୭୦୪୧୮୬୪

## ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

### ଗୋଖରା

**ସୌଭାଗ୍ୟସୁନ୍ଦର**

ଗୋଖରା ଭାରତ ସମେତ ଶ୍ରୀଲଙ୍କା ଏବଂ ଉଭୟ ଗୋଲାର୍ଦ୍ଧର ସମସ୍ତ ଉଷ୍ଣ ଅଞ୍ଚଳରେ ୩, ୫୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ଦେଖାଯାଏ। ଏହା ଦକ୍ଷିଣ ୟୁରେସିଆ, ଆଫ୍ରିକା, ନ୍ୟୁଜିଲ୍ୟାଣ୍ଡ ଓ ଅଷ୍ଟ୍ରେଲିଆର ମୂଳ ଜାତ ଉଦ୍ଭିଦ। ଏହା ଚାରଣଭୂମି, ରାସ୍ତାପାର୍ଶ୍ୱ ଓ ଅନ୍ୟାନ୍ୟ ଅନାବାଦୀ ସ୍ଥାନଗୁଡ଼ିକର ଏକ ସାଧାରଣ ତୃଣ ଭାବେ ବଢ଼ିଥାଏ। ଘନ ଲୋମଯୁକ୍ତ ପତ୍ରଗୁଡ଼ିକ ପ୍ରାୟ ୩ ମିମି ପର୍ଯ୍ୟନ୍ତ ଲମ୍ବା ହୋଇଥାଏ। ଫୁଲଗୁଡ଼ିକ ହଳଦିଆ ରଙ୍ଗର ଓ ୪-୧୦ ମିମି ଚଉଡ଼ା। ପ୍ରତ୍ୟେକ ଫଳରେ ଅନେକ ବିହନ ଥାଏ। ବିହନଗୁଡ଼ିକ ତେଲିଆ। କଣ୍ଟକିତ ଫଳ ଖାଲି ପାଦରେ ଚାଲିବା ଲୋକଙ୍କ ପାଇଁ ଯନ୍ତ୍ରଣାଦାୟକ ଆଘାତ ମଧ୍ୟ ଦେଇଥାଏ।

ଆୟୁର୍ବେଦରେ ଗୋଖରା ଏକ ଉତ୍ତମ ପୁଷ୍ଟପୋଷକ ଔଷଧୀୟ ଉଦ୍ଭିଦ। ଏହାର ଫଳ ଓ ମୂଳ ମୁଖ୍ୟତଃ ବିଭିନ୍ନ ରୋଗ, ବିଶେଷକରି ବୃକକ୍ ଚିକିତ୍ସା ପାଇଁ ଏକ ଲୋକଔଷଧ ଭାବରେ ବ୍ୟବହୃତ ହୁଏ। ଗୋଖରା ଶରୀରର ପ୍ରାକୃତିକ ଆରୋଗ୍ୟ ଶକ୍ତିକୁ ଶକ୍ତିଶାଳୀ କରେ। ମୂତ୍ର ରୋଗ, ମୂତ୍ରନଳୀ ସଂକ୍ରମଣ ସହିତ ସୌମ୍ୟ ପ୍ରୋଷ୍ଟାଟିକ୍ ହାଇପରପ୍ଲାସିଆ ପ୍ରତିକାର ପାଇଁ ଏହା ଏକ ଫଳପ୍ରଦ ପ୍ରାକୃତିକ ଉପଚାର। ପୌରୁଷ ଶକ୍ତି ବର୍ଦ୍ଧନ, ରକ୍ତ ସଞ୍ଚାଳନ ବୃଦ୍ଧି, ପେଟ ଯନ୍ତ୍ରଣା, ମଳ କଷ୍ଟ, ଫୁଲା ଏବଂ ଅନ୍ୟାନ୍ୟ ସମସ୍ୟା ଉପଶମରେ ସାହାଯ୍ୟ କରେ। ଏକ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ହେବା ହେତୁ ଏହା ହରମୋନରେ ସନ୍ତୁଳନ ରକ୍ଷା କରି ମନକୁ ଶାନ୍ତ କରିବାରେ ଏବଂ ସ୍ମୃତି, ଧ୍ୟାନ ଓ ଏକାଗ୍ରତା ବୃଦ୍ଧି କରିବାରେ ସାହାଯ୍ୟ କରେ। ଆଲଜାଇମର ରୋଗୀମାନଙ୍କ ପାଇଁ ଏହା ଏକ ଫଳପ୍ରଦ ପ୍ରାକୃତିକ ଔଷଧ। ଏଥିରେ ଟେଷ୍ଟୋଷ୍ଟୋରନ୍ ଥିବା ଯୋଗୁଁ ବୃତ୍ତିଗତ ଖେଳାଳିମାନେ ବ୍ୟବହାର କରନ୍ତି। ଗୋଖରାରେ ଗଛିତ ପ୍ରାରମ୍ଭିକ ଜୈବ ରସାୟନ ବା ଫାଇଟୋକେମିକାଲ୍ ଅଧ୍ୟୟନରୁ ସାପୋନିନ୍, ଫ୍ଲାଭୋନଏଡ୍ସ, ଗ୍ଲାଇକୋସାଇଡ୍ସ, ଆଲକାଲଏଡ୍ସ ଏବଂ ଟାନିନ୍ସ ନାଇଟ୍ରେଟ୍ସ, ପୋଟାସିୟମ୍ ଉପସ୍ଥିତି ଜଣାପଡ଼େ।

ପୂର୍ବ ଏସିଆରେ ଗୋଖରାର ପତ୍ର ଓ ଡାଳ ଖାଦ୍ୟ ଭାବେ ଗ୍ରହଣ କରାଯାଏ। ଅମିଶ୍ରିତ ବଟରମିଲ୍କ ବା ଚହ୍ଲା ପରି ଦେଖାଯିବା ପାଇଁ ଗୋଖରା ଡାଳକୁ ପତଳା ଚହ୍ଲାରେ ମିଶାଯାଇଥାଏ। ତାଜା କିମ୍ବା ଶୁଖିଲା ବ୍ୟବହାର କରାଯାଏ। ଗୋଖରା ପାଉଡର କିମ୍ବା ଟାବଲେଟ୍ ଆକାରରେ ଉପଲବ୍ଧ ଫଳର ଏକ ସୂକ୍ଷ୍ମ ପାଉଡର। ଶୁଖିଲା ଗୋଖରା ଫଳ କିମ୍ବା ପାଉଡରକୁ ପାଣିରେ ଫୁଟାଇ କାଢ଼ା କରାଯାଏ। ଗୋଖରାର କିଛି ପାର୍ଶ୍ୱ ପ୍ରତିକ୍ରିୟା ରହିଛି, ଯାହା ପତଳା ଝାଡ଼ା, ପେଟ ଯନ୍ତ୍ରଣା, ବାନ୍ତି, କୋଷ୍ଠକାଠିନ୍ୟ, ଏପରିକି ଚର୍ମଫୋଟକା ଇତ୍ୟାଦି ସୃଷ୍ଟି କରିପାରେ। ଗର୍ଭବତୀ, ପ୍ରସୂତିଙ୍କ ପାଇଁ ଏହା ବ୍ୟବହାର କ୍ଷତିକାରକ।

ଯୁକ୍ତରାଷ୍ଟ୍ରର କିଛି ରାଜ୍ୟରେ ଏହାକୁ ଏକ କ୍ଷତିକାରକ ଅନାବନା କ୍ଷୁପ ବା ତୃଣ ଭାବରେ ବିବେଚନା କରାଯାଏ। ଦକ୍ଷିଣ ଅଷ୍ଟ୍ରେଲିଆରେ ଏହାକୁ କାଲଟ୍ରପ୍ (ସମାନ ଆକୃତିର ଏକ କଣ୍ଟାଯୁକ୍ତ ଅସ୍ତ୍ର 'କାଲଟ୍ରପ୍' ଅଧୀନରେ ବର୍ଣ୍ଣିତ ଆକ୍ରମଣ) ଭାବରେ ଘୋଷଣା କରାଯାଇଛି। ଯେଉଁ ଅଞ୍ଚଳରେ ଏହା ଏକ ଆକ୍ରମଣାତ୍ମକ ଜାତି, ସେଠାରେ ଗୋଖରାକୁ ପ୍ରାୟତଃ ନିପାତ କରିବାକୁ ଚେଷ୍ଟା କରାଯାଏ। ଏହାର ମଜବୁତ ପ୍ରଧାନ ମୂଳ ଏବଂ ଶାଖା ମୂଳ ହେତୁ ଶୁଖିଲା ତୃଣ ମଧ୍ୟ ଶକ୍ତ ଭାବରେ ଭୂମିରେ ସ୍ଥାନିତ ଥାଏ। ଏହାର ବିହନ ମଧ୍ୟ ତିନି ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିଥାଏ। ବିହନ ଗଠନକୁ ରୋକିବା ପାଇଁ ଫୁଲ ଫୁଟିବା ପୂର୍ବରୁ କିମ୍ବା ଫୁଲ ଧରିବା ସମୟରେ ଗଛକୁ ଅପସାରଣ କରାଯିବା ଉଚିତ। ତୃଣ ଗୁଡ଼ିକ ମାଟିରୁ ବାହାରିବା ପରେ ୨, ୪-ଡାଇକ୍ଲୋରୋଫେନୋକ୍ସାଏସେଟିକ୍ ଏସିଡ୍ (୨, ୪-ଡି), ଗ୍ଲାଇଫୋସେଟ୍ ସିଞ୍ଚନ କରିବା ଫଳରେ ନିୟନ୍ତ୍ରଣ ହୁଏ। ଗୋଖରାର ଜୈବିକ ନିୟନ୍ତ୍ରଣ ପାଇଁ ଦୁଇଟି ୱିଭିଲ୍ (ଏକ ଲମ୍ବା ନାକ ସହିତ ଏକ ଛୋଟ ପୋକ, ଯାହାର ଲାର୍ଭା ସାଧାରଣତଃ ବିହନ, କାଣ୍ଡ କିମ୍ବା ଅନ୍ୟାନ୍ୟ ଉଦ୍ଭିଦ ଅଂଶ ଭିତରେ ବିକଶିତ ହୁଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ରାଜ୍ୟରେ ସାର ସଙ୍କଟ**

## ଆଜି ରାଜଭବନ ଆଗରେ ଧାରଣା ଦେବ ବିଜେଡି

**ରାଜ୍ୟପାଳଙ୍କୁ ଦିଆଯିବ ସ୍ମାରକ ପତ୍ର**

ଭୁବନେଶ୍ୱର,୧୪।୯(ସମିସ): ରାଜ୍ୟବ୍ୟାପୀ ସାର ସଙ୍କଟ ବିରୋଧରେ ଆସନ୍ତାକାଲି ରାଜଭବନ ଆଗରେ ଧାରଣା ଦେବ ବିଜୁ ଜନତା ଦଳ। ଏଥିପାଇଁ ବିଜେଡିର ଛାମୁଆ ସଂଗଠନଗୁଡ଼ିକ ରବିବାର ନିଜର ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଧାରଣା ସମ୍ପର୍କରେ ସୂଚନା ଦେଇ ବିରୋଧୀ ଦଳ ଉପନେତା ତଥା ବରିଷ୍ଠ ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମରେ ସାରା ରାଜ୍ୟରୁ ପ୍ରତିନିଧି ଯୋଗଦେବେ। ଏହାପରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ସେ କହିଛନ୍ତି ଯେ ରାଜ୍ୟବ୍ୟାପୀ ଚାଷୀ କହୁଛନ୍ତି, ଆମକୁ ସାର ମିଳୁ ନାହିଁ। କିନ୍ତୁ ସରକାର କହୁଛନ୍ତି ପର୍ଯ୍ୟାପ୍ତ ପରିମାଣରେ ସାର ମିଳୁଛି। ତା' ହେଲେ କଣ ଚାଷୀ ଅସତ୍ୟ କହୁଛନ୍ତି ଏବଂ ସରକାର ସତ୍ୟ କହୁଛନ୍ତି କି ବୋଲି ପ୍ରସନ୍ନ ପ୍ରଶ୍ନ କରିଛନ୍ତି। ସରକାର ଏଭଳି ଭେଳିକି କାହିଁକି ସୃଷ୍ଟି କରିଛନ୍ତି। ମୁଁ ସରକାରଙ୍କୁ ଆହ୍ୱାନ କରୁଛି, ଭୁବନେଶ୍ୱରରେ ବିବୃତ୍ତି ନଦେଇ ମନ୍ତ୍ରୀମାନେ ଗ୍ରାମାଞ୍ଚଳକୁ ଯାଆନ୍ତୁ। ବାସ୍ତବିକ ସ୍ଥିତିର ଅନୁଧ୍ୟାନ କରନ୍ତୁ। ସେମାନେ ଯଦି ନିଜେ ଉପଲବ୍ଧି କରିବେ, ଚାଷୀଙ୍କୁ ସଠିକ୍ ଭାବେ ମିଳୁଛି, ଆମେ ତାହାକୁ ଗ୍ରହଣ କରିବୁ। ବସ୍ତାଏ ସାର ପାଇଁ ଚାଷୀଟିଏ ସାରା ରାତି ଲମ୍ବା ଲାଇନରେ ଛିଡ଼ା ହେଉଛି। ମାତ୍ର ସାର ମିଳୁନାହିଁ। ପାକ୍ସରେ ସାର ମିଳୁନଥିବା ବେଳେ ଖୋଲା ବଜାରରୁ ଚାଷୀ ତିନିଗୁଣ ଚାରିଗୁଣ ଦାମରେ ସାର କିଣୁଛି। ଏହାର ଅର୍ଥ ସାର ଅଛି, ମାତ୍ର ସାର ଉପରେ ସରକାରଙ୍କ ନିୟନ୍ତ୍ରଣ ନାହିଁ। ସରକାର କଣ ପାଇଁ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ସରକାର ସତକୁ ସ୍ୱୀକାର କରନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

## ଅବଶିଷ୍ଟାଂଶ

### ବ୍ରିଟେନ ଥରହର...

ମସ୍କ ବ୍ରିଟେନ ରାଜନୀତିରେ ପ୍ରବେଶ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ପୂର୍ବତନ ବନ୍ଧୁ ବଇରୀ ପାଲଟିବା ପରେ ନୂଆ ସହଯୋଗୀ ସନ୍ଧାନରେ ଲାଗି ପଡ଼ିଛନ୍ତି। ସେ ବ୍ରିଟେନରେ ଆରମ୍ଭ ହୋଇଥିବା ବେଆଇନ ପ୍ରବାସୀ ବିରୋଧୀ ବିକ୍ଷୋଭରେ ସାମିଲ ହୋଇ ସରକାର ବଦଳାଇବାକୁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି। ବ୍ରିଟେନ ଦ୍ରୁତ ଗତିରେ କ୍ଷୟ ହେବାରେ ଲାଗିଛି, ତେଣୁ ସରକାର ବଦଳାଇବାକୁ ପଡ଼ିବ ବୋଲି ସେ କହିଛନ୍ତି।

### ଅକ୍ଟୋବରରୁ ଓଡ଼ିଶା...

ପାଗ ଅନୁକୂଳ ରହିଛି। ଏହାସହ ଆସନ୍ତା ଅକ୍ଟୋବର ଦ୍ୱିତୀୟ ସପ୍ତାହ ବେଳକୁ ମୌସୁମୀ ଓଡ଼ିଶା ଛାଡ଼ିବା ନେଇ ସମ୍ଭାବନା ରହିଛି। ତେବେ ମୌସୁମୀ ପ୍ରତ୍ୟାବର୍ତ୍ତନ ପରେ ପରେ ବାତ୍ୟା ଋତୁ ଆରମ୍ଭ ହୋଇଯାଉଥିବାରୁ ଏହାକୁ ନେଇ ମଧ୍ୟ ଏବେ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। କାରଣ ଚଳିତ ବର୍ଷ ଲା-ନିନା ସ୍ଥିତି ଯୋଗୁଁ ବାତ୍ୟା ସୃଷ୍ଟି ନେଇ ପାଗ ଅନୁକୂଳ ରହୁଥିବା ବେଳେ ଏବର୍ଷ ଅକ୍ଟୋବର-ନଭେମ୍ବର ମଧ୍ୟରେ ବାତ୍ୟା ସୃଷ୍ଟି ହେବାର ୭୦ ପ୍ରତିଶତରୁ ଅଧିକ ସମ୍ଭାବନା ଥିବା ଆକଳନ କରାଯାଉଛି। ଯେଉଁଥିପାଇଁ ରାଜ୍ୟବାସୀଙ୍କ ମନରେ ଚିନ୍ତା ବଢ଼ିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ସମ୍ଭାବ୍ୟ ଲା-ନିନା ଯୋଗୁଁ ବାତ୍ୟା ସୃଷ୍ଟି ଉପରେ ପ୍ରଭାବ ପକାଇବା କିଛି ମାତ୍ରାରେ ସତ। ଗତ ୨୪ବର୍ଷର ତଥ୍ୟରୁ ଜଣାପଡୁଛି ଯେ ଲା-ନିନା ସମୟରେ ବଙ୍ଗୋପସାଗରୀୟ ବାତ୍ୟା ସଂଖ୍ୟା ସାମାନ୍ୟ ଅଧିକ। ୨୦୦୫ରୁ ୨୦୨୪ ମଧ୍ୟରେ ହୋଇଥିବା ୫୩ଟି ବଙ୍ଗୋପସାଗରୀୟ ବାତ୍ୟା ସୃଷ୍ଟି ହୋଇଛି। ଏହି ବାତ୍ୟା ମଧ୍ୟରୁ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ମଧ୍ୟରୁ କେତେକ ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଦକ୍ଷିଣ ଚାଇନା ଓ ଫିଲିପାଇନ୍ସ ଅଞ୍ଚଳରେ ସୃଷ୍ଟି ବାତ୍ୟାର ଅଂଶବିଶେଷ। ଆଣ୍ଡାମାନ ସାଗର ବା ସଂଲଗ୍ନ ଅଞ୍ଚଳରେ ପହଞ୍ଚି ଘନୀଭୂତ ହୋଇଥାଏ। ଏହାବ୍ୟତୀତ ଆଇଓଡି (ଇଣ୍ଡିଆନ୍ ଓସେନ୍ ଡାଇପୋଲ୍) ଓ ଏମ୍‌ଜେଓ (ମେଡେନ୍ ଜୁଲିଅନ୍ ଓସିଲେସନ) ମଧ୍ୟ ବାତ୍ୟା ସୃଷ୍ଟିର ସୃଷ୍ଟି ଏବଂ ଶକ୍ତିଶାଳୀ କରିଥାଏ। ଆଇଓଡି ନେଗେଟିଭ୍ ରହିଲେ, ବଙ୍ଗୋପସାଗରରେ ଜଳପୃଷ୍ଠର ତାପମାତ୍ରା ଅଧିକ ଗରମ ରହିଥାଏ। ସାଧାରଣତଃ ଏଲ୍-ନିନୋ ପରେ ଏହା ହୋଇଥାଏ। ବାତ୍ୟାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏହା ବଳ ଯୋଗାଇଥାଏ। ଅକ୍ଟୋବରରେ ଏହା ନେଗେଟିଭ୍ ହେବାକୁ ସମ୍ଭାବନା ଥିବାରୁ ଏହା ମଧ୍ୟ ବାତ୍ୟା ସୃଷ୍ଟିପାଇଁ ଅନୁକୂଳ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ସେହିପରି ଏମ୍‌ଜେଓ ଯେତେବେଳ ବଙ୍ଗୋପସାଗର/ଭାରତ ମହାସାଗରରେ ସକ୍ରିୟ ରହେ, ବାତ୍ୟା ସୃଷ୍ଟି ପାଇଁ ପରିସ୍ଥିତି ଅନୁକୂଳ ହୋଇଥାଏ। ମେଘ ଗଠନ, ବାୟୁର ଉର୍ଦ୍ଧ୍ୱଗାମୀ ଗତି ଓ ଲଘୁଚାପ/ଅବପାତର ଚକ୍ରଗତି ଅଧିକ ହୋଇ ବାତ୍ୟା ସୃଷ୍ଟି ଓ ଶକ୍ତିଶାଳୀ ହେବା ପାଇଁ ଅନୁକୂଳ ହୋଇଥାଏ।

ସାଧାରଣତଃ ମୌସୁମୀ ପ୍ରତ୍ୟାବର୍ତ୍ତନ ପରେ ଓ କେତେବେଳ ପ୍ରତ୍ୟାବର୍ତ୍ତନ ସମୟରେ ବାତ୍ୟା ହୋଇଥାଏ। ମୌସୁମୀ ସମୟରେ ହୋଇ ନ ଥାଏ। କାରଣ ଉର୍ଦ୍ଧ୍ୱଗାମୀ ବାୟୁର ଗତିର ବେଗ ଘର୍ଷଣ ଯୋଗୁଁ କମ୍ ହୋଇଥାଏ। ଏହାସହ ମୌସୁମୀ ବାୟୁ ପ୍ରବାହ ହେତୁ ବାୟୁମଣ୍ଡଳ ଅସ୍ଥିର ହୋଇଥାଏ। ଯାହାକି ବାତ୍ୟା ପାଇଁ ଅନୁକୂଳ ହୋଇ ନ ଥାଏ। ତେବେ ମୌସୁମୀ ପ୍ରତ୍ୟାବର୍ତ୍ତନ ସମୟରେ ମୌସୁମୀ ଟ୍ରଫ୍ ବଙ୍ଗୋପସାଗରକୁ ଲମ୍ବିଥିଲେ, ଏହା ବାତ୍ୟା ପାଇଁ ଅନୁକୂଳ ହୋଇଥାଏ। ଓଡ଼ିଶାରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ଆହୁରି ପ୍ରାୟ ମାସେ ସମୟ ଅଛି। ମାତ୍ର ବଙ୍ଗୋପସାଗର ଓ ବାତ୍ୟାକୁ ପ୍ରଭାବିତ କରୁଥିବା କାରକଗୁଡ଼ିକୁ ଦେଖିଲେ, ଅକ୍ଟୋବର-ନଭେମ୍ବର ମଧ୍ୟରେ ବଙ୍ଗୋପସାଗରରେ ବାତ୍ୟା ହେବାର ୭୦ ପ୍ରତିଶତରୁ ଅଧିକ ରହିଛି ବୋଲି ପ୍ରଫେସର୍ ପଶୁପାଳକ କହିଛନ୍ତି। ମାତ୍ର, ସେପ୍ଟେମ୍ବର ଶେଷ ବେଳକୁ ଏନେଇ କରାଯାଉଥିବା ଆକଳନରେ ଅଧିକ ସ୍ପଷ୍ଟତା ଆସିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ, ରାଜ୍ୟରେ ଜାରି ରହିଥିବା ବର୍ଷାର ପ୍ରଭାବ ଧୀରେଧୀରେ ହ୍ରାସ ପାଇବ। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଓଡ଼ିଶାଠାରୁ ଦୂରକୁ ଯିବା ସହ ରାଜ୍ୟ ଉପରେ ଏହାର ପ୍ରଭାବ କମିବ। ମାତ୍ର ଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

### ପୁଲିସ-ତହସିଲ-ଖଣି...

ଏପରି ଅପରାଧ ଦେଶଦ୍ରୋହ ସହ ସମାନ ଓ ଏଥିପାଇଁ ସରକାର ବିପୁଳ ରାଜସ୍ୱ ହରାଉଥିବାରୁ ସଂପୃକ୍ତ ଅଧିକାରୀମାନଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ପାଇଁ ସେ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ଭୋଗରାଇ ସୁବର୍ଣ୍ଣରେଖା ନଦୀପଠାରୁ ବାଲି ଚୋରି କେବଳ ଏକ ଉଦାହରଣ ମାତ୍ର। ନିଜେ ସାଂସଦ ତାହା ଦେଖିବା ପରେ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ମାତ୍ର କେବଳ ବାଲେଶ୍ୱର ନୁହେଁ, ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ବାଲିଚୋରି ବେଧଡ଼କ ଭାବରେ ଚାଲିଛି ଓ ସରକାର ଏଥିପାଇଁ ବିପୁଳ ରାଜସ୍ୱ ହରାଉଛନ୍ତି। ଅନେକ ସ୍ଥାନରେ ପୁଲିସ ସ୍ଥାନୀୟ କୁଜି ନେତାମାନଙ୍କ କଲେକ୍ସନ ଏଜେଣ୍ଟ ପାଲଟିଥିବା ଅଭିଯୋଗ ହୋଇଛି। ଗଞ୍ଜାମ, ଗଜପତି, ରାଗଡା, କଳାହାଣ୍ଡି, କୋରାପୁଟ, କଟକ, ଖୋର୍ଦ୍ଧା, ସୁନ୍ଦରଗଡ, ନୟାଗଡ, ଖୋର୍ଦ୍ଧା, ମୟୂରଭଞ୍ଜ, ପୁରୀ ପରି ଜିଲ୍ଲାଗୁଡ଼ିକରେ ବାଲି ଚୋରି ସ୍ଥିତି ଅଣାୟତ୍ତ। ଫଳରେ ବାଲି, ମୋରମ ଭଳି ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣରେ ସରକାରୀ ରାଜସ୍ୱ ୧୪୮୫ କୋଟିରୁ ୬୦୦ କୋଟିକୁ ହ୍ରାସ ପାଇଥିବା ଜଣାପଡ଼ିଛି।

ଗତ ମାର୍ଚ୍ଚ ମାସରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ଏସପିଙ୍କୁ ବାଲି, ପଥର ଚୋରା ଚାଲାଣ ବିରୋଧରେ ଚଢ଼ଉ ଜୋରଦାର କରିବାକୁ ନିର୍ଦ୍ଦେଶ ନେଇଥିଲେ। ସେହିପରି ପ୍ରତ୍ୟେକ ଜିଲ୍ଲାକୁ ସେମାନଙ୍କ ବର୍ତ୍ତମାନର ଉତ୍ସର ୧୫୦ ଗୁଣ ନୂଆ ଉତ୍ସ ଚିହ୍ନଟ କରିବାକୁ ପରାମର୍ଶ ଦେଇଥିଲେ। ମାତ୍ର ରାଜ୍ୟବ୍ୟାପୀ ବର୍ତ୍ତମାନ ସ୍ଥିତିକୁ ଦେଖିଲେ ଜିଲ୍ଲାପାଳ, ଏସପିମାନେ ଯେ ମୁଖ୍ୟ ସଚିବଙ୍କ ପରାମର୍ଶକୁ ସଠିକ୍ ଭାବେ ଅନୁପାଳନ କରୁନାହାନ୍ତି, ତାହା ଜଳଜଳ ଦିଶୁଛି। ତେଣୁ ତୁରନ୍ତ ରାଜ୍ୟ ସରକାର ଏନେଇ ନିଜର ଆଭିମୁଖ୍ୟକୁ କଡ଼ାକଡ଼ି କରିବା ଆବଶ୍ୟକ। ବାଲି, ପଥର ଚୋରାଚାଲାଣକୁ ସରକାର ରୋକିବା ଆବଶ୍ୟକ ବୋଲି ବୁଦ୍ଧିଜୀବି ମହଲରେ ଦାବି ହେଉଛି। ସାଂସଦ ଶ୍ରୀ ଷଡ଼ଙ୍ଗୀ କେବଳ ବାଲେଶ୍ୱରକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ମାତ୍ର ଅନ୍ୟାନ୍ୟ ଏହା କେବଳ ବାଲେଶ୍ୱରର ଚିତ୍ର ନୁହେଁ। ସମ୍ପୂର୍ଣ୍ଣ ଓଡ଼ିଶାରେ ବାଲି, ପଥର ଚୋରି ଏବେ ସାଂଘାତିକ ସ୍ଥିତିରେ ପହଞ୍ଚିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ନିଶାସକ୍ତର ଗୋଇଠା...

ଗାଳିଗୁଲଜ କରୁଥିଲେ। ଏହା ଦେଖି ଗାଁର ଉମାକାନ୍ତ ତାଙ୍କୁ ବାରଣ କରିବା ସହ ମଦ ପିଇବା ପାଇଁ ମନା କରିଥିଲେ। ପରେ ତାଙ୍କୁ ଘରକୁ ନେଇ ଛାଡ଼ିବା ପାଇଁ ଉଦ୍ୟମ କରିଥିଲେ। ସେହି ସମୟରେ ବଂଶୀଙ୍କ ତାଙ୍କ ସହ ଯୁକ୍ତିତର୍କ କରିବା ସହ ଉତ୍‌କ୍ଷିପ୍ତ ହୋଇ ଉମାକାନ୍ତଙ୍କୁ ଗୋଇଠା ମାରିଥିଲେ। ତେବେ ଉମାକାନ୍ତଙ୍କ ଯୌନାଙ୍ଗରେ ଗୋଇଠା ବାଜିବାରୁ ସେ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇଯାଇଥିଲେ। ପରିବାରଲୋକ ତାଙ୍କୁ କଣ୍ଟାମାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଭଗବାନଙ୍କ ଭରସାରେ...

କେନ୍ଦ୍ର ସରକାର ପ୍ରଥମ ପର୍ଯ୍ୟାୟରେ ପ୍ରାୟ ସାଢେ ୩ କୋଟି ଟଙ୍କା ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୧କୋଟି ୭୫ଲକ୍ଷ ଟଙ୍କାର ଦେଇଛନ୍ତି। ଏହାବ୍ୟତୀତ ଏହି ଥାନାଗୁଡ଼ିକ ପାଇଁ ୩୬ଟି ଦୁଇ ଚକିଆ, ୧୮ ଟି ଚାରିଚକିଆ ଓ ୧୫ଟି ଛୋଟ ଏବଂ ବଡ ବୋଟ୍, ନାଇଟ୍ ଭିଜନ ଡିଭାଇସ୍, ଡିଜିଟାଲ କ୍ୟାମେରା, ଏଲ୍‌ଇଡି ସର୍ଚ୍ଚ ଲାଇଟ୍ ସହିତ କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ସାଜ ସରଞ୍ଜାମ ପ୍ରଦାନ କରିଛନ୍ତି। ମାତ୍ର ଏହି ଥାନାଗୁଡ଼ିକର କର୍ମଚାରୀ ସ୍ଥିତି ଦେଖିଲେ ମିଳିଥିବା ଗାଡ଼ି ଚଳାଇବାକୁ ଲୋକ ନାହାନ୍ତି। ୨୦୨୫ ମାର୍ଚ୍ଚ ମାସ ସୁଦ୍ଧା ୧୮ ଟି ଇନ୍‌ସପେକ୍ଟର ପଦବୀ ମଧ୍ୟରୁ ୩ଟି ଖାଲି ପଡିଥିବାବେଳେ ୫୪ ସବଇନ୍ସପେକ୍ଟରଙ୍କ ସ୍ଥାନରେ କାର୍ଯ୍ୟ କରୁଥିଲେ ମାତ୍ର ୯। ଅନୁରୂପ ଭାବରେ ୫୪ ଏଏସ୍‌ଆଇ ପଦବୀରୁ ୨୬ ଓ ୧୪୪ ହାବିଲଦାର ପଦରୁ ମାତ୍ର ୧୬ଟି ପୂରଣ ହୋଇ ପାରିଥିଲା। ୧୮ ଟି ଥାନା ପାଇଁ ୪୩୨ କନଷ୍ଟେବଳ ପଦ ଥିବାବେଳେ ଏଠି ମାତ୍ର କାର୍ଯ୍ୟ କରୁଛନ୍ତି ୧୧୩। ସେହିପରି ୩୬ଡ୍ରାଇଭର ପଦରୁ ନିଯୁକ୍ତି ପାଇଛନ୍ତି ମାତ୍ର ୫। ବୈଷୟିକ କର୍ମଚାରୀଙ୍କ ସଂଖ୍ୟା ମଧ୍ୟ ଅନୁରୂପ। ୨୮୦ କର୍ମଚାରୀଙ୍କ ସ୍ଥାନରେ କାର୍ଯ୍ୟ କରୁଛନ୍ତି ୯୦ ଜଣ। ଏହି ପରିପ୍ରେକ୍ଷୀରେ କର୍ମଚାରୀ ସଙ୍କଟ ଯୋଗୁଁ ଥାନାଗୁଡିକ ଏକ ପ୍ରକାର ପଙ୍ଗୁ ପାଲଟି ଯାଇଛି ଏବଂ ଉପକୂଳରେ ପଇଁତରା ମାରିବା ତ ଦୂରରକଥା ଥାନା ଆଖପାଖକୁ ସୁରକ୍ଷିତ ରଖିବା ଆହ୍ୱାନ ପାଲଟିଛି।

ପାକିସ୍ତାନ ବିରୁଦ୍ଧରେ ଅପରେସନ ସିନ୍ଦୂର ଓ ବାଂଲାଦେଶ ସହ ଭାରତର ସମ୍ପର୍କ ଖରାପ ହେବା ପରେ ଉପକୂଳ ସୁରକ୍ଷା ଉପରେ କେନ୍ଦ୍ର ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଯେଉଁଥିପାଇଁ ରାଜ୍ୟରେ ବାଂଲା ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମାତ୍ର ରାଜ୍ୟ ପୁଲିସ ସମ୍ଭବତଃ ଏପରି ସ୍ପର୍ଶକାତର ଘଟଣାକୁ ଗୁରୁତ୍ୱ ଦେଉ ନାହିଁ। ଉପକୂଳ ସୁରକ୍ଷା ପାଇଁ ଆସିଥିବା ଡ୍ରୋନ୍‌କୁ ମାଓବାଦୀଙ୍କୁ ଠାବ ନିମନ୍ତେ ନିୟୋଜନ କରାଯାଇଛି। ଫଳରେ ବାଂଲାଦେଶୀ ଅପରାଧୀମାନେ ଏଠାରେ ଅପରାଧ ଘଟାଇ ପୁଣି ଜଳପଥ ଦେଇ ନିଜ ଦେଶକୁ ଫେରିଯାଉଛନ୍ତି। ତେଣୁ ଉପକୂଳ ସୁରକ୍ଷା ନିହାତି ଆବଶ୍ୟକ ହେଉଥିବା ବେଳେ ଓଡ଼ିଶା ପୁଲିସ ଭଗବାନଙ୍କ ଉପରେ ଛାଡ଼ି ଦେଇଥିବା ଅନେକ ଅଭିଯୋଗ କରିଛନ୍ତି।

**୩୧ତମ ପୁଣ୍ୟ ତିଥି ଅବସରରେ**

# ଚିର ନମସ୍ୟ- ଧନେଶ୍ୱର ରଥ

**ଡାକ୍ତର ରବି ରଂଜନ ସାହୁ**

ସ୍ୱର୍ଗୀୟ ଧନେଶ୍ୱର ରଥ ଆମର ଚିର ନମସ୍ୟ। କଟକ ଜିଲ୍ଲା ଟାଙ୍ଗି ବ୍ଲକର କଏରାପାରି ଏକ ଅଜଣା ଅଶୁଣା ଗ୍ରାମରେ ସେ ୧୯୧୬ ମସିହାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ଥିଲେ କପିଳ ରଥ ଓ ମାତା ସାଧବୀ ଦେବୀ। ପିଲାଦିନୁ ସେ ପରିବାରରୁ ସଂସ୍କାର ଲାଭ କଲେ। କପିଳଙ୍କ ପରିବାରର ଶେଷ ସନ୍ତାନ ହୋଇଥିବାରୁ ବାପା ମାଆ ତଥା ବଡ଼ ଭାଇ ଭଉଣୀମାନଙ୍କ ସ୍ନେହ ଶ୍ରଦ୍ଧା ତାଙ୍କ ଉପରେ ଅଜାଡ଼ି ହୋଇ ପଡୁଥିଲା। ସମସ୍ତଙ୍କର ଆଶା ଓ ଭରଷାକୁ ନେଇ ଧନେଶ୍ୱର ବାଲ୍ୟ ଜୀବନ ଆରମ୍ଭ କଲେ। ଅଧ୍ୟୟନ ଓ ଅଧ୍ୟବସାୟ ବଳରେ ଧନେଶ୍ୱର ଜୀବନର ଗୋଟିଏ ପରେ ଗୋଟିଏ ସୋପାନ ଅତିକ୍ରମ କରିଥିଲେ। ଜୀବନ ଧାରଣ ପାଇଁ, ଜୀବନ ପଥରେ ଅଗ୍ରସର ହେବା ପାଇଁ ସେ ପିଲାଦିନୁ ବହୁ କଷ୍ଟ ସ୍ୱୀକାର କରିଥିଲେ। ମାତ୍ର ଜୀବନର ଲକ୍ଷ୍ୟ ଭୁଲି ନଥିଲେ।

୧୯୩୮ ମସିହାରେ ଧନେଶ୍ୱର ରଥ କଟକ ଖ୍ରୀଷ୍ଟ କଲିଜିଏଟ ସ୍କୁଲରୁ ମାଟ୍ରିକ୍ ପାସ କଲେ ଏବଂ ଟାଇପ୍ ରାଇଟିଂ ଶିକ୍ଷା ଲାଭ କରି ଅବକାରୀ କମିଶନଙ୍କ ଅଫିସ୍‌ରେ ଜଣେ ଟାଇପିଷ୍ଟ ଭାବେ ଚାକିରୀ ଜୀବନ ଆରମ୍ଭ କଲେ। ଅଧିକ ପାଠ ପଢ଼ିବା ପାଇଁ ଓ ବଡ଼ ଅଧିକାରୀ ହେବା ପାଇଁ ତାଙ୍କର ଇଚ୍ଛା ଥିଲା। ମାତ୍ର ତାଙ୍କ ଗ୍ରାମ ନିକଟରେ କୌଣସି ଉଚ୍ଚ ଶିକ୍ଷାନୁଷ୍ଠାନ ନଥିବାରୁ ସେ ଉଚ୍ଚଶିକ୍ଷା ହାସଲ କରିପାରି ନଥିଲେ। ସେହିପରି ପରିବାରର ଆର୍ଥିକ ସମସ୍ୟା ମଧ୍ୟ ତାଙ୍କ ପାଇଁ ବାଧା ସୃଷ୍ଟି କରିଥିଲା। ସେ ସେକ୍ସନ ଅଫିସର ଭାବେ ସରକାରୀ କାମରୁ ଅବସର ନେଇଥିଲେ। ତା'ପରେ ଶିକ୍ଷକତା ଆରମ୍ଭ କରି ଗ୍ରାମାଞ୍ଚଳରେ ଶିକ୍ଷା ସମସ୍ୟାର ସମାଧାନ ପାଇଁ ସେ ଟାଙ୍ଗୀରେ ହାଇସ୍କୁଲ ପ୍ରତିଷ୍ଠା କରି ତା'ର ଉନ୍ନତି ପାଇଁ ଆପଣାକୁ ନିୟୋଜିତ କରିଥିଲେ।

ଧନେଶ୍ୱର ରଥ ଜଣେ କର୍ମଯୋଗୀ ଭାବେ ପରିଚିତ। ଆଧ୍ୟାତ୍ମିକ ଦୃଷ୍ଟି ତାଙ୍କୁ ସେବକ ହେବାକୁ ପ୍ରେରିତ କରିଥିଲା। ଉଭୟ ସଂସ୍କୃତ ଓ ଇଂରାଜୀ ଭାଷାରେ ବିଦ୍ୱାନ ଥିଲେ ଧନେଶ୍ୱର ରଥ। ପିଲାଦିନରୁ ଦେଶପ୍ରେମ ସାହିତ୍ୟ ପଢ଼ିବାର ସୁଯୋଗ ପାଇଥିଲେ। ବିଶେଷ କରି ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ କଥା, ତାଙ୍କ ନୀତି ଓ ଆଦର୍ଶ ତାଙ୍କୁ ଦେଶସେବା ପାଇଁ ଉତ୍ସାହିତ କରିଥିଲା। ଗାନ୍ଧିଜୀ କହୁଥିଲେ ଭାରତର ଆତ୍ମା ଗାଁରେ ରହିଛି। ଗାନ୍ଧିଜୀଙ୍କର ଏହି ବାର୍ତ୍ତା ଧନେଶ୍ୱରଙ୍କୁ ପ୍ରଭାବିତ କରିଥିଲା ଓ ସେ ଗାଁର ଉନ୍ନତି ସହିତ ଦେଶର ବିକାଶ ସମ୍ଭବ ବୋଲି ଭାବିଥିଲେ। ଏହି କାରଣରୁ ସେ ଗ୍ରାମାଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ନିଜକୁ ଉତ୍ସର୍ଗ କରିଥିଲେ। ଜଣେ ଶିକ୍ଷକ ଭାବରେ ଶିକ୍ଷାର ବିକାଶ ଓ ତାହା ଯେପରି ସମସ୍ତଙ୍କ ପାଖରେ ପହଞ୍ଚି ପାରିବ, ଅର୍ଥାତ୍ ତାଙ୍କ ଗାଁ ବା ଦେଶରେ କେହି ଅଶିକ୍ଷିତ ରହିବେ ନାହିଁ, ଏଥିପାଇଁ ଧନେଶ୍ୱର ରଥ ଆଜୀବନ ଉଦ୍ୟମ କଲେ। ତାହାହିଁ ଥିଲା ଜଣେ ଶିକ୍ଷକର କର୍ମ ଓ ଧର୍ମ। ଜଣେ କର୍ମଯୋଗୀ ସେବକ ଯେପରି ଆପଣା କର୍ମ ମାଧ୍ୟମରେ ଅନ୍ୟର ଓ ସମାଜ ତଥା ଦେଶର ଉପକାର କରିପାରେ ଓ ସେବା କରିପାରେ ତାହା ଧନେଶ୍ୱର ରଥଙ୍କ ଜୀବନରେ ପ୍ରତିଫଳିତ ହୋଇଥିଲା। ମାଆଙ୍କ ପ୍ରେରଣାରୁ ଓ ପରିବାରର ସଂସ୍କାରରୁ ସେ ଆପଣା ଆଧ୍ୟାତ୍ମିକ ଦୃଷ୍ଟିକୁ ପ୍ରସାରିତ କରିଥିଲେ। ବିଭୁପ୍ରେମରେ ଲୀନ ରହି ଜଣେ ଈଶ୍ୱରଙ୍କ ସେବକ ହେବାକୁ ଉତ୍ସାହିତ ହୋଇଥିଲେ। ଆଧ୍ୟାତ୍ମିକତାର ଜ୍ଞାନ ତାଙ୍କୁ ଶ୍ରୀମଦ୍ ଭଗବତ ଗୀତାରୁ ମିଳୁଥିଲା। ସେ ବୁଝିଥିଲେ ଯେ ଗୀତା ମଣିଷ ଜୀବନର ମାର୍ଗଦର୍ଶିକା। ଗୀତା ମାନବ ଜୀବନକୁ ପରିମାର୍ଜିତ, ଶୃଙ୍ଖଳିତ ଓ ପରମ ଶକ୍ତିର ସନ୍ଧାନରେ ଆଗେଇ ନେବା ଦିଗରେ ଏକ ପଥ ପ୍ରଦର୍ଶକ ଭାବେ କାମ କରିଥାଏ। ସେ ଶ୍ରୀମଦ୍ ଭଗବତ ଗୀତାର ବାଣୀକୁ ଗ୍ରହଣ କରି ତା'ର ମାର୍ଗଦର୍ଶନକୁ ଆପଣାଇ ତାଙ୍କ ଜୀବନକୁ ଏକ ସାର୍ଥକ ଜୀବନରେ ପରିଣତ କରିଯାଇଛନ୍ତି।



ସେବା ଧର୍ମରେ ସେ ଦୀକ୍ଷିତ ହୋଇଥିଲେ। ସମାଜର ବିକାଶ, ତଳେ ପଡ଼ିଥିବା ମଣିଷର ଉନ୍ନତି ଥିଲା ତାଙ୍କର ଲକ୍ଷ୍ୟ। ସେହି ନମସ୍ୟ ପୁରୁଷ ଯାହାଙ୍କ ତ୍ୟାଗ ଓ ସେବା ବଳରେ, ଶ୍ରଦ୍ଧା ଓ ପୁଣ୍ୟ କାରଣରୁ ଓଡ଼ିଶା ପରି ଏକ ଦରିଦ୍ର ରାଜ୍ୟରେ ବୈଷୟିକ ଶିକ୍ଷାର ଉନ୍ନତି ହୋଇଛି ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ସମ୍ଭବ ହୋଇପାରିଛି। ଓଡ଼ିଶାରେ ଅନେକ ମହାପୁରୁଷ ଶିକ୍ଷାରେ ସଂସ୍କାର କରିଛନ୍ତି। ସେମାନଙ୍କ ମଧ୍ୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପୁଣ୍ୟଶ୍ଳୋକ ଗୋପବନ୍ଧୁ ଚୌଧୁରୀ ଅନ୍ୟତମ। ସେହିପରି ଧନେଶ୍ୱର ରଥ ମଧ୍ୟ ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ସ୍ୱପ୍ନ ଦେଖିଥିଲେ, ଯେଉଁ କାରଣରୁ ତାଙ୍କର ସୁଯୋଗ୍ୟ ସନ୍ତାନମାନେ ପ୍ରତିଷ୍ଠା କରିଛନ୍ତି ଉନ୍ନତ ବୈଷୟିକ ଶିକ୍ଷାନୁଷ୍ଠାନ। ପିତାଙ୍କ ନାମରେ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନ 'ଡ୍ରିମ୍‌ସ' ରାଜ୍ୟର ଏକ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି। ସେହିପରି ଆମ ରାଜ୍ୟର ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଦିନ ଧନେଶ୍ୱର ରଥ ସ୍ୱପ୍ନ ଦେଖିଥିଲେ। ତାଙ୍କର ସେହି ସ୍ୱପ୍ନକୁ ସାକାର କରାଯାଇଛି ଓ ଗଢ଼ିଉଠିଛି ଏକ ଜନ୍ମତ ଡାକ୍ତରଖାନା "ପଦ୍ମିନୀ କେୟାର ହସ୍ପିଟାଲ"। ଡ୍ରିମ୍‌ସ ଓ ପଦ୍ମିନୀ କେୟାର ହସ୍ପିଟାଲ ଏହି ଦୁଇଟି ଅନୁଷ୍ଠାନମାନ ସେବାରେ ସମର୍ପିତ। ଜୀବନରେ ଶିକ୍ଷା ଓ ସ୍ୱାସ୍ଥ୍ୟ ହିଁ ପ୍ରକୃତ ଧନ। ଏହା ଧନେଶ୍ୱର ରଥ ବୁଝିଥିଲେ ଓ ତାଙ୍କ ସନ୍ତାନମାନେ ମଧ୍ୟ ଏହାକୁ ଠିକ୍ ଭାବରେ ହୃଦୟଙ୍ଗମ କରି ସେହି କାମରେ ଲାଗିଛନ୍ତି। ସେମାନଙ୍କ ପ୍ରୟାସରୁ ଧନେଶ୍ୱର ରଥଙ୍କର ଆଶା ପୂରଣ ହୋଇପାରିଛି।

ଏପରି ଜଣେ ସେବକ, କର୍ମଯୋଗୀଙ୍କର ପରଲୋକ ୧୯୯୪ ମସିହାରେ ହେଲା। ତାଙ୍କ କର୍ମମୟ ଜୀବନର ଯାତ୍ରା ଶେଷ ହୋଇଯାଇଥିଲେ ମଧ୍ୟ ସେହି କର୍ମର ପ୍ରେରଣା ଅନ୍ୟମାନଙ୍କୁ ଅନୁପ୍ରାଣିତ କରିଅଛି ଓ ଧନେଶ୍ୱରଙ୍କ କର୍ମଯୋଗ ଜାରି ରହିଛି। ଅନେକ ବ୍ୟକ୍ତି ଜୀବନ ଧାରଣ କରି ଭୋଗ ବିଳାସରେ ଜୀବନ ଅତିବାହିତ କରି ଶେଷରେ ଏ ଦୁନିଆରୁ ବିଦାୟ ନେଇଛନ୍ତି। ମାତ୍ର ସେମାନଙ୍କ ମଧ୍ୟରେ ଧନେଶ୍ୱର ରଥ ଏକ ବ୍ୟତିକ୍ରମ। ସେ ତାଙ୍କ ଜୀବନକୁ ଚାହିଁଥିଲେ ଭୋଗ ବିଳାସରେ ରଖିପାରିଥାନ୍ତେ, ଆପଣାକୁ ସମୃଦ୍ଧ ଓ ସମ୍ପନ୍ନ କରିପାରିଥାନ୍ତେ. ମାତ୍ର ତାଙ୍କ ସଂସ୍କାର ଓ ଶିକ୍ଷା ତାଙ୍କୁ ସେ ଦିଗରେ ବାଧା ଦେଇଛି। ସେ ଅନ୍ୟମାନଙ୍କ ପାଇଁ ଆପଣାକୁ ସମର୍ପଣ କରିଯାଇଛନ୍ତି। ସେହି ପୁଣ୍ୟସ୍ମୃତିଙ୍କୁ ସ୍ମରଣ କରିବା ଆମର କର୍ତ୍ତବ୍ୟ ଓ ତାଙ୍କ ସେବାମୟ ଚିନ୍ତା ଚେତନାକୁ ଆଗକୁ ନେବା ଆମର ଧର୍ମ। ■

ଚାନ୍ଦିନୀଚୌକ, କଟକ-୨

**ଛାତ ଭୁଶୁଡ଼ି ଦୋକାନୀଙ୍କ ମୃତ୍ୟୁ ଘଟଣା**

## ସିଲ୍ ହେଲା ବିଶ୍ୱାସରାୟ ମାର୍କେଟ୍ କମ୍ପ୍ଲେକ୍ସ

■ ଚିନ୍ତାରେ ବ୍ୟବସାୟୀ

■ ଅସୁରକ୍ଷିତ ଷ୍ଟଲ୍ ଯାଞ୍ଚ ପାଇଁ କମିଟି ଗଠିତ

କୋରାପୁଟ,୧୪।୯(ସମିସ): ଜିଲ୍ଲା ପୁଲିସ ମୁଖ୍ୟାଳୟ ସମ୍ମୁଖରେ ଥିବା ବିଶ୍ୱାସ ରାୟ ମାର୍କେଟ୍ କମ୍ପ୍ଲେକ୍ସରେ ଏକ ଦୋକାନର ଛାତ ଭୁଶୁଡ଼ି ଶନିବାର ଜଣେ ଦୋକାନୀଙ୍କ ମୃତ୍ୟୁ ଘଟଣା ପରେ ଜିଲ୍ଲା ପ୍ରଶାସନର ଚେତା ପଶିଛି। ଏହି ଘଟଣା ପରେ ଗତକାଲି ରାତିରେ ବିଶ୍ୱାସରାୟ ମାର୍କେଟ କମ୍ପ୍ଲେକ୍ସ ବନ୍ଦ କରିବାକୁ ପ୍ରଶାସନ ପକ୍ଷରୁ ବ୍ୟବସାୟୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଜି ସକାଳୁ କମ୍ପ୍ଲେକ୍ସ ସମ୍ମୁଖରେ ପୁଲିସ ଜଗି ରହିଥିଲା। ଦୋକାନ ସବୁ ବନ୍ଦ ରହିଥିଲା। ଆଗକୁ ଦଶହରା, କୁମାର ପୂର୍ଣ୍ଣିମା ଓ ଦୀପାବଳି ଆସୁଥିବା ବେଳେ ଦୋକାନଗୁଡ଼ିକ ଜିଲ୍ଲା ପ୍ରଶାସନ ବନ୍ଦ କରିଦେଇଥିବାରୁ ବ୍ୟବସାୟୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଷ୍ଟଲ ଯାଞ୍ଚ କରି ସୁରକ୍ଷିତ ଷ୍ଟଲ ଖୋଲିବାକୁ ଅନୁମତି ଦିଆଯାଉ ବୋଲି ବ୍ୟବସାୟୀମାନେ ଦାବି କରିଛନ୍ତି। ଉକ୍ତ ମାର୍କେଟ କମ୍ପ୍ଲେକ୍ସରେ ଥିବା ଷ୍ଟଲଗୁଡ଼ିକ ଯାଞ୍ଚ କରିବାକୁ ଜିଲ୍ଲା ପ୍ରଶାସନ ଏବଂ କ୍ରିଟ୍ ପକ୍ଷରୁ ପୂର୍ତ୍ତ ବିଭାଗକୁ କୁହାଯାଇଥିବା ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ କହିଛନ୍ତି। ଖୁବ୍ କମ୍ ଦିନ ମଧ୍ୟରେ ଯାଞ୍ଚ ରିପୋର୍ଟ ଆସିବ ବୋଲି ସେ ଆଶା ରଖିଛନ୍ତି। ଯେଉଁ ଷ୍ଟଲଗୁଡ଼ିକର ଅସୁରକ୍ଷିତ ରିପୋର୍ଟ ଆସିବ, ସେଗୁଡ଼ିକ ବନ୍ଦ କରାଯିବ ଏବଂ ସୁରକ୍ଷିତ ଷ୍ଟଲ୍‌କୁ ଖୋଲିବା ପାଇଁ ଅନୁମତି ଦିଆଯିବ ବୋଲି ସେ କହିଛନ୍ତି। କୋରାପୁଟ ପୌର ପରିଷଦ ଅଧୀନରେ ରହିଥିବା ଷ୍ଟଲଗୁଡ଼ିକର ଯାଞ୍ଚ ନିମନ୍ତେ ଏକ କମିଟି ଗଠନ କରାଯାଇଛି। କୋରାପୁଟ ପୌର ପରିଷଦ ଯନ୍ତ୍ରୀ ମନୋଜ କୁମାର ପାତ୍ରଙ୍କ ନେତୃତ୍ୱରେ ଗଠିତ ଟିମ୍ ଆଜି ଜଗନ୍ନାଥ ମନ୍ଦିର ଛକ, ଡେଲି ମାର୍କେଟ୍, ଟ୍ରାଫିକ ଛକ ଏବଂ ଅମ୍ବିକା ବୁକ୍ ଷ୍ଟୋର ସମ୍ମୁଖରେ ରହିଥିବା ଷ୍ଟଲଗୁଡ଼ିକର ଯାଞ୍ଚ କରାଯାଇଛି। ଆସନ୍ତାକାଲି ବସଷ୍ଟାଣ୍ଡରେ ଥିବା ଷ୍ଟଲଗୁଡ଼ିକର ଯାଞ୍ଚ କରାଯିବା ପରେ ପ୍ରଶାସନକୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ପୌରଯନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। କୋରାପୁଟ ପୌରପରିଷଦର ଡିଏନକେ ଏବଂ ପେଟ୍ରୋଲ ପମ୍ପ ସମ୍ମୁଖରେ ହାଉସିଂବୋର୍ଡ ଦ୍ୱାରା ବହୁ ବର୍ଷ ପୂର୍ବେ ନିର୍ମିତ ଷ୍ଟଲଗୁଡ଼ିକର ଯାଞ୍ଚ କରିବାର ଆବଶ୍ୟକତା ରହୁଥିବାରୁ ତୁରନ୍ତ ଯାଞ୍ଚ କରି ରିପୋର୍ଟ ପ୍ରଦାନ ପାଇଁ ଜନସାଧାରଣଙ୍କୁ ସୂଚିତ କରିବାକୁ ଦାବି ହେଉଛି।

**ଓଏଚ୍‌ଆର୍‌ସିଙ୍କ ତାଗିଦ ପରେ ବିଭାଗ ତତ୍ପର**

## ଅଣସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୯(ସମିସ): ମାନବାଧିକାର କମିଶନଙ୍କ ନୋଟିସ୍ ପରେ ଅଣସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ଉପରେ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ବେଆଇନ ଏବଂ ଅଣସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନ୍ୟାସନାଲ ପ୍ୟାରେଣ୍ଟ୍ ଫେଡେରେସନ୍ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକଙ୍କ ତରଫରୁ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ପିଟିସନ ହୋଇଥିଲା। ଯାହାର ଶୁଣାଣି କରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ରାଜ୍ୟ ମାନବାଧିକାର ଆୟୋଗ ଅଧ୍ୟକ୍ଷ ନୋଟିସ୍ ଜାରି କରିଥିଲେ। ଏହାକୁ ଭିତ୍ତି କରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ଚାଲୁଥିବା ଅଣସ୍ୱୀକୃତିପ୍ରାପ୍ତ ସ୍କୁଲ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେପ୍ଟେମ୍ବର ୧୫ ତାରିଖ ଭିତରେ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଓଡ଼ିଶା ଶିକ୍ଷା ଆଇନ୍ ଏବଂ ଶିକ୍ଷା ଅଧିକାର ଆଇନ୍-୨୦୦୯ ନୀୟମାବଳିକୁ ଉଲ୍ଲଂଘନ କରି ପ୍ରାୟ ୧୫୦୦ରୁ ଉର୍ଦ୍ଧ୍ୱ ଅଣସ୍ୱୀକୃତିପ୍ରାପ୍ତ ବେସରକାରୀ ବିଦ୍ୟାଳୟ ଚାଲୁଛି। ଫଳରେ ସେଠାରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ନିରାପତ୍ତା, ସୁରକ୍ଷା ଏବଂ ଭବିଷ୍ୟତ ବିପଦପୂର୍ଣ୍ଣ ଅବସ୍ଥାରେ ଅଛି। ଏହିସବୁ ବିଦ୍ୟାଳୟଠାରୁ ଲକ୍ଷାଧିକ ଟଙ୍କା ଜୋରିମାନା ଆଦାୟ କରିବା ପାଇଁ ମଧ୍ୟ ଆଇନରେ ବ୍ୟବସ୍ଥା ଅଛି। ଏହିସବୁ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ତରଫରୁ ୨୦୧୮ ମସିହାରୁ କ୍ରମାଗତ ଭାବରେ ବାରମ୍ବାର ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ଚିଠି ମାଧ୍ୟମରେ ଏହି ବିଦ୍ୟାଳୟ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ତାଗିଦ୍ କରାଯିବା ସତ୍ତ୍ୱେ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିଲା। ବରଂ ଜିଲ୍ଲା ଶିକ୍ଷାଧିକାରୀମାନଙ୍କ ପୃଷ୍ଠପୋଷକତାରେ ଏହି ସ୍କୁଲ୍ ସବୁ ଚାଲୁଥିଲା। ଏ ସମ୍ବନ୍ଧରେ ନ୍ୟାସନାଲ ପ୍ୟାରେଣ୍ଟ୍ ଫେଡେରେସନ୍ ତରଫରୁ ନିର୍ଦ୍ଦେଶକ ଏବଂ ଶିକ୍ଷା ସଚିବଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ବିଭାଗ ତରଫରୁ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିଲା। ଫଳରେ ବାଧ୍ୟ ହୋଇ ସଭାପତି ପଟ୍ଟନାୟକ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଯାହାର ପ୍ରାଥମିକ ଶୁଣାଣି କରି ଅଗଷ୍ଟ ୧ ତାରିଖରେ ନିର୍ଦ୍ଦେଶକଙ୍କୁ ନୋଟିସ୍ ଜାରି କରି ସେପ୍ଟେମ୍ବର ୧୮ ତାରିଖ ସୁଦ୍ଧା ପକ୍ଷ ରଖିବାକୁ ନୋଟିସ୍ ଜାରି କରିଥିଲେ।

■ **ଏଆଇସିସି ସଂଗଠନ ସମ୍ପାଦକଙ୍କ ମାରାଥନ ବୈଠକ**

## ଓଡ଼ିଶାରେ ଠିକଣା ରାସ୍ତାରେ ଚାଲୁଛି କଂଗ୍ରେସ

ଭୁବନେଶ୍ୱର, ୧୪।୯ (ସମିସ): କେହି ବଡ଼ କି ଛୋଟ ନେତା ନୁହନ୍ତି। ସମସ୍ତେ କଂଗ୍ରେସ ନେତା। ୨୦୨୯ କଂଗ୍ରେସର। ଓଡ଼ିଶାରେ କଂଗ୍ରେସ ଠିକଣା ବାଟରେ ଚାଲିଛି। ଓଡ଼ିଶା ଗସ୍ତରେ ଆସିଥିବା ଏଆଇସିସି ସାଧାରଣ ସମ୍ପାଦକ (ସଂଗଠନ) କେ.ସି ବେଣୁଗୋପାଳ ମାରାଥନ ବୈଠକ କରି ଦଳର ନେତା ଓ କର୍ମୀଙ୍କୁ ଏହା କହିଛନ୍ତି। ରବିବାର ସନ୍ଧ୍ୟାରେ କଂଗ୍ରେସ ଭବନରେ ପ୍ରଥମେ ଦଳର ରାଜନୈତିକ ବ୍ୟାପାର କମିଟି ବୈଠକ ଓ ପରେ ପିସିସି କାର୍ଯ୍ୟକର୍ତ୍ତା, ସମସ୍ତ ବିଭାଗ, ଛାମୁଆ ସଂଗଠନ ଓ ସେଲ୍‌ର ମୁଖ୍ୟ ତଥା ସଂଗଠନ ସୃଜନ ଅଭିଯାନରେ ଦାୟିତ୍ୱ ନିଭାଇଥିବା ପିସିସି ପର୍ଯ୍ୟବେକ୍ଷକମାନଙ୍କ ସହ ଶ୍ରୀ ବେଣୁଗୋପାଳ ବୈଠକ କରିଥିଲେ। ଏହି ଅବସରରେ ସେ କହିଛନ୍ତି ଯେ ଆସନ୍ତା ୩୦ ସେପ୍ଟେମ୍ବର ସୁଦ୍ଧା ଓଡ଼ିଶାର ସମସ୍ତ ୩୫ ସାଂଗଠନିକ ଜିଲ୍ଲାର ସଭାପତି ଚୟନ କାର୍ଯ୍ୟ ଶେଷ ହେବ। ଦଳର ନେତା ରାହୁଲ ଗାନ୍ଧୀଙ୍କ ମାର୍ଗଦର୍ଶନରେ ଗୁଜରାଟରେ ହୋଇଥିବା ୧୦ ଦିନିଆ ପ୍ରଶିକ୍ଷଣ ଶିବିର ଶୈଳୀରେ ଓଡ଼ିଶା କଂଗ୍ରେସ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ହେବ। ଦଳର ବରିଷ୍ଠ ନେତୃବୃନ୍ଦଙ୍କୁ ନେଇ ଗଠିତ ରାଜନୈତିକ ବ୍ୟାପାର କମିଟି (ପିଏସି) ବୈଠକରେ ଦଳର ସମସ୍ତ ବିଧାୟକ ଓ ସାଂସଦଙ୍କ ଉପସ୍ଥିତିରେ ସେ ଆହୁରି କହିଥିଲେ, ଦଳ ଏବେ ଜନସାଧାରଣଙ୍କ ଦୃଷ୍ଟିରେ ଓଡ଼ିଶାରେ ପ୍ରମୁଖ ବିରୋଧୀ ଦଳର ମାନ୍ୟତା ପାଉଛି। ପ୍ରତି ତିନି ମାସରେ ଥରେ ନବନିଯୁକ୍ତ ଜିଲ୍ଲା ସଭାପତିମାନଙ୍କ କାର୍ଯ୍ୟ ସମୀକ୍ଷା କରାଯିବ।


**AFFIDAVIT**

I VAISYARAJU SWAPNA, W/o- VAISYARAJU RAJESH, resident of Mill Sahi, Santoshi Nagar, Po./Ps.- Borigumma, Dist.-Koraput- 764056, Odisha declare by this Affidavit No. 3676, Dated 08/09/2025, that now onwards I shall be known as **VYSYARAJU SWAPNA** for all future purpose.

**AFFIDAVIT**

By virtue of an affidavit of sworn before the notary, Baripada, Mayurbhanj, dated 13.09.2025, I Sujit kumar Sahoo, Adress At - Baghra Road, Ward no 19, Po - Baripada, Ps- Baripada, Dist - Mayurbhanj, State - Odisha, Pin - 757001 declare that I have changed my name from Sujit Kumar Sahu to Sujit Kumar Sahoo. Henceforth, I shall be known as Sujit Kumar Sahoo for all purposes.

**SUJIT KUMAR SAHOO**

बैंक ऑफ महाराष्ट्र Bank of Maharashtra भारत सरकार का उद्यम एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର**
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

**ଦଖଲ ନୋଟିସ୍** [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ କଥିତ ରୁଲ୍ସର ରୁଲ୍ ୮ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ସାଙ୍କେତିକ ଦଖଲକୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ସହ-ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଟିଟିଲାଗଡ ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
| --- | --- | --- | --- |
| ଋଣଗ୍ରହୀତାମାନେ: ୧) ଶ୍ରୀ ଲିଳାମୟ ସାହୁ, ପିତା: ଶ୍ରୀ କେଶରୀ ସାହୁ, ୨) ଶ୍ରୀମତୀ ସୁଜାତା ସାହୁ, ସ୍ୱାମୀ: ଶ୍ରୀ କେଶରୀ ସାହୁ, ଉଭୟଙ୍କ ଠିକଣା- ଗ୍ରା.: କୁରୁସୁଡ, ପୋ.: କୁରୁସୁଡ, ସିନ୍ଧେକେଲା, ଜିଲ୍ଲା: ବଲାଙ୍ଗୀର, ପିନ୍-୭୬୭୦୩୫ | ଶ୍ରୀମତୀ ସୁଜାତା ସାହୁ, ସ୍ୱାମୀ: କେଶରୀ ସାହୁଙ୍କ ନାମରେ ଥିବା ବାସୋପଯୋଗୀ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜାଗ୍ରାମ: | ୧୦.୦୬.୨୦୨୫ ସୁଦ୍ଧା ଟ.୧୪,୯୬,୦୪୧.୬୮ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୦.୦୬.୨୦୨୫ / ୦୯.୦୯.୨୦୨୫ |

କୁରୁସୁଡ, ତହସିଲ: ଟିଟିଲାଗଡ, ଥାନା: ସିନ୍ଧେକେଲା, ଥାନା ନଂ.: ୪୫, ପୋ.: କୁରୁସୁଡ, ସିଟିଏସ୍/ସର୍ଭେ ନଂ. /ଏଚ୍‌ଏନ୍ ନଂ.: ୨୭୫/୩୮୩, ପ୍ଲଟ୍ ନଂ.: ୯୮୬/୨୧୨୬, ପରିମିତ କ୍ଷେତ୍ର: ଏକର୦.୦୮୦ଡିସିମିଲି, କିସମ: ଘରବାରି ଏକ, ଏହାର ଚଉହଦ୍ଦି- ପୂର୍ବ: ଭୋଳାନାଥ ସାହୁଙ୍କ ଜମି, ପଶ୍ଚିମ: ଟେଲୁ ସାହୁଙ୍କ ଜମି, ଉତ୍ତର: କେଶରୀ ସାହୁଙ୍କ ଜମି, ଦକ୍ଷିଣ: ରାସ୍ତା, ସହିତ ପରିମିତ କ୍ଷେତ୍ର: ଏକର୦.୦୮୦ଡିସିମିଲିରେ ଥିବା ସମସ୍ତ ଗୃହ ଏବଂ ନିର୍ମିତ ଷ୍ଟ୍ରକ୍‌ଚର୍ସ କିମ୍ବା ନିର୍ମାଣ ହେବାକୁ ଥିବା ଷ୍ଟ୍ରକ୍‌ଚର୍ସ ଏବଂ ସେଥିରେ ସଂଲଗ୍ନ ସମସ୍ତ ଫିକ୍‌ଚର୍ସ (ସାଙ୍କେତିକ ଦଖଲ)।

ତାରିଖ: ୧୪.୦୯.୨୦୨୫, ସ୍ଥାନ: ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

## ସହର ରାସ୍ତାରେ ଯାତାୟାତ ଅସୁରକ୍ଷିତ

# ଖୋଲାଖୋଲି ବାଲି, ସିମେଣ୍ଟ, କ୍ରସର ଗୁଣ୍ଡ ପରିବହନ



● ଜାଣି ଅଜଣା ପ୍ରଶାସନ, ରାସ୍ତାରେ ଲୋକଙ୍କ ସୁରକ୍ଷାକୁ ଅଣଦେଖା
● ସହରରେ ପାହାଡ ଭଳି ଗଦା ହୋଇଛି ବାଲି, ମେଟାଲ
● ସରକାରୀ ପ୍ରକଳ୍ପ ନିର୍ମାଣସ୍ଥଳକୁ ବିନା ସୁରକ୍ଷାରେ ଯାଉଛି

ବଲାଙ୍ଗିର, ୧୪।୯ (ସମିସ)

ବଲାଙ୍ଗିର ସହର ଭିତରେ ସହରବାସୀଙ୍କ ପାଇଁ ଅନେକ ସମସ୍ୟା ରହିଛି। ନିତିଦିନ ସହରବାସୀ ବହୁ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସହର ଭିତରେ ଯାତାୟାତ କରିବା ବର୍ତ୍ତମାନ ସମୟରେ ଅସୁରକ୍ଷିତ ହୋଇପଡଛି। ଖୋଲାଖୋଲି ଭାବେ ଟ୍ରାକ୍ଟରରେ ବାଲି, ଇଟା ଇତ୍ୟାଦି ସହର ଭିତରେ ନେବା ଆଣିବା କରାଯାଉଛି। ସେହିଭଳି ବିଭିନ୍ନ ସ୍ଥାନରେ ବାଲି, ମେଟାଲ ଗଚ୍ଛିତ ରଖି ଅନେକ ବ୍ୟବସାୟ ମଧ୍ୟ ଚଳାଇଛନ୍ତି; ଯାହାକି ସମ୍ପୂର୍ଣ୍ଣ ଭାବେ ବେଆଇନ। ଏଥିପ୍ରତି ପ୍ରଶାସନର କିନ୍ତୁ ନଜର ମଧ୍ୟ ନାହିଁ। ଲୋକେ ପ୍ରତିଦିନ ଏହାଦ୍ୱାରା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ବର୍ତ୍ତମାନ ସମୟରେ ସହରର ବିଭିନ୍ନ ସ୍ଥାନରେ ବଡ ବଡ ଉନ୍ନତିମୂଳକ ପ୍ରକଳ୍ପ କାମ ଚାଲିଛି। ସହର ଦିନକୁ ଦିନ ସମ୍ପ୍ରସାରିତ ହେଉଛି। ଘର ତିଆରି କାମ ମଧ୍ୟ ବହୁ ପରିମାଣରେ ବୃଦ୍ଧି ପାଇଛି। ତେବେ ଏହି ସବୁ ନିର୍ମାଣ କାମ ପାଇଁ ସହରବାସୀ ବିଭିନ୍ନ ମାଧ୍ୟମରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସହରରେ ବାଇପାସ ରାସ୍ତା, ରେଳ ଷ୍ଟେସନ ନିର୍ମାଣ କାମ ସହ ବହୁ ବଡ ବଡ କାମ ଚାଲିଛି। ଏହି କାମ ପାଇଁ ବ୍ୟବହାର ହେଉଥିବା ବାଲି, ମେଟାଲ, ସିମେଣ୍ଟ, ଇଟା, କ୍ରସର ଗୁଣ୍ଡ ଦିନ ରାତି ସହରରେ ନେବା ଆଣିବା ଚାଲ ରହିଛି। ସହର ଭିତରେ ବାଲି, ସିମେଣ୍ଟ, କ୍ରସର ଗୁଣ୍ଡା, ଇଟାକୁ ଢାଙ୍କି ନେବା ପାଇଁ ନିୟମ ରହିଛି; କିନ୍ତୁ ପରିହନ କରୁଥିବା ଗାଡି ଗୁଡିକ ଖୋଲାଖୋଲି ଏହା ପରିବହନ କରୁଛନ୍ତି। ଏହାଦ୍ୱାରା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଲି, ସିମେଣ୍ଟ ଗୁଣ୍ଡ ଯିବାଆସିବା ସମୟରେ ଧୂଳିମୟ ପରିବେଶ ସୃଷ୍ଟି କରୁଛି। ପରିବହନ କରୁଥିବା ଗାଡିଗୁଡିକ ଦ୍ରୁତ ଗତିରେ ଯାଆସ କରୁଥିବାରୁ ଅନେକ ସମୟରେ ତାହା ରାସ୍ତାକଡରେ ପଡ଼ିରହୁଛି। ପରବର୍ତ୍ତୀ ସମୟରେ ଗାଡି ଯାତାୟାତ କଲେ ରାସ୍ତାଗୁଡିକ ମଧ୍ୟ ଧୂଳିମୟ ପରିବେଶ ସୃଷ୍ଟି କରୁଥିବା ଦେଖିବାକୁ ମିଳିଛି। ସେହିପରି ସହରର ବିଭିନ୍ନ ସ୍ଥାନରେ ବାଲି, ମେଟାଲ ପାହାଡ ଭଳି ଗଚ୍ଛିତ ରଖାଯାଇଛି। ସେହିଠାରୁ ଛୋଟ ଛୋଟ ଟ୍ରାକ୍ଟରରେ ଲୋଡ୍ କରାଯାଇ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଏହା ଖୋଲାରେ ଚାଲିଥିବା ବେଳେ ଲୋକଙ୍କ ପାଇଁ ଏହା ଆଉ ଏକ ସମସ୍ୟାର କାରଣ ବୋଲି ଅଭିଯୋଗ ହୋଇଛି। ସେହିପରି ସହର ଭିତରେ ଚାଲିଥିବା ବଡ ବଡ କୋଠା ନିର୍ମାଣ ସ୍ଥଳରେ ମଧ୍ୟ ମାସ ମାସ ଧରି ବାଲି, ସିମେଣ୍ଟ ଓ ଆବର୍ଜନା ପଡ଼ିରହୁଛି; ଯାହାକି ଆଉ ଏକ ବଡ ସମସ୍ୟା। ତେବେ ଏହି ସବୁ ସମସ୍ୟାର ସମାଧାନ କରିବା ପାଇଁ ଏହି କାରବାର ଚଳାଇଥିବା ବ୍ୟକ୍ତିମାନଙ୍କ ବିରୋଧରେ ପୁଲିସ, ପୌର କିମ୍ବା ତହସିଲ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା କଥା; କିନ୍ତୁ ଏହାକୁ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ କାହାକୁ କହିବ, ଶୁଣିବ କିଏ ନ୍ୟାୟରେ ଲୋକେ ମଧ୍ୟ କାହାକୁ ଅଭିଯୋଗ କରିବେ। ଏହି ନ ଛୋଡବନ୍ଧାମାନଙ୍କ ବିରୋଧରେ କିଏ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବାହାନାରେ କାହାକୁ ଅଭିଯୋଗ କରୁ ନ ଥିବା ଅଭିଯୋଗ ହୋଇଛି।

## ଭେଲାଗାଁକଲୋନୀପଡ଼ା ରାସ୍ତା ଶୋଚନୀୟ

କଳାମପୁର, ୧୪।୯ (ସମିସ): କଳାହାଣ୍ଡି ଜିଲ୍ଲା କଳାମପୁର ବ୍ଲକ ମିନଗୁଡ଼ ପଞ୍ଚାୟତ ଅନ୍ତର୍ଗତ ଭେଲାଗାଁ କଲୋନୀପଡ଼ା ରାସ୍ତା ଶୋଚନୀୟ ହୋଇପଡ଼ିଛି, ଫଳରେ ପଡ଼ାବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ଭେଲାଗାଁ ମୁଖ୍ୟରାସ୍ତା ଠାରୁ କଲୋନୀପଡ଼ାକୁ ଦୂରତା ୭୦ମିଟର ଭିତରେ ହେବ। ଏହି ରାସ୍ତା ସଂକୀର୍ଣ୍ଣ ହୋଇଥିବା ବେଳେ ଖାଲଖମା ଓ କାଦୁଅ ଯୋଗୁଁ ଯାତାୟାତ ସମ୍ଭବ ହୋଇ ପାରୁ ନାହିଁ, ଚାରି ଚକିଆ ଗାଡି ତ ଦୂରର କଥା ଦୁଇ ଚକିଆ ମଧ୍ୟ ଯିବା ମୁସ୍କିଲ ହୋଇ ପଡ଼ିଛି। ବର୍ଷା ହେଲେ ପାଦରେ ଚାଲିଯିବା ମଧ୍ୟ ସମ୍ଭବ ନୁହେଁ। ଯଦିଓ ପଡ଼ା ଭିତରେ କିଛି ସ୍ଥାନରେ କଂକ୍ରିଟ କାର୍ଯ୍ୟ ହୋଇଛି, କିନ୍ତୁ ସେହି କଂକ୍ରିଟ ଉପରେ ପାଣି ଚାଲୁଛି, କାହିଁ କେବେ ସେ କାମ ହୋଇଛି ଯେ ଅଧା ରାସ୍ତା ଭାଙ୍ଗି ପୋଡି ହୋଇ ଗଲାଣି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ପଡ଼ାବାସୀ ନିବେଦନ କରିଛନ୍ତି।

## 'ଆସ ଆମେ ସ୍କୁଲ ଯିବା' କାର୍ଯ୍ୟକ୍ରମ

ଶଗଡ଼ା, ୧୪।୯ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଅନ୍ତର୍ଗତ ପଥେଇ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ଆସ ଆମେ ସ୍କୁଲ ଯିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧାରୁ ପାଠ ଛାଡିଥିବା, ଅଦ୍ୟାପି ନାମ ଲେଖାଇ ନ ଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁକଦେବ ମହାଲିକ ଓ ସହକାରୀ ଶିକ୍ଷକ ଲୋକେଶ କୁମାର ନାଏକଙ୍କ ସହ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀମାନେ ହାତରେ ପ୍ଲାକାର୍ଡ ଧରି ସଚେତନତା ସ୍ଲୋଗାନ ଦେଇ ଏକ ରାଲିରେ ବାହାରି ଗ୍ରାମ ପରିକ୍ରମା କରିଥିଲେ।

## ସଇଁତଲା ସମବାୟ ସମିତିରେ ଏକ୍ସପାଏରୀ କୀଟନାଶକ

● ସମ୍ପାଦକ ଚୁପ୍, ଅଧିକାରୀଙ୍କ ପାଖେ ଖବର ନାହିଁ

ସଇଁତଲା, ୧୪।୯ (ସମିସ): ରାଜ୍ୟରେ ବର୍ତ୍ତମାନ ଚାଷ କାର୍ଯ୍ୟ ଲାଗି ସାରର ଅଭାବ ଦେଖା ଦେଇଛି। ଚାଷୀ ସାର ପାଇଁ ଦିନରାତି ସମବାୟ ସମିତିରେ ଲମ୍ବା ଲାଇନରେ ଛିଡା ହେଉଛନ୍ତି। ତେବେ ସମବାୟ ସମିତିରେ ଏକ୍ସପାଏରୀ ଇଫ୍‌କୋ ନାନୋ ଔଷଧ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଚାଷୀଙ୍କ ଅଭିଯୋଗରୁ ଜଣାପଡ଼ିଛି ଯେ, ସଇଁତଲା ସମବାୟ ସମିତିରେ ୟୁରିଆ ସାର ୩୩୦ ଟଙ୍କା ଓ ଇଫ୍‌କୋ ନାନୋ ଔଷଧ ୨୦୦ ଟଙ୍କାରେ ବିକ୍ରି ହେଉଥିଲା। ସମବାୟ ସମିତିରେ ବିକ୍ରି ହେଉଥିବା ଏହି ନାନୋ ଔଷଧ ଏକ୍ସପାଏରୀ ହେଉଥିବା ବେଳେ ସମବାୟ ସମ୍ପାଦକ ଏହାକୁ ଖୋଲମ ଖୋଲା ବିକ୍ରି କରୁଥିଲେ। କିଛି ଚାଷୀ ଏହି ଅଭିଯୋଗ କରିବା ସହ ଏକ୍ସପାଏରୀ ଇଫ୍‌କୋ ନାନୋ ଔଷଧ କାମରେ ଆସିବ ନାହିଁ ବୋଲି ଅଭିଯୋଗ କରିଛନ୍ତି। ତେବେ ସମବାୟ ସମ୍ପାଦକ ମନମୁଖୀ କାର୍ଯ୍ୟ କରିବା ସହ ଜୋରଜବରଦସ୍ତ ଚାଷୀଙ୍କୁ ନାନୋ ଔଷଧ ବିକ୍ରି କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ୟୁରିଆ ସାର ସରକାରୀ ମୂଲ୍ୟ ୨୯୦ଟଙ୍କା ଥିବାବେଳେ ସମ୍ପାଦକ ନିଜ ମନମୁଖୀ କାର୍ଯ୍ୟ କରି ୩୩୦ ଟଙ୍କାରେ ବିକ୍ରି କରୁଛନ୍ତି। ତେବେ ଏ ସମ୍ପର୍କରେ ସମବାୟ ସମିତି ସମ୍ପାଦକ ରୋହିତ ସାହୁଙ୍କୁ ପଚାରିବାରୁ ଇଫ୍‌କୋ ଔଷଧ ଏକ୍ସପୋଏରୀ ଥିବା ମାନିଛନ୍ତି। ଚାଷୀଙ୍କୁ ଏକ୍ସପାଏରୀ ସାର ଯୋଗାଣ ଘଟଣାର ତଦନ୍ତ କରିବା ସହ ସମବାୟ ସମିତି ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀ ନେତା ଦାବି କରିଛନ୍ତି।

## କୋନାବିରା ପଞ୍ଚାୟତସ୍ତରୀୟ ଯୁବ ଯାଦବ ବୈଠକ

ନୂଆପଡ଼ା /କୋମନା, ୧୪।୯ (ସମିସ): କୋମନା ବ୍ଲକ କୋନାବିରା ପଞ୍ଚାୟତ ବହଲମୁଣ୍ଡା ଖେଳ ପଡ଼ିଆରେ ପଞ୍ଚାୟତସ୍ତରୀୟ ଯୁବ ଯାଦବ ସଂଗଠନର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋମନା ବ୍ଲକ ଯୁବ ଯାଦବ ସଭାପତି କାର୍ତ୍ତିକ ବାଗଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ମୁଖ୍ୟ ଉଦ୍ଦେଶ୍ୟ ପଞ୍ଚାୟତ ସ୍ତରୀୟ ଯୁବ ସଂଗଠନ ଓ ଓବିସିମାନଙ୍କ ହକ, ଅଧିକାର ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ଉତ୍କଳ ଯାଦବ ମହାସଭାର ସମ୍ପାଦକ ତ୍ରିଲୋଚନ ନାଗ, ଉତ୍କଳ ଯାଦବ ମହାସଭାର ଯୁବ ସମ୍ପାଦକ କପିଳେନ୍ଦ୍ର ଭୋଇ, କୋମନା ବ୍ଲକ ଉପସଭାପତି ପବିତ୍ର ପୋଡ଼, ରଜନା କେନ୍ଦ୍ରର ଉପସଭାପତି ଭକ୍ତି



ନିଆଲ, ଜିଲ୍ଲା ଯୁବ ଯାଦବ ପ୍ରତିନିଧି ତୁଷାରକାନ୍ତ ନିଆଲ, ତୋଫାନ ରଞ୍ଜନ ନିଆଲ, କୋମନା ବ୍ଲକର ପୂର୍ବତନ ଉପସଭାପତି କ୍ଷମା ସିଂ ନିଆଲ, ରଜନା ସରପଞ୍ଚ କ୍ଷିରସିନ୍ଧୁ ଭୋଇ, ଉପଦେଷ୍ଟା ଶୁକ୍ଳାମ୍ବର ନିଆଲ, ଶିକ୍ଷାବିତ ନୂତନ ଛତ୍ରିଆ, ଯୁବ ଉପସଭାପତି କେଶବ ବେମାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଯାଦବ ସମାଜର ସଂଗଠନ ପ୍ରକ୍ରିୟା ଓ ଆଗାମୀ ଦିନରେ ସମସ୍ତ ପଞ୍ଚାୟତରେ ଯୁବ ସଂଗଠନ ସୁଦୃଢ଼ କରିବା ଓ ଆମର ଓବିସି ହକ, ଅଧିକାର ପାଇଁ ସଚେତନତା ଉପରେ ମତାମତ ଦେଇଥିଲେ। ସର୍ବସମ୍ମତିକ୍ରମେ ପଞ୍ଚାୟତର ଯୁବ ସଭାପତି ଭାବେ ମଦନ ନାଗ, ଉପସଭାପତି ଧ୍ରୁବ ଚରଣ କଠାର, ରାଜିମ ଡୁଣ୍ଡି, ସମ୍ପାଦକ ମନୋଜ ହାତୀ, ସହ ସମ୍ପାଦକ ଗିରେନ୍ଦ୍ର ଛତ୍ରିଆ, କୋଷାଧ୍ୟକ୍ଷ ଶୁଶୀଲ ନିଆଲ, ସକ୍ରିୟ ସଦସ୍ୟ ଭାବେ ହିତେଶ କଠାର, ଟିକେଲାଲ ନିଆଲ, ଧନଞ୍ଜୟ ନିଆଲ, ସୁମନ ନିଆଲ ଚୟନ ହୋଇଥିଲେ। ଶେଷରେ ଲଳିତ କୁମାର ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଞ୍ଚଳିକ ଯାଦବ ସମିତିର ନୂତନ କର୍ମକର୍ତ୍ତା ଚୟନ

କୋକସରା, ୧୪।୯ (ସମିସ): କୋକସରା ବ୍ଲକ ମୋଟେର ପଞ୍ଚାୟତ କୁସୁମଖୁଣ୍ଟି ସ୍ଥିତ ନୀଳକଣ୍ଠେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ରବିବାର କୁସୁମଖୁଣ୍ଟି ଆଞ୍ଚଳିକ ଯାଦବ ସମିତିର ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଛି। ସଭାପତି ସୁଦର୍ଶନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ହିରଣ୍ୟ ବେହେରା ବୈଠକର ଉଦେଶ୍ୟ, ପୂର୍ବ ବୈଠକର ବିବରଣୀ ପଠନ, କାର୍ଯ୍ୟକାଳ ସମୟର ଆୟ ବ୍ୟୟ ହିସାବ ଓ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ବୈଠକରେ ଅତିଥି



ଭାବେ କୋକସରା ବ୍ଲକ ଯାଦବ ସମିତି ସଭାପତି ଦ୍ୱାରିକାନାଥ ବାଗ, ସମ୍ପାଦକ ବିଦ୍ୟାଧର ଗହୀର, ଜିଲ୍ଲା ଯୁବ ଯାଦବ ମହାସଭା ସାଧାରଣ ସମ୍ପାଦକ ଲିଙ୍ଗରାଜ ବେହେରା, ବ୍ଲକ କର୍ମଚାରୀ ସଂଘ ସଭାପତି ପ୍ରେମଚାନ୍ଦ ଗୋପାଳ, ସମ୍ପାଦକ ଭାଗବତ କଟା, ମାଝୀଗୁଡା ଅଞ୍ଚଳ ସଭାପତି ପଙ୍କଜ ପୋଡ଼, ବ୍ଲକ ଯାଦବ ସ୍ୱେଚ୍ଛାସେବୀ ଧବଳେଶ୍ୱର ଗହୀର, ଲକ୍ଷ୍ୟ ପୁଞ୍ଜି ଅତିଥି ଭାବେ ଯୋଗଦେଇଥିଲେ। ସର୍ବସମ୍ମତି କ୍ରମେ କୁସୁମଖୁଣ୍ଟି ଆଞ୍ଚଳିକ ଯାଦବ ସଭାପତି ଭାବେ ବଂଶୀଧର ବେହେରା, ଉପ ସଭାପତି ଚମାର ଚଣ୍ଡି, ସମ୍ପାଦକ ଟିକେଶ୍ୱର ରାଉତି, ସହ ସମ୍ପାଦକ ହରେକୃଷ୍ଣ ହାତୀ, କୋଷାଧ୍ୟକ୍ଷ ସୁଶାନ୍ତ ଭଇଁସାଲ, କର୍ମଚାରୀ ସଂଘ ସଭାପତି ଦୁର୍ମନ ବାଗ, ଯୁବଯାଦବ ସଭାପତି ତୁଳାରାମ ବେହେରା, ସମ୍ପାଦକ ମଙ୍ଗରାଜ ବେହେରାଙ୍କୁ ମନୋନୀତ କରାଯାଇଥିଲା। ପରେ ନୂତନ କର୍ମକର୍ତ୍ତା ଶପଥ ପାଠ ଗ୍ରହଣ କରି ସମାଜକୁ ଆଗେଇ ନେବାପାଇଁ ଶପଥ ନେଇଥିଲେ। ବୈଠକରେ ଚିତ୍ରସେନ ବେମାଲ, ଘେନୁ ବେହେରା, ଖଗେଶ୍ୱର ବେମାଲ, ଲକ୍ଷ୍ମଣ ବେହେରା, କୁମୁଦ କାନ୍ତ ବେହେରା, ପରମେଶ୍ୱର କାଣ୍ଡ, ବନବିହାରୀ ରାଉତି, କୁଶଧର ବେହେରା, ବେଣୁଧର କାଣ୍ଡ, ବଳରାମ ରାଉତି, ନକୁଳଚନ୍ଦ୍ର ଗହୀର ସମେତ ଅଞ୍ଚଳର ଶତାଧିକ ଯାଦବ ମାନେ ଉପସ୍ଥିତ ରହିଥିଲେ। ନୂତନ ଭାବେ ଦାୟିତ୍ୱ ନେଇଥିବା ସମ୍ପାଦକ ଟିକେଶ୍ୱର ରାଉତ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ।

## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ' ଉଦ୍‌ଘାଟିତ



ଭବାନୀପାଟଣା, ୧୪।୯ (ସମିସ): ସ୍ଥାନୀୟ ଟାଉନ ହଲ ଭବାନୀପାଟଣାଠାରେ ଜିଲ୍ଲାସ୍ତରୀୟ ମହକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ କଳା ଓ ପ୍ରତିଭାର ବିକାଶ କରିବା ଉଦ୍ଦେଶ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ତଥା ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଯୋଗ ଦେଇଥିବାବେଳେ ଅନ୍ୟତମ ଅତିଥି ଭାବରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ସ୍ନିଗ୍ଧା ପଣ୍ଡା, ବାଲଗୋପାଲ ସେବା ନିକେତନ ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁ ଅତିଥି ବାବୁଲି ମାଝୀ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ରୂପେଶ କୁମାର ହୋତା, ସଦସ୍ୟ ସଞ୍ଜୟ କୁମାର ଓ ଅଶୋକ ରଞ୍ଜନ ଚୌଧୁରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ସ୍ୱର୍ଣ୍ଣଲତା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସଭାକାର୍ଯ୍ୟ ପରିଚାଳନା କରିଥିଲେ ବାଲଗୋପାଲ ସେବା ନିକେତନ ଅନୁଷ୍ଠାନର ମୁଖ୍ୟ ହେମନ୍ତ ମୁଣ୍ଡ ଏବଂ ଧନ୍ୟବାଦ୍ ଅର୍ପଣ କରିଥିଲେ ଅଂଶୁମାନ ବାବୁ। କାର୍ଯ୍ୟକ୍ରମରେ ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁଙ୍କ ମଧ୍ୟରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ବକ୍ତୃତା, ଏକକ ସଙ୍ଗୀତ, ଚିତ୍ରାଙ୍କନ, କୁଇଜ୍ ଏବଂ ଦଳଗତ ନୃତ୍ୟ ଭଳି ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଉଦଯାପନୀ ପର୍ବ ପାଳନ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ, କଳାହାଣ୍ଡିର ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ସୁରକ୍ଷା ଅଧିକାରୀ ସୁଚରିତା ମହାପାତ୍ର, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ରୂପେଶ କୁମାର ହୋତା, ସଦସ୍ୟ ବୃନ୍ଦ ସଞ୍ଜୟ କୁମାର, ଅଶୋକ ରଞ୍ଜନ ଚୌଧୁରୀ ଓ ଭାରତ ଭୂଷଣ ପଣ୍ଡା, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ଭବାନୀ ପଟ୍ଟନାୟକ ଓ ସ୍ୱର୍ଣ୍ଣଲତା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର, ବରିଷ୍ଠ ଆଇନଜିବୀ ଜୟ ଶଙ୍କର ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲା ସ୍ତରୀୟ ମହକ କାର୍ଯ୍ୟକ୍ରମରେ ସମସ୍ତ ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିବା କୃତି ପ୍ରତିଯୋଗୀ ଆସନ୍ତା ନଭେମ୍ବର ମାସରେ ହେବାକୁ ଥିବା ରାଜ୍ୟସ୍ତରୀୟ ମହକ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ଚୟନ ହୋଇଛନ୍ତି। ସେମାନେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରି ଜିଲ୍ଲା ପାଇଁ ଗୌରବ ଆଣିବା ପାଇଁ ଆଶାବାଦୀ ଅଛନ୍ତି।

## ଯୁବ ନେତୃତ୍ୱ ବିକାଶ ତାଲିମ୍ ଶିବିର ଉଦ୍‌ଘାଟିତ

ଭବାନୀପାଟଣା, ୧୪।୯ (ସମିସ): ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ବ୍ୟୁରୋ ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପ୍ରୟୋଜନାରେ ତିନି ଦିନିଆ ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ ତାଲିମ୍ କାର୍ଯ୍ୟକ୍ରମ ଡ. ଚିତ୍ତରଞ୍ଜନ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ.ନିବେଦିତା ନାଥ ସଭାପତିତ୍ୱ କରି ସ୍ୱେଚ୍ଛାସେବୀଙ୍କୁ ଯଥାସମ୍ଭବ ନିଜର ସାମର୍ଥ୍ୟ ଅନୁସାରେ ଅନ୍ୟକୁ ସହଯୋଗର ହାତ ବଢ଼େଇ ନିଜକୁ ବ୍ରତି କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଶୁଭ୍ରାଂଶୁ ମିଶ୍ର, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, କଳାହାଣ୍ଡି ମୁଖ୍ୟଅତିଥି ରୂପେ ଯୋଗଦାନ କରି ସ୍ୱେଚ୍ଛାସେବୀଙ୍କୁ ଶୃଙ୍ଖଳିତ, ନିଷ୍ଠାବାନ ହେବା ସହିତ ସମାଜର ଜଣେ ଜଣେ ଆଦର୍ଶ ନାଗରିକ ହେବା ପାଇଁ ବକ୍ତବ୍ୟ ରଖିଥିଲେ। କର୍ଣ୍ଣେଲ ସୁନୀଲ କୁମାର, ୧୩ ବାଟାଲିୟନ ଏନସିସି, ଓଡ଼ିଶା, ମେଜର ଡ.ଜୟଦେବ ସାହୁ, ଉପ କୁଳସଚିବ, ପ୍ରିୟବ୍ରତ ବାଣୁଆ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ, କଳାହାଣ୍ଡି, ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଏନ୍ ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଜୟନ୍ତ ଦନସନା ସମାରୋହ ସଂଯୋଜନା କରିଥିବାବେଳେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ଼. ରାଧାରାଣୀ ନାୟକ ଅତିଥିଙ୍କ ପରିଚୟ ପ୍ରଦାନ, ମିସ ରୋଜମେରି ରୋସ୍ମିତା ଏକ୍କା ସମ୍ବର୍ଦ୍ଧନା ପର୍ବର ସଂଯୋଜନା କରିଥିବାବେଳେ




ଡ଼. ଚିତ୍ତରଞ୍ଜନ ଖୁଣ୍ଟିଆ, ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୋଟ୍ ୭ ଜଣ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀମାନେ ସୁଶାନ୍ତ ସାହୁ, ଭୁପେନ ବେସ୍ରା, ସସ୍ମିତା ପ୍ରଧାନ, ଗଣପତି ବାଗ, ସନ୍ତୋଷ ପ୍ରଧାନ ଏବଂ କନକ ମଞ୍ଜରୀ ବେହେରା ପ୍ରମୁଖ ବିଭିନ୍ନ ମହାବିଦ୍ୟାଳୟରୁ ଯୋଗଦାନ କରିଥିଲେ। ଶିବିରରେ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁବନ୍ଧିତ କଳାହାଣ୍ଡି ଜିଲ୍ଲାରୁ ୨୭ଟି ମହାବିଦ୍ୟାଳୟରୁ ୧୧୦ ଜଣ ମୋଟ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ନେଇ ତିନି ଦିନ ଧରି ଚାଲୁ ରହିବା ସହିତ ୧୦ଟି ବିଭିନ୍ନ ବିଷୟ ବସ୍ତୁକୁ ନେଇ ୧୦ଟି ଅଧିବେଶନ ସହିତ ପାଞ୍ଚ ଗୋଟି ବିଭାଗରେ ପ୍ରତିଯୋଗୀତା ଅନୁଷ୍ଠିତ ହେବ। ଶେଷରେ ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ପ୍ରିୟ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ନିଃଶୁଳ୍କ ଆକ୍ୟୁପ୍ରେସର୍ ଥେରାପି ଶିବିର ଉଦ୍‌ଯାପିତ

ଧର୍ମଗଡ଼, ୧୪।୯ (ସମିସ): ଧର୍ମଗଡ଼ ଜଗନ୍ନାଥ ସେବା ସମିତିର ତତ୍ତ୍ୱାବଧାନରେ ଶନିବାର ଶ୍ରୀକୃଷ୍ଣ ଭବନ ଠାରେ ନିଃଶୁଳ୍କ ଆକ୍ୟୁପ୍ରେସର୍ ଥେରାପି ଚିକିତ୍ସା ଶିବିରର ଉଦ୍‌ଯାପିତ ହୋଇଯାଇଛି। ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଡିଓ ସଦାଶିବ ନାୟକ, ବିଶିଷ୍ଟ ସମାଜସେବୀ ସୁକଲାଲ ଅଗ୍ରୱାଲ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଘନଶ୍ୟାମ ଅଗ୍ରୱାଲ ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ସାହୁ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବେଳେ ଅନୁଷ୍ଠାନର ସଦସ୍ୟ ନବୀନ ଅଗ୍ରୱାଲ ଧନ୍ୟବାଦ୍ ଅର୍ପଣ କରିଥଲେ। ରାଜସ୍ଥାନ ଯୋଧପୁରରୁ ଆସିଥିବା ଆକ୍ୟୁ ପ୍ରେସର୍ ଥେରାପି ସ୍ୱେସିଆଲିଷ୍ଟ କୌଶଳ ସିଂ ରାଜ ପୁରୋହିତ ଓ ଡାକ୍ତର ତେଜରାଜ ଚୌଧୁରୀଙ୍କ ଦ୍ୱାରା ଛଅ ଦିନ ଧରି ଅନୁଷ୍ଠିତ ଶିବିରରେ ବିଭିନ୍ନ ରୋଗରେ ପୀଡିତ ଥିବା ପ୍ରାୟ ୨୦୦ରୋଗୀଙ୍କ ରୋଗର ଉପଚାର ବିନା ଔଷଧରେ ଆକ୍ୟୁ ପ୍ରେସର୍ ଥେରାପି ଦ୍ୱାରା ମାଗଣାରେ କରାଯାଇଥିଲା। ଏହି ଅବସରରେ ଆକ୍ୟୁ ପ୍ରେସର୍ ଥେରାପି ସ୍ୱେସିଆଲିଷ୍ଟ କୌଶଳ ସିଂରାଜ ପୁରୋହିତ ଓ ଡାକ୍ତର ତେଜରାଜ ଚୌଧୁରୀ ଜଗନ୍ନାଥ ସେବା ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସୁନୀଲ ଧଙ୍ଗଡ଼ାମାଝୀ ସମାଜବାଦୀ ପାର୍ଟିର ରାଜ୍ୟ ସମ୍ପାଦକ ନିଯୁକ୍ତ



ଭବାନୀପାଟଣା, ୧୪।୯ (ସମିସ): ଯାଦବ ସଂସ୍କୃତି ଗବେଷକ ତଥା ସୁସଂଗଠକ ସୁନୀଲ କୁମାର ଧଙ୍ଗଡ଼ାମାଝୀ ସମାଜବାଦୀ ପାର୍ଟିର ଓଡ଼ିଶା ପ୍ରଦେଶ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି। ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ଅନୁମୋଦନ କ୍ରମେ ଓଡ଼ିଶା ପ୍ରଭାରୀ ସୁନୀଲ ସିଂ ଯାଦବ ଘୋଷଣା କରିଛନ୍ତି। ଏନେଇ ସମାଜବାଦୀ ପାର୍ଟି ଓଡ଼ିଶା ପ୍ରଦେଶ ସଭାପତି ଶିବ ହାତୀ ଯାଦବ ଏକ ପ୍ରେସ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ବୁଢୀପଦର ଗ୍ରାମର ପ୍ରତିମା ଧଙ୍ଗଡ଼ାମାଝୀ ଓ ସ୍ୱର୍ଗତ ଯଦୁମଣି ଧଙ୍ଗଡ଼ାମାଝୀଙ୍କ ସୁପୁତ୍ର ସୁନୀଲ ଜଣେ ପ୍ରତିଷ୍ଠିତ ସାମ୍ବାଦିକ, ସାହିତ୍ୟିକ, ସମାଲୋଚକ, ସଂଗଠକ ଓ ଗବେଷକ ଭାବେ ରାଜ୍ୟ ତଥା ସର୍ବଭାରତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ତାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବ, ଓଡ଼ିଶା ପ୍ରଭାରୀ ସୁନୀଲ ସିଂ ଯାଦବ ଏବଂ ଓଡ଼ିଶା ପ୍ରଦେଶ ସଭାପତି ଶିବ ହାତୀ ଯାଦବଙ୍କୁ କୃତଜ୍ଞତା ଜଣାଇଛନ୍ତି ଶ୍ରୀ ଧଙ୍ଗଡ଼ାମାଝୀ।

## ମାଟ୍ରିକ ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ



ଭବାନୀପାଟଣା, ୧୪।୯ (ସମିସ): କଳାହାଣ୍ଡି ଜିଲ୍ଲାରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଅଧିକ ସଂଖ୍ୟାରେ ଏ ୱାନ-ଗ୍ରେଡ ହାସଲ ଓ ଉତ୍ତମ ପରୀକ୍ଷା ଫଳାଫଳ ପାଇଁ ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମ ପ୍ରକାଶ-୨୦୨୬ ଅନ୍ତର୍ଗତ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ଦିଗଦର୍ଶନ କାର୍ଯ୍ୟକ୍ରମ ଆଜି ଆୟୋଜିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ମାର୍ଗ ଦର୍ଶନ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ, ଜିଲ୍ଲାର ସମସ୍ତ ୧୩ଟି ବ୍ଲକରେ ଗୋଷ୍ଠୀ ଶିକ୍ଷା ଅଧିକାରୀମାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏହି ଶିବିରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୪୦୦ ଜଣ ଛାତ୍ରଛାତ୍ରୀ, ତାଙ୍କ ପିତାମାତା - ଅଭିଭାବକ, ବିଷୟ ଶିକ୍ଷକ ଓ ସମସ୍ତ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ତଥା ବ୍ଲକର ସାଧନକର୍ମୀ ଶିକ୍ଷକ ଶିକ୍ଷୟିତ୍ରୀ ଏହି ଶିବିରରେ ପରୀକ୍ଷା ପାଇଁ ପ୍ରସ୍ତୁତି ଓ ଉତ୍ତମ ଫଳାଫଳ ପାଇବା ପାଇଁ ବିଭିନ୍ନ ଉପାଦେୟ ବିଷୟବସ୍ତୁ ଉପରେ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ଉତ୍ତମ ପରୀକ୍ଷା ଫଳାଫଳ ନିମନ୍ତେ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ, ସ୍କୁଲ ୱାରୀ ରିଜଲ୍ଟ ର ବିଶ୍ଳେଷଣ ଓ ଉନ୍ନତି ଯୋଜନା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ-ଶିକ୍ଷୟିତ୍ରୀ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଦୁଷ୍ମନ୍ତ ପାଢ଼ୀ, ବିରେନ୍ଦ୍ର ଆଚାର୍ଯ୍ୟ ଓ ପ୍ରଶାନ୍ତ କୁମାର ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

## ବାଟ ଛାଡୁନି ନାଗାବଳୀ

# ପୋଲ ନିର୍ମାଣ ପାଇଁ ଗୁହାରୀ କରି ଥକିଗଲେଣି ଗ୍ରାମବାସୀ

ଥୁଆମୂଳରାମପୁର, ୧୪।୯ (ସମିସ)



କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ତଳଆମ୍ବପଦର ପଞ୍ଚାୟତ ଅନ୍ତର୍ଗତ କାର୍ନିବେଲ୍ ଗାଁକୁ ସବୁଦିନିଆ ରାସ୍ତା ନାହିଁ। ଗୁଣପୁର-କାଶୀପୁର ରାଜ୍ୟ ରାଜପଥ ଠାରୁ ମାତ୍ର ୨ କିଲୋମିଟର ଦୁରରେ ଅବସ୍ଥିତ ଏହି ଗାଁ ଯାହା ଗୁଣପୁର ଠାରୁ ୬ କିଲୋମିଟର ଏବଂ ପଞ୍ଚାୟତ ମୁଖ୍ୟାଳୟ ତଳ ଆମ୍ବପଦର ଠାରୁ ୮ କିଲୋମିଟର ଦୁର। ଏହି ଗାଁକୁ ଯିବାକୁ ହେଲେ ଚିରସ୍ରୋତା ନାଗାବଳୀ ନଦୀ ପାରି ହୋଇ ଯିବାକୁ ପଡ଼ିଥାଏ। ଗାଁରେ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ପଛୁଆ ବର୍ଗ ଏବଂ ଆଦିବାସୀ ପରିବାର ବସବାସ କରନ୍ତି। ଶିକ୍ଷା ସ୍ୱାସ୍ଥ୍ୟ, ଗମନାଗମନ ଭଳି ମୌଳିକ ସୁବିଧା ଏହି ଗାଁକୁ ଅପହଞ୍ଚ ହୋଇପଡ଼ିଛି। ଗାଁରେ ନା ଅଛି ଅଙ୍ଗନବାଡି କେନ୍ଦ୍ର ନା ଅଛି ବିଦ୍ୟାଳୟ। ଫଳରେ ଶିକ୍ଷା କ୍ଷେତ୍ରରେ ଛୁଆଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଗତି କରୁଛି। ପାଠ ପଢ଼ିବା ପାଇଁ ଯିବାକୁ ହେଲେ ନାଗାବଳୀ ନଦୀ ପାରି ହୋଇ ନିକଟ ସିଆଳିପଦର ସ୍କୁଲକୁ ଯିବାକୁ ପଡ଼ିଥାଏ। ହେଲେ ଛୋଟଛୋଟ ଛୁଆଙ୍କୁ ଏହି ନଦୀ ପାରି ହୋଇ ଯିବା ବିପଦ ସୃଷ୍ଟି କରିଥାଏ। ବର୍ଷା ଋତୁରେ ପାଠ ପଢ଼ାରେ ଡୋରୀ ବାନ୍ଧିବାକୁ ପଡ଼ିଥାଏ। କେବଳ ଯେ ଛୁଆମାନଙ୍କ କଥା ନୁହଁ ଏହି ଋତୁରେ କାର୍ନିବେଲ୍ ବାସୀଙ୍କ ପାଇଁ ଦୁଃଖ ଓ ଦୁର୍ଦ୍ଦଶା ମଧ୍ୟ ବଢ଼ିଥାଏ। ରାସ୍ତା ଅବରୋଧ କରି ପ୍ରବାହିତ ହେଉଥିବା ନାଗାବଳୀ ନଦୀ ଯୋଗୁଁ ଆମ୍ବୁଲାନ୍ସ ଗାଡି ପହଞ୍ଚି ପାରୁନଥିବା ବେଳେ ରୋଗୀସେବା ବାଧାପ୍ରାପ୍ତ ହୋଇଥାଏ। ଉକ୍ତ ନାଗାବଳୀ ନଦୀ ଉପରେ ପୋଲ ନିର୍ମାଣ ପାଇଁ ବାରମ୍ବାର ପ୍ରଶାସନ ଠୁ ନେତା ପର୍ଯ୍ୟନ୍ତ ଗୁହାରୀ କରିଥିଲେ ସୁଦ୍ଧା ଆଜିଯାଏ

### ବର୍ଷା ହେଲେ ବଢ଼ିଯାଏ କାର୍ନିବେଲ୍ ବାସୀଙ୍କ ଦୁର୍ଦ୍ଦଶା

କେହି ଶୁଣୁନଥିବା କହିଛନ୍ତି କାର୍ନିବେଲ୍ ଗ୍ରାମବାସୀ। ସରକାର ଏଥିପ୍ରତି ଦୃଷ୍ଟି ଦେଇ ନଦୀ ଉପରେ ପୋଲ ନିର୍ମାଣ କରିବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି। ତେବେ ସରକାର କେବେ କାର୍ନିବେଲ୍ ଗ୍ରାମବାସୀଙ୍କ ସମସ୍ୟା ସମାଧାନ କରିବେ ତାହା ଦେଖିବା ବାକି ରହିଲା।

# ‘ମେରା ଯୁବା ଭାରତ’ ଆନୁକୂଲ୍ୟରେ ହିନ୍ଦୀ ଦିବସ



ତରଭା, ୧୪।୯(ସମିସ): ମେରା ଯୁବା ଭାରତ, ସୋନପୁର ଜିଲ୍ଲା ଶାଖା ଆନୁକୂଲ୍ୟରେ ତରଭା ବ୍ଲକ ଘାଟକଇଁନ୍ତରା ସ୍ଥିତ ଶ୍ରୀହରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜୟପ୍ରକାଶ ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ତରଭା ନଗରପାଳ ଶୈଳେନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ତଥା ହିନ୍ଦୀ ପତ୍ରିକା ନବଭାରତର ସ୍ଥାନୀୟ ସାମ୍ବାଦିକ ଅକ୍ଷୟ କୁମାର ବାଘ, ସମ୍ମାନିତ ବକ୍ତା ଅବସରପ୍ରାପ୍ତ ଶିକ୍ଷକ ହରିବନ୍ଧୁ ପାଣିଗ୍ରାହୀ, ଶ୍ରୀହରି ପରିଚାଳନା ନିର୍ଦ୍ଦେଶକ ଡ. ରାଜେଶ କୁମାର ମେହେର ଓ କୃପାସିନ୍ଧୁ ସା ପ୍ରମୁଖ ମଞ୍ଚସିନ ଥିଲେ। ହିନ୍ଦୀ ଶିକ୍ଷକ ସ୍ୱାଗତିକା ପଧାନ ସଭା ପରିଚାଳନା କରିଥିବାବେଳେ ରସାୟନ ବିଜ୍ଞାନ ଅଧ୍ୟାପିକା ପ୍ରାଚୀ ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ମୁଖ୍ୟବକ୍ତା ହିନ୍ଦୀ ଦିବସର ମହତ୍ୱ ଓ ହିନ୍ଦୀକୁ ରାଷ୍ଟ୍ରଭାଷା ଭାବେ ସମସ୍ତେ ଗ୍ରହଣ କରିବାର ଆବଶ୍ୟକତା ଉପରେ ନିଜ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆୟୋଜିତ ହିନ୍ଦୀ ବକ୍ତୃତା ପ୍ରତିଯୋଗିତାରେ ପୂଜା ନାଏକ ପ୍ରଥମ, ବିଶ୍ୱନାଥ ପ୍ରଧାନ ଦ୍ୱିତୀୟ ଓ ସିଦ୍ଧେଶ୍ୱର କୁମ୍ଭାର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶ୍ରୀହରି ବିଦ୍ୟାନିକେତନର ନବମଶ୍ରେଣୀ ଛାତ୍ର ଅରମାନ କୁମାର ଲୁହା ଓ ଅଭୟ ଚରଣପଧାନଙ୍କୁ ହିନ୍ଦୀ ବକ୍ତୃତା ପାଇଁ ସ୍ୱତନ୍ତ୍ର ପୁରସ୍କାର ଦ୍ୱାରା ସମ୍ମାନିତ କରାଯାଇଥିଲା।

# ରାଷ୍ଟ୍ରୀୟଲୋକ ଅଦାଲତରେ ୭୧ ମାମଲା ଫଇସଲା

ବୀରମହାରାଜପୁର, ୧୪।୯ (ସମିସ)



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସିଭିଲ ଓ ଏସଡିଜିଏମ୍ କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏହି ଅଦାଲତକୁ ସିଭିଲଜଜ୍ ତଥା ବରିଷ୍ଠ ଦେୱାନି ସିଭିଲ ଜଜ୍ ଅମିତ୍ କୁମାର ବାରିକ୍ ଓ ଏସ୍‌ଡିଜେଏମ୍ ପୁନମ୍ ସେଠ୍ ଯୋଗ ଦେଇଥିଲେ। ଏହି ରାଷ୍ଟ୍ରୀୟ ଲୋକାଦାଲତରେ ୨୫ଟି ବିଭିନ୍ନ ମାମଲା ବିଚାରକୁ ନିଆଯାଇଥିଲା। ୨ଟି କେଶ୍‌ର ବିଚାରକୁ ନେଇ ୪ଲକ୍ଷ୍ୟ ୭୨ହାଜର ୫୪୧ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେହିପରି ଏସଡିଜେଏମ କୋର୍ଟରେ ୧୭୫ଟି ବିଭିନ୍ନ ମାମଲାର ବିଚାରକୁ ନିଆଯାଇଥିବାବେଳେ ୬୯ଟି ମାମଲାର ସମାଧାନ ହୋଇଥିଲା। ଏହି ଲୋକ ଅଦାଲତକୁ ବରିଷ୍ଠ ଆଇନଜୀବୀ ବିଷ୍ଣୁଚରଣ ପଣ୍ଡା, ଶଙ୍କର୍ଷଣ ପଣ୍ଡା, ପରିଚାଳନା କରିଥିଲେ। ଦେବେନ୍ଦ୍ର କୁମାର ମାଝୀ, ସୁବଳୟା ଶାଖା ପରିଚାଳକ ପତିତ ପାବନ ସୁବୁଦ୍ଧି ଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତି ଥିଲେ। ବିଚାର ବିଭାଗୀୟ କର୍ମଚାରୀ ମନସ୍ମିତା ମେହେର, ପ୍ରତିଭା ସାହୁ, ମାନସ ରଞ୍ଜନ ପୃଷ୍ଟି, ସଞ୍ଜୀବ କୁମାର ବାରିକ, ସୁଜିତନାଗ, ସୌମ୍ୟ ରଞ୍ଜନ ପଧାନ, ମୀନକେତନ ବିଶି, ମାନସ ରଞ୍ଜନ ପଣ୍ଡା ସହଯୋଗ କରିଥିଲେ।

# ମାସିକ ଭତ୍ତା ୫ ହଜାର ଦାବି



ବୌଦ୍ଧ, ୧୪।୯(ସମିସ): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଭତ୍ତା ହିତାଧିକାରୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶରତ ପୁରୋହିତଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମାସିକ ଭତ୍ତା ୫ ହଜାର ଟଙ୍କା ଦାବିରେ ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ ସଭାପତି କେଦାର ନାଥ ସାହୁଙ୍କ ନେତୃତ୍ୱରେ ପିଇଓଙ୍କୁ ଏହି ଦାବିପତ୍ର ଦିଆଯାଇଛି। ଅରୁଣ ପ୍ରଧାନ, ଦୟାନିଧି ମେହେର, ରଞ୍ଜନ କର୍ଣ୍ଣ, ରବି ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ୧୨ ଘଣ୍ଟିଆ ଉଲୁଣ୍ଡା ବନ୍ଦ ଡାକରା

ବୀରମହାରାଜପୁର, ୧୪।୯ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଉଲୁଣ୍ଡାକୁ ଏନ୍‌ଏସି ଘୋଷଣା ନ କରିବାରୁ କ୍ରିୟାନୁଷ୍ଠାନ କମିଟି ଉଲୁଣ୍ଡା ସେପ୍ଟେମ୍ବର ୧୫ ତାରିଖ ସୋମବାର ୧୨ଘଣ୍ଟିଆ ଉଲୁଣ୍ଡା ବନ୍ଦ ଡାକରା ଦେଇଛି। ସୂଚନାଯୋଗ୍ୟ ଯେ ଉଲୁଣ୍ଡାକୁ ଏନ୍‌ଏସି ଘୋଷଣା କରିବା ପାଇଁ ଜିଲ୍ଲାପାଳଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କୁ କ୍ରିୟାନୁଷ୍ଠାନ କମିଟି ତରଫରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ସରକାର କର୍ଣ୍ଣପାତ ନ କରିବାରୁ କ୍ରିୟାନୁଷ୍ଠାନ କମିଟିର ଆବାହକ ହରିଶଙ୍କର ତରାଇ ସୋମବାର ଉଲୁଣ୍ଡାର ସମସ୍ତ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ବ୍ୟବସାୟ ପ୍ରତିଷ୍ଠାନ, ଯାନବାହନ ଚଳାଚଳ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରିବାକୁ ଲିଖିତ ଭାବରେ ଉଲୁଣ୍ଡାର ଭାରପ୍ରାପ୍ତ ଥାନା ଅଧିକାରୀଙ୍କୁ ଜଣାଇଛନ୍ତି। ଜୀବନ ରକ୍ଷାକାରୀ ପ୍ରତିଷ୍ଠାନ, ବାହନ ତଥା ପରୀକ୍ଷାର୍ଥୀଙ୍କୁ ଏହି ବନ୍ଦରୁ ବାଦ୍ କରାଯାଇଛି। ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ କରିବାକୁ କ୍ରିୟାନୁଷ୍ଠାନ କମିଟି ଡାକରା ଦେଇଛି।

# ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

ବାଉଁଶୁଣି, ୧୪।୯ (ସମିସ): ବାଉଁଶୁଣି ମା’ ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ବାଉଁଶୁଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ମାନବ ଦାସ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ପ୍ରକାଶ ଚନ୍ଦ୍ର ମହାକୁଳ ଯୋଗ ଦେଇଥିଲେ। ଖେଳ ଶିକ୍ଷକ ରମେଶ ଚନ୍ଦ୍ର ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସିଦ୍ଧାର୍ଥ ଡିଗ୍ରୀ କଲେଜରେ ବିଶ୍ୱ ପ୍ରାଥମିକ ଉପଚାର ଦିବସ

ବିନିକା, ୧୪।୯(ସମିସ): ବିନିକା ସ୍ଥିତ ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟ ଯୁବ୍ ରେଡକ୍ରସ୍ ଆନୁକୂଲ୍ୟରେ ବିଶ୍ୱ ପ୍ରାଥମିକ ଉପଚାର ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ବାଣୀ ପ୍ରସାଦ ବିଶ୍ୱାଳ, ସ୍ୱାସ୍ଥ୍ୟ ପ୍ରଶିକ୍ଷକ ବୈରାଗୀ ପଧାନ ଅତିଥି ଭାବେ ଯୋଗ ଦେଇ ଶାରୀରିକ ଦକ୍ଷତା ଉପରେ ସୂଚନା ଦେଇଥିଲେ। ସୁବର୍ଣ୍ଣପୁର ଜିଲ୍ଲା ଯୁବ ରେଡକ୍ରସ୍ ସଂଯୋଜକ ତଥା ଅର୍ଥନୀତି ଅଧ୍ୟାପକ ବିଶ୍ୱନାଥ ମିଶ୍ର ଯୋଗଦେଇ ଥିଲେ। ଅଧ୍ୟାପକ ଭାଗବାନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ବିନିକା ଅଞ୍ଚଳରେ ପୁଅ ଜିଉଁତିଆ ଓଷା

ବିନିକା, ୧୪।୯(ସମିସ): ପୁଅର ଶୁଭ ମନାସି ପାଇଁ ଆଜି ବିନିକା ଅଞ୍ଚଳରେ ଗାଁଠାରୁ ସହର ଯାଏଁ ପୁଅ ଜିଉଁତିଆ ଓଷା ପାଳିତ ହୋଇଯାଇଛି। ହୁଳହୁଳି ଧ୍ୱନିରେ ପୂଜାସ୍ଥଳ କମ୍ପି ଉଠିଥିଲା।ଦୀର୍ଘ ୩ଘଣ୍ଟା ପୂଜା ପରେ ନିଜ ପୂଜା ସାମଗ୍ରୀ ଧରି ମା ମାନେ ଘରକୁ ଫେରି ପ୍ରଭୁଙ୍କ ପ୍ରସାଦ ସେବନ କରିଥିଲେ। ଭୋର ସକାଳେ ମା ମାନେ ନିକଟ ମହାନଦୀ ହେଉ ଅବା ପୋଖରୀ ତୁଠକୁ ଯାଇ ଦୀପ ଜାଳି ପୂଜା ସାମଗ୍ରୀ ବିସର୍ଜନ କରିବା ପରେ ଘରକୁ ଫେରିଥିଲେ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଗୀତା ଆବୃତ୍ତି ପ୍ରତିଯୋଗିତା



ବୀରମହାରାଜପୁର, ୧୪।୯(ସମିସ): ସୁବର୍ଣ୍ଣପୁର ଜିଲ୍ଲା ପ୍ରଜ୍ଞାନମିଶନ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଗୀତାଆବୃତ୍ତି ପ୍ରତିଯୋଗିତା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଉଲୁଣ୍ଡାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଭୁବନେଶ୍ୱର ପଣ୍ଡା ଯୋଗଦେଇ ଗୀତା ପାଠର ଲକ୍ଷ୍ୟ ଓ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଏଥିରେ ସର୍ବମୋଟ୍ ୩୧ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ‘କ’ ବିଭାଗର ମୋଟ୍ ୧୧ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ସ୍ୱରୂପ ଥନାପତି ଦ୍ୱିତୀୟ ବୈଶାଳୀ ବେହେରା, ତୃତୀୟ ସ୍ନେହା ମେହେର। ‘ଖ’ ବିଭାଗର ମୋଟ୍ ୧୪ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଥମ ସିମ୍ରନ୍ ସାହୁ, ଦ୍ୱିତୀୟ ଅଭିଷେକ ଆଚାର୍ଯ୍ୟ, ତୃତୀୟ ଗୁଞ୍ଜନ୍ ଶ୍ରୀବାସ୍ ରହିଛନ୍ତି। ‘ଗ’ ବିଭାଗରେ ମୋଟ୍ ୦୬ ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଥମ ଆଦେଶ ଥନାପତି, ଦ୍ୱିତୀୟ ଜସ୍ମିନ୍ ଆଚାର୍ଯ୍ୟ, ତୃତୀୟ ସୀମାରାଣୀ ବାରିକ୍ କୃତକାର୍ଯ୍ୟ ହୋଇଛନ୍ତି। ବିଚାରକ ଭାବେ ଯୋଗୀନ୍ଦ୍ର ପ୍ରସାଦ ପଣ୍ଡା, ପ୍ରସନ୍ନ କୁମାର ଶତପଥୀ, ଡ. ଅନିରୁଦ୍ଧ କୁରକୁରିଆ, ସୁରେଖା ଆଚାର୍ଯ୍ୟ, ବିଷୟା ହୋତା, ଅଜିତ୍ କୁମାର ରଣା, ବଲ୍ଲଭ ପୁରୋହିତ, କାଳିଆ ପଣ୍ଡା, ବୈଶମ୍ପାୟନ ପଣ୍ଡା, ସୁରେଶ ମହାକୁର, ଭୁବନେଶ୍ୱର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଶୁଶାନ୍ତ କୁମାର୍ ଘିବିଲା ସଂଯୋଜନା କରଥିଲେ। ମିଶନ୍‌ର କାର୍ଯ୍ୟକର୍ତ୍ତା ଡ.ହୃଷୀକେଶ ଦେହେରୀ ପୁରସ୍କାର ବିତରଣ କରିଥିବାବେଳେ ଶୀତାଂଶୁ ପୁଝାରୀ, ଶଙ୍କର ଥନାପତି, ରଞ୍ଜିତ ନାୟକ, ସ୍ୱାଗତିକ ମେଶୁଆ, ରଜନୀ ମିଶ୍ର, ଗୀତା କର୍ମୀ, ଯାଜ୍ଞସିନୀ ମେହେର, ନନ୍ଦିତା ପୁରୋହିତ, ଗୌତମୀ ଶ୍ରୀବାସ୍, ସବିତା ରଣା, ବିକାଶ ମହାକୁର ପ୍ରମୁଖ ସହଯୋଗ କରିଥିଲେ। ଅଚ୍ୟୁତାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ତର୍ଜାତୀୟ ପ୍ରାଥମିକ ଚିକିତ୍ସା ଦିବସ



ଡୁଙ୍ଗୁରିପାଲି, ୧୪।୯(ସମିସ): ସଡ଼କ ଦୁର୍ଘଟଣା ଜନିତ ମୃତାହତ ଭଳି ନିତିଦିନିଆ ଘଟଣାକୁ ସାମ୍ନା କରି ଜୀବନକୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ସାରା ବିଶ୍ୱରେ ପ୍ରାଥମିକ ଚିକିତ୍ସା ଦିବସ ପାଳନ କରାଯାଇଥାଏ। ପ୍ରାଥମିକ ଚିକିତ୍ସା ଓ ଜଳବାୟୁ ପରିବର୍ତ୍ତନ ହେଉଛି ଏହି ବର୍ଷର ପ୍ରମୁଖ ପ୍ରସଙ୍ଗ। ଏହି ଉକ୍ତିକୁ ଉପାଦେୟ କରିବା ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ମାୟାବର୍ହା ହାଇସ୍କୁଲରେ ପ୍ରଧାନଶିକ୍ଷକ ଡ.ରବିଚନ୍ଦ୍ର ପଶାୟତଙ୍କ ଅଧ୍ୟକ୍ଷତାରେ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଜୁନିୟର ରେଡକ୍ରସ କାଉନସିଲର ରାଜୁ ମେହେର ସ୍ୱାଗତ ଅଭିଭାଷଣ ଦେଇଥିଲେ। ଖେଳଶିକ୍ଷକ ଚିନ୍ମୟ ଦାସ, ଜିଲ୍ଲା ସ୍କାଉଟ୍ସ ତାଲିମ କମିଶନର ଦୀନବନ୍ଧୁ ପ୍ରଧାନ ଓ ପ୍ରାଥମିକ ଚିକିତ୍ସା ଅଧ୍ୟାପକ ଡ. ରବିଚନ୍ଦ୍ର ପଶାୟତ ପ୍ରାଥମିକ ଚିକିତ୍ସାର ଉଦ୍ଦେଶ୍ୟ, ଗୁଡ ସମରିଟାନ, ମୂର୍ଚ୍ଛା, ରିକଭରି ପୋଜିସନ, ଚୋକିଂ, ରକ୍ତସ୍ରାବ, ସିପିଆର ବେଣ୍ଡେଜ, ରୋଗୀ ସ୍ଥାନାନ୍ତରଣ, ଦୁର୍ଘଟଣାସମୟରେ ୧୧୨ ଟୋଲ ଫ୍ରି ନମ୍ବରର ଉପଯୋଗ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ। ଶିକ୍ଷକ ମନୋଜ ପୂଜାରୀ, ସମ୍ପଦ ଖମାରୀ, ନନ୍ଦିଘୋଷ ବାରିକ, ସଞ୍ଜୀବ ପୂଜାରୀ, ସ୍ନିଗ୍ଧା ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ କିରଣ ପୁଟେଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସାର ନ ପାଇବାରୁ ସରସରା ପାକ୍ସରେ ଉତ୍ତେଜନା

ବୌଦ୍ଧ, ୧୪।୯(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସରସରା ପାକ୍ସରେ ୟୁରିଆ ସାର ଅଭାବ ଯୋଗୁଁ ଚାଷୀ ହନ୍ତସନ୍ତ ହେଉଥିବା ସ୍ଥାନୀୟ ଚାଷୀ ଅଭିଯୋଗ କରିଛନ୍ତି। ହରଭଙ୍ଗା ବ୍ଲକର ସରସରା ଓ ବନ୍ଧା ପଥର ପଞ୍ଚାୟତର ପ୍ରାୟ ୨୫୦୦ ଚାଷୀ ସରସରା ପାକ୍ସରୁ ଋଣ ନେଇ ଚାଷ କରିଛନ୍ତି। ସରକାର ସେପ୍ଟେମ୍ବର ମାସ ସୁଦ୍ଧା ପାକ୍ସକୁ ମାତ୍ର ୧୮୦୦ ବସ୍ତା ୟୁରିଆ ସାର ଯୋଗାଣ କରିଛନ୍ତି। ରବିବାର ସାର ଆସିଥିବା ଖବର ପାଇ ପାକ୍ସ ପରିସରରେ ଚାଷୀଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ମାତ୍ର ୬୦୦ ବସ୍ତା ସାର ଆସିଥିବା ବେଳେ ଜଣେ ଚାଷୀଙ୍କୁ ୧ ବସ୍ତା ଲେଖାଏଁ ସାର ବଣ୍ଟନ କରାଯାଇଥିଲା। ଅନେକ ଚାଷୀ ସାର ନ ପାଇବାରୁ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ସାର ଯୋଗାଣ ହୋଇପାରୁ ନ ଥିବା ହେତୁ ଚାଷୀ ସମସ୍ୟା ଭୋଗ କରୁଥିବା ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ଅରୁଣ ପ୍ରଧାନ ସ୍ୱୀକାର କରିଥିଲେ।

# ଏକ୍ ପେଡ୍ ମା’କେ ନାମ୍ ସଚେତନତା ଶୋଭାଯାତ୍ରା




ଶଗଡ଼ା, ୧୪।୯(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ପଞ୍ଚାୟତ ସମିତି ପକ୍ଷରୁ ଏକ୍ ପେଡ୍ ମା’କେ ନାମ୍ ୨.୦ ଅଭିଯାନ କାର୍ଯ୍ୟକ୍ରମ ପାଇଁ ପଲସାଗୋରାଠାରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। କଣ୍ଟାମାଳ ବିଡ଼ିଓ ସାମି ଜୟଶ୍ରୀ ରେଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପଧାନ, ପଲସାଗୋରା ସରପଞ୍ଚ ସୁଶ୍ରୀ ସୌଦାମିନୀ ମଲ୍ଲିକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭା ରଞ୍ଜନ ମାଳୀ, ବରିଷ୍ଠ ବିଜେପି ନେତା ନବୀନ ମହାପାତ୍ର, କଣ୍ଟାମାଳ ମଣ୍ଡଳ ସଭାପତି ଶୁଭ୍ରାଂଶୁ ଡାଙ୍ଗ, ଶିତିକଣ୍ଠ ମିଶ୍ର, ଅନୀଲ୍ ପ୍ରଧାନ, ବିଜିତ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଦେବାଶିଷ ମଲିକ ଯୋଗ ଦେଇଥିଲେ। ପଲସାଗୋରା ହାଇସ୍କୁଲଠାରୁ ସଚେତନତା ଶୋଭାଯାତ୍ରା ବାହାରି ଗବଜୋର୍ ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ସେହିପରି କଣ୍ଟାମାଳ ପଞ୍ଚାୟତ ସମିତି ପକ୍ଷରୁ ମନମୁଣ୍ଡା ସ୍କୁଲରେ ମଧ ଏକ ଜନସଚେତନତା ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲା ନ୍ୟାୟାଳୟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ

ବୌଦ୍ଧ, ୧୪।୯(ସମିସ): ବୌଦ୍ଧ ଜିଲ୍ଲା ନ୍ୟାୟାଳୟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରା ଜଜ ପ୍ରତାପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ଅଦାଲତର ବିଚାରପତିମାନେ ବିଭିନ୍ନ ମାମଲାର ଆପୋଷ ସମାଧାନ କରିଥିଲେ। ବିଶେଷ କରି ବିଭିନ୍ନ ବ୍ୟବସାୟିକ ବ୍ୟାଙ୍କରୁ ଋଣ ନେଇ ଖିଲାପ କରିଥିବା ହିତାଧିକରୀଙ୍କ ମାମଲାଗୁଡିକ ଆପୋଷ ମାଧ୍ୟମରେ ସମାଧାନ କରାଯାଇଥିଲା।

# ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା



ଶଗଡ଼ା, ୧୪।୯ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ‘ଗୀତା ସୁଗୀତା କର୍ତ୍ତବ୍ୟା -୨୦୨୫’ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନର ୩ୟଠାରୁ +୨ ପର୍ଯ୍ୟନ୍ତ ୩୬ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଯୋଗଦେଇ ଶ୍ରୀମଦ୍ ଭଗବତ୍ ଗୀତାର ୫ମ ଅଧ୍ୟାୟ ଆବୃତ୍ତି କରିଥିଲେ। ସମସ୍ତ ଭାଗଗ୍ରାହୀ ଛାତ୍ରଛାତ୍ରୀଙ୍କୁ ଓ ସଭ୍ୟମାନଙ୍କୁ ୫ମ ଅଧ୍ୟାୟ ଗୀତା ଗ୍ରନ୍ଥ ବଣ୍ଟନ କରାଯାଇଥିଲା। ସରସ୍ୱତୀ ଶିଶୁ ମନ୍ଦିର କଣ୍ଟାମାଳ, ବରଗାଁ ହାଇସ୍କୁଲ ଓ ଏମ୍‌ଇ ସ୍କୁଲ୍, ଶିମିଳିଜୋର ହାଇସ୍କୁଲ, ପଲସାଗୋରା ଜ୍ଞାନ ଶିକ୍ଷା ସଦନର ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ଉତ୍ତୀର୍ଣ୍ଣ ହୋଇଥିଲେ। ବିଭୀଷଣ ବସ୍ତିଆ, ନନ୍ଦକିଶୋର ସାହୁ, ସଞ୍ଜୟ ସାହୁ, ସୁଶ୍ରୀ ପ୍ରତିଭା ପ୍ରୀୟଦର୍ଶିନୀ ହୋତା, ନିରଞ୍ଜନ ସାହୁ, ଶୁକଦେବ ବଗର୍ତ୍ତି ପ୍ରମୁଖ ଗୁରୁଜୀମାନେ ବିଚାରକ ଭାବେ ଯୋଗ ଦେଇଥିଲେ। କଣ୍ଟାମାଳ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ସାଗର ବଗର୍ତ୍ତି ସଭାପତିତ୍ୱ କରିଥିଲେ। ପ୍ରଜ୍ଞାନ ମିଶନ୍ ବରିଷ୍ଠ କର୍ମକର୍ତ୍ତା ସମୀର ସାହୁ, ସୌମିତ୍ରୀ ପଲିଆ, ଶିବଦତ୍ତ ପଟ୍ଟନାୟକ, ଶିଶୁ ମନ୍ଦିର ଆଚାର୍ଯ୍ୟ ସୁଶାନ୍ତ ପ୍ରଧାନ ଓ ଶିଶୁମନ୍ଦିର କର୍ମକର୍ତ୍ତାଙ୍କ ସହଯୋଗରେ ସଭା କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

# ପୋଲିସ ଉପସ୍ଥିତିରେ ସାର ବଣ୍ଟନ



ଶଗଡ଼ା, ୧୪।୯(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ପେକ୍ସରେ ୟୁରିଆ ସାରର ଅଭାବକୁ ନେଇ ଉତ୍ତେଜନା ଦେଖା ଦେଇଛି। ଶେଷରେ ଆଇଆରବି ଯବାନ ଓ ପୁଲିସ ଉପସ୍ଥିତିରେ ସାର ବଣ୍ଟନ କରାଯାଇଛି। ସାର ନେବା ପାଇଁ ୧୫ଶହରୁ ଅଧିକ ଚାଷୀ ଜଗି ବସି ଥଲେ; ହେଲେ ପେକ୍ସକୁ ୬ଶହ ବସ୍ତା ୟୁରିଆ ସାର ଆସିଥିଲା। ଏହାକୁ ନେଇ ଉପସ୍ଥିତ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା।

# ସୁଧୀର ସ୍ମାରକୀ କ୍ରିକେଟ ପାଇଁ ବୈଠକ

ବୀରମହାରାଜପୁର, ୧୪।୯(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କମିରାରେ ରାଜ୍ୟସ୍ତରୀୟ ସୁଧୀର ସ୍ମାରକୀ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିରା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ନଭେମ୍ବର ୧୯ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୋଟ ୯ଟି ଦଳ ଭାଗ ନେବେ। ପରିଚାଳନା କମିଟିରେ ନିର୍ମଳ ମୁଦୁଲି ସଭାପତି, ଅତୁଲାନନ୍ଦ ପଧାନ ସମ୍ପାଦକ, ସୌମିତ୍ରି ସହୁ ସହସମ୍ପାଦକ ଓ ବବୁଲୁ ଷଡଙ୍ଗୀ କୋଷାଧ୍ୟକ୍ଷ ଭାବେ ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ସପନ ପଧାନ, ଧରଣୀଧର ପାଢ଼ୀ, ରାମପ୍ରସାଦ କର୍ଣ୍ଣ, ସୁଧାଂଶୁ ପଧାନ, ପ୍ରଶାନ୍ତ ପଧାନ ଓ ଅଚ୍ୟୁତାନନ୍ଦ ପଧାନଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ସୁରୁ ପଧାନ, ଜଗଦୀଶ ପଧାନ, ବିମଳ ମୁଦୁଲି, ବିବେକା ସାହୁ, ପପୁନ ଚଉଳିଆ, ପ୍ରଦୀପ ସାହୁ, ସୁଷେନ ବାଘ, ବିକାଶ ବାରିକ, ସଚିନ ପଧାନ, ତପନ ପଧାନଙ୍କୁ ପରିଚାଳନା କମିଟିର ସଭ୍ୟ ଭାବେ ମନୋନୀତ କରାଯାଇଛି।

# ସରସରା ପାକ୍ସରେ ସାର ସଙ୍କଟ

ବୌଦ୍ଧ, ୧୪।୯ (ସମିସ)



ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଅଧୀନ ସରସରା ପାକ୍ସରେ ୟୁରିଆ ସାର ଅଭାବ ଯୋଗୁଁ ଚାଷୀ ହନ୍ତସନ୍ତ ହେଉଥିବା ସ୍ଥାନୀୟ ଚାଷୀ ଅଭିଯୋଗ କରିଛନ୍ତି। ହରଭଙ୍ଗା ବ୍ଲକର ସରସରା ଓ ବନ୍ଧା ପଥର ପଞ୍ଚାୟତର ପ୍ରାୟ ୨୫୦୦ଚାଷୀ ସରସରା ପାକ୍ସରୁ ଋଣନେଇ ଚାଷ କରିଛନ୍ତି। ସରକାର ସେପ୍ଟେମ୍ବର ମାସ ସୁଦ୍ଧା ପାକ୍ସକୁ ମାତ୍ର ୧୮୦୦ ବସ୍ତା ୟୁରିଆ ସାର ଯୋଗାଣ କରିଛନ୍ତି। ଆଜି ସାର ଆସିଥିବା ଖବରପାଇ ପାକ୍ସ ପରିସରରେ ଚାଷୀମାନଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ମାତ୍ର ୬୦୦ ବସ୍ତା ସାର ଆସିଥିବାବେଳେ ଜଣେ ଚାଷୀଙ୍କୁ ୧ ବସ୍ତା ଲେଖାଏଁ ସାର ବଣ୍ଟନ କରା ଯାଇଥିଲା। ଅନେକ ଚାଷୀ ସାର ନ ପାଇବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ସାରଯୋଗାଣ ହୋଇପାରୁ ନ ଥିବା ହେତୁ ଚାଷୀ ସମସ୍ୟା ଭୋଗ କରୁଥିବା ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ଅରୁଣ କୁମାର ପ୍ରଧାନ ନିଜ ପ୍ରତିକ୍ରିୟାରେ ସ୍ୱୀକାର କରିଥିଲେ।

# ମାହେଶ୍ୱରୀ ପୀଠ ଉତ୍ସବମୁଖର



ବିନିକା, ୧୪।୯(ସମିସ): ଆଜିଠାରୁ ଷୋହଳ ପୂଜା ଆରମ୍ଭ ହୋଇଛି। ଏଥିପାଇଁ ବିନିକା ଅଞ୍ଚଳର ବିଭିନ୍ନ ସ୍ଥାନରେ ରହିଥିବା ମା’ ମାହେଶ୍ୱରୀଙ୍କ ଶକ୍ତିପୀଠ ଉତ୍ସବ ମୁଖରିତ ହୋଇଉଠିଛି। ପାରମ୍ପରିକ ପୂଜା ବିଧି ରୀତିନୀତି ଅନୁଯାୟୀ ଏହା ୧୬ଦିନ ଧରି ଚାଲିବ। ପ୍ରଥମ ଦିନରେ ମା’ ମାହେଶ୍ୱରୀ ମନ୍ଦିରରୁ ବାହାରି ଢୋଲ, ନିଶାନ ଓ ଘଣ୍ଟ ବାଦ୍ୟର ତାଳେତାଳେ ଶୋଭାଯାତ୍ରା ମାଧ୍ୟମରେ ନିକଟସ୍ଥ ବନ୍ଧକୁ ସ୍ନାନ ପାଇଁ ଯାଇଥିଲେ। ଏହି ଅବସରରେ ମା’ଙ୍କ ଦର୍ଶନ ପାଇଁ ମନ୍ଦିର ପରିସରରେ ଭକ୍ତଙ୍କ ନାହିଁ ନଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ସୂଚନା ଅନୁସାରେ ଶୁକ୍ଳପକ୍ଷ ସପ୍ତମୀ ଦିନଠାରୁ ଭାଇ ଜିଉଁତିଆ ଅର୍ଥାତ ନବମୀ ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହୋଇଥାଏ। ଭାଇ ଜିଉଁତିଆ ଦିନ ବାଡ଼ି ଦେବତା ନିଜ ମା’ ମନ୍ଦିରରୁ ଛତର ସହ ବାହାରନ୍ତି। ପୁଅ ଜିଉଁତିଆ ଠାରୁ ଆରମ୍ଭ ହୋଇଥିବା ଏହି ପୂଜା ପାଇଁ ବିନିକା ଅଞ୍ଚଳର ଫୁଲମୁଠି, ଗୁଲୁଣ୍ଡା, ଡଭଲା, ଅରିଗାଁ, ବଲାରଙ୍ଗା, ଭଣ୍ଡାର, କର୍ଡଙ୍ଗ, ଗଡ଼ଗଡ଼ ବାହାଲ ଆଦି ସ୍ଥାନ ଉତ୍ସବ ମୁଖର ହୋଇଉଠିଛି।

# ଜାପାନରେ ୧ ଲକ୍ଷ ଲୋକଙ୍କ ବୟସ ୧୦୦ରୁ ଉର୍ଦ୍ଧ୍ୱ




ଟୋକିଓ,୧୪।୯(ଏଜେନ୍ସି): ଜାପାନରେ ପାଖାପାଖି ୧ ଲକ୍ଷ ନାଗରିକ ୧୦୦ ବର୍ଷ ପୂରଣ କରିଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ତକାମାରୋ ପୁକୋକା କହିଛନ୍ତି। ଦେଶରେ ୮୭,୭୮୪ ମହିଳା ଓ ୧୧, ୯୭୯ ପୁରୁଷଙ୍କ ବୟସ ୧୦୦ରୁ ଉର୍ଦ୍ଧ୍ୱ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ୧୦୦ ବର୍ଷ ପୂରଣ କରିଥିବା ଲୋକଙ୍କ ମଧ୍ୟରେ ୮୮ ପ୍ରତିଶତ ମହିଳା ଅଛନ୍ତି। ଏହା ଦେଶର ମୋଟ ଲୋକସଂଖ୍ୟା ୧୨.୪ କୋଟିର ୦.୮୧ ପ୍ରତିଶତ। ଜାପାନ କ୍ରମାଗତ ୫୫ ବର୍ଷ ଧରି ଏହି ରେକର୍ଡକୁ ବଜାୟ ରଖିଛି। ଜାପାନରେ ସେପ୍ଟେମ୍ବର ୧୫କୁ ବୃଦ୍ଧଜନ ଦିବସ ଭାବେ ପାଳନ କରାଯାଏ। ଏହି ଦିନ ଜାପାନରେ ୧୦୦ରୁ ଉର୍ଦ୍ଧ୍ୱ ବର୍ଷର ଲୋକଙ୍କୁ ଅଭିନନ୍ଦନ ପତ୍ର ସହ ରୂପା ଗ୍ଲାସ ଉପହାର ସ୍ୱରୂପ ପ୍ରଦାନ କରାଯାଇଥାଏ। ଏବର୍ଷ ୫୨,୩୧୦ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ମାନୀତ କରାଯିବ। ୧୧୪ ବର୍ଷୀୟ ଶିଗେକେ କାଗାବା ଜାପାନର ସବୁଠାରୁ ବୟସ୍କ ମହିଳା ଓ ୧୧୧ ବର୍ଷୀୟ କିୟୋଟାକା ମିଜୁନୋ ସବୁଠାରୁ ବୟସ୍କ ପୁରୁଷ ବିବେଚିତ ହୋଇଛନ୍ତି। ଜାପାନରେ ଲୋକଙ୍କ ହାରାହାରି ବୟସ ୯୫ ବର୍ଷ ରହିଛି। ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଜାପାନ ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଛି। ପୁରୁଷଙ୍କ ତୁଳନାରେ ମହିଳା ଅଧିକ ବର୍ଷ ବଞ୍ଚିଥାନ୍ତି। ସେହିପରି ବିଶ୍ୱରେ ସ୍ୱାସ୍ଥ୍ୟସମ୍ପର୍ଣ୍ଣ ଦେଶମାନଙ୍କ ମଧ୍ୟରେ ଜାପାନ ଦ୍ୱିତୀୟ ସ୍ଥାନରେ ରହିଛି ଓ ସିଙ୍ଗାପୁର ପ୍ରଥମ, ଦକ୍ଷିଣ କୋରିଆ ତୃତୀୟ, ତାଇୱାନ ଚତୁର୍ଥ ଓ ଇସ୍ରାଏଲ୍ ୫ମ ସ୍ଥାନରେ ରହିଛି। ଜାପାନରେ ବଞ୍ଚିବାର ଜୀବନ ଶୈଳୀ ଉନ୍ନତ ଥିବାରୁ ଏଠରେ ଲୋକେ ଅଧିକ ବୟସ ବଞ୍ଚିବାରେ ସକ୍ଷମ ହେଉଛନ୍ତି।

**ଅନ୍‌ଲାଇନ ବେଟିଂ ଆପ୍‌ର ପ୍ରଚାର ମାମଲା**

# ଉର୍ବଶୀ ରୌତେଲା ଓ ମିମି ଚକ୍ରବର୍ତ୍ତୀଙ୍କୁ ଇଡି ସମନ





ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି): ଅଭିନେତ୍ରୀ ଉର୍ବଶୀ ରୌତେଲା ଏବଂ ଟିଏମ୍‌ସିର ପୂର୍ବତନ ସାଂସଦ ତଥା ଅଭିନେତ୍ରୀ ମିମି ଚକ୍ରବର୍ତ୍ତୀ ଅନ୍‌ଲାଇନ ବେଟିଂ ଆପ୍ ପାଇଁ ପ୍ରଚାର ମାମଲାରେ ଫସିଛନ୍ତି। ଅନ୍‌ଲାଇନ ବେଟିଂ ପ୍ଲାଟଫର୍ମ '୧xବେଟ୍' ସମ୍ବନ୍ଧିତ ମାମଲାରେ ଏହି ଦୁଇ ଅଭିନେତ୍ରୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ ଜାରି କରିଛି। ଏହି ପ୍ଲାଟଫର୍ମ ମନି ଲଣ୍ଡରିଂ ଯାଞ୍ଚରେ ସନ୍ଦେହଘେରରେ ରହିଛି। ଇଡି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଉଭୟ କଳାକାର '୧xବେଟ୍'ର ବିଜ୍ଞାପନ ଏବଂ ପ୍ରଚାରପ୍ରସାରରେ ଦୁଇ ଅଭିନେତ୍ରୀ ସାମିଲ ଥିଲେ। ଆସନ୍ତା ମଙ୍ଗଳବାର ଦିଲ୍ଲୀ ସ୍ଥିତ ଇଡି ମୁଖ୍ୟାଳୟରେ ହାଜର ହେବା ପାଇଁ ଉର୍ବଶୀଙ୍କୁ ଏବଂ ମିମିଙ୍କୁ ସୋମବାର ଉପସ୍ଥିତ ହେବାକୁ କୁହାଯାଇଛି। ଏହି ମାମଲାରେ ଉଭୟଙ୍କ ବୟାନ ରେକର୍ଡ କରାଯିବ। ଏହି ଆପ୍‌ରେ ଉଭୟଙ୍କ କି ଭୂମିକା ଥିଲା ତାହାର ଯାଞ୍ଚ କରାଯିବ ବୋଲି କୁହାଯାଉଛି।

ପୂର୍ବରୁ ଏହି ମାମଲାରେ ଅନେକ ସେଲିବ୍ରିଟିଙ୍କୁ ଜେରା କରାଯାଇଥିଲା। ଚଳିତ ମାସରେ ପୂର୍ବତନ କ୍ରିକେଟର ଶିଖର ଧାୱନଙ୍କୁ ମଧ୍ୟ ସମନ କରାଯାଇଥିଲା। ସୁରେଶ ରୈନା ମଧ୍ୟ ଇଡି ନିକଟରେ ହାଜର ହୋଇଥିଲେ। ଏହି ମାମଲାରେ ଜୁଲାଇ ୨୩ରେ ଯାଞ୍ଚ ହାଜର ହେବାକୁ ଅଭିନେତା ରାଣା ଦାଗୁବତିଙ୍କୁ କୁହାଯାଇଥିଲା। କିନ୍ତୁ ଫିଲ୍ମ ସୁଟିଂ ଯୋଗୁଁ ସେ ହାଜର ହୋଇପାରି ନ ଥିଲେ। ପରେ ହାଇଦରାବାଦର ଇଡି ଅଫିସରେ ଯାଞ୍ଚ ପାଇଁ ଉପସ୍ଥିତ ହୋଇଥିଲେ। ଗତ ମେ' ମାସରେ ବେଟିଂ ପ୍ଲାଟଫର୍ମର ପ୍ରଚାରପ୍ରସାର କରିଥିବାରୁ ତେଲଙ୍ଗାନା ପୁଲିସ ପ୍ରକାଶ ରାଜ, ମଞ୍ଚୁ ଲକ୍ଷ୍ମୀ, ନିଧି ଅଗ୍ରୱାଲ, ଅନନ୍ୟା ନାଗଲ୍ଲା, ଶ୍ରୀମୁଖୀ ପ୍ରମୁଖଙ୍କୁ ବିରୋଧରେ ପୁଲିସ ମାମଲା ରୁଜୁ କରିଥିଲା।

# ନେପାଳ ହିଂସା ମୃତକଙ୍କୁ ମିଳିବ ସହିଦ ମାନ୍ୟତା



**ପୀଡ଼ିତଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଦିଆଯିବ**

**୬ ମାସ ମଧ୍ୟରେ ନିର୍ବାଚନ କରାଇ ପଦ ଛାଡ଼ିବି: ସୁଶୀଳା**

**ନେପାଳ ହିଂସାରେ ୩ ପୂର୍ବତନ ପ୍ରଧାନମନ୍ତ୍ରୀ ବାସହରା**

କାଠମାଣ୍ଡୁ,୧୪।୯(ଏଜେନ୍ସି): ନେପାଳରେ ଜେନ୍- ଜେଡ୍ ଆନ୍ଦୋଳନରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ 'ସହିଦ' ଆଖ୍ୟା ଦିଆଯିବ ବୋଲି ଅନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି କହିଛନ୍ତି। ପୁଣି ପ୍ରତ୍ୟେକ ପୀଡ଼ିତଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ସେ ରବିବାର ଘୋଷଣା କରିଛନ୍ତି। ଏହି ଆନ୍ଦୋଳନ ଓ ହିଂସାରେ ମୋଟ୍ ୫୧ ଜଣ ଲୋକ ପ୍ରାଣ ହରାଇଥିଲେ। ତେବେ ମୃତ୍ୟୁ ସଂଖ୍ୟା ଏବେ ୭୨ରେ ପହଞ୍ଚିଛି ବୋଲି କୁହାଯାଇଛି। ଏଥିରେ ଜଣେ ଭାରତୀୟ ମହିଳା ମଧ୍ୟ ସାମିଲ ରହିଥିଲେ। ଦେଶରେ ଦୁର୍ନୀତିର ମୁଳୋତ୍ପାଟନ କରିବାକୁ ସେ ସଂକଳ୍ପ ନେଇଛନ୍ତି। ନେପାଳରେ ପ୍ରଥମଥର ପାଇଁ ଲଗାତର ୭୨ ଘଣ୍ଟା ପର୍ଯ୍ୟନ୍ତ ଆନ୍ଦୋଳନ ହୋଇଥିଲା ଓ ଏହା ଏକ ବଡ଼ କଥା। ଶାସନରେ ୬ ମାସରୁ ଅଧିକ ସମୟ ରହିବି ନାହିଁ ଓ ନିର୍ବାଚନ କରାଇ ନୂଆ ସରକାରଙ୍କୁ ଦାୟିତ୍ୱ ଦେଇ ପଦ ଛାଡିବି ବୋଲି ସେ କହିଛନ୍ତି। କାର୍କି ସେପ୍ଟେମ୍ବର ୧୨ରେ କାମଚଳା ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରେ ସାଧାରଣ ନିର୍ବାଚନ କରାଇବାକୁ ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବର୍ବରତା ଆଚରଣ ପ୍ରଦର୍ଶନ କରିଥିବା ଲୋକଙ୍କୁ ଯାଞ୍ଚ୍ କରାଯାଇ ଦଣ୍ଡିତ କରାଯିବ।

ଅନ୍ୟପକ୍ଷରେ ନେପାଳ ହିଂସାରେ ୩ ଜଣ ପୂର୍ବତନ ପ୍ରଧାନମନ୍ତ୍ରୀ ଯଥା କେପି ଶର୍ମା ଓଲି, ଶେର ବାହଦୂର ଦେଓବା ଓ ପୁଷ୍ପ କମଲ ଦହଲ ଓରଫ୍ ପ୍ରଚଣ୍ଡ ବାସହରା ହୋଇଛନ୍ତି। ସେପ୍ଟେମ୍ବର ୯ରେ ଜେନ୍- ଜେଡ ପ୍ରଦର୍ଶନକାରୀମାନେ ଏହି ୩ ଜଣଙ୍କ ଘରେ ନିଆଁ ଲଗାଇବା ସହ ଜାଳି ଦେଇଛନ୍ତି। ବର୍ତ୍ତମାନେ ଏହି ୩ ନେତା ସେନା ଶିବିରରେ ରହୁଛନ୍ତି। ଏମାନଙ୍କ ସମର୍ଥକମାନେ ଏବେ ଏହି ନେତାଙ୍କ ପାଇଁ ଘର ଖୋଜିବା ଆରମ୍ଭ କରିଛନ୍ତି। ଜେନ- ଜେଡ ଆକ୍ରୋଶ କମ୍ ନ ହେବା ପର୍ଯ୍ୟନ୍ତ ରାଜଧାନୀ କାଠମାଣ୍ଡୁ ବାହାରର ସହର ପୋଖରାରେ ରହିବାକୁ ଚାହୁଁଛନ୍ତି। ଏବେ ସୁଶୀଳା ମନ୍ତ୍ରିମଣ୍ଡଳ ଗଠନ ନେଇ ପ୍ରୟାସ ଆରମ୍ଭ କରିଛନ୍ତି। ୧୫ ଜଣଙ୍କୁ ନେଇ ଏକାସଙ୍ଗେ ମନ୍ତ୍ରୀ ମଣ୍ଡଳ ଗଠନ କରିବେ ବୋଲି କାଠମାଣ୍ଡୁ ପୋଷ୍ଟ ଦ୍ୱାରା ପ୍ରକାଶିତ ରିପୋର୍ଟରୁ ଜଣାଯାଇଛି। ଏ ନେଇ ଆଇନ୍ ବିଶେଷଜ୍ଞଙ୍କ ସହ ସେ ବିଚାର ବିମର୍ଶ ଆରମ୍ଭ କରିଛନ୍ତି। କିନ୍ତୁ ଜେନ୍- ଜେଡ ନେତା ଏହି ମନ୍ତ୍ରିମଣ୍ଡଳରେ ସାମିଲ ହେବ ନାହିଁ ବୋଲି ପୂର୍ବରୁ କହିଛନ୍ତି। ତେବେ ନବଗଠିତ ସରକାର ତଥା ମନ୍ତ୍ରୀ ମଣ୍ଡଳର କାର୍ଯ୍ୟକୁ ନିରୀକ୍ଷଣ କରିବେ ବୋଲି ଏହି ନେତାମାନେ କହିଛନ୍ତି। ତେଣୁ ଆଗାମୀ କେତୋଟି ମାସରେ ନେପାଳ ପାଇଁ ପରୀକ୍ଷା ସୃଷ୍ଟି ହେବ ବୋଲି କୁହାଯାଉଛି। ନେପାଳରେ ୨୦୨୬ ମାର୍ଚ୍ଚ ୫ରେ ନିର୍ବାଚନ କରାଯିବ ବୋଲି କୁହାଯାଉଛି।

# ରୁଷିଆର ସର୍ବବୃହତ୍ ତୈଳ ବିଶୋଧନାଗାରରେ ୟୁକ୍ରେନର ଆକ୍ରମଣ

କିଭ୍,୧୪।୯(ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ତୃତୀୟ ବର୍ଷରେ ପହଞ୍ଚିଛି। ରୁଷିଆର ସର୍ବବୃହତ ତୈଳ ବିଶୋଧନ କେନ୍ଦ୍ର ଉପରେ ୟୁକ୍ରେନ ଡ୍ରୋନ୍ ଆକ୍ରମଣ କରିଛି। ଏ ନେଇ ରୁଷୀୟ ଅଧିକାରୀ ଓ ୟୁକ୍ରେନ ସେନା ତରଫରୁ ସୂଚନା ଦିଆଯାଇଛି। ଲେନିନଗ୍ରାଡ ଅଞ୍ଚଳରେ ଥିବା କିରିଶି ତୈଳ ବିଶୋଧନ କେନ୍ଦ୍ର ଉପରେ ଏହି ଆକ୍ରମଣ ହୋଇଥିଲା। ପ୍ରତିବର୍ଷ ଏହି କେନ୍ଦ୍ରରୁ ୧୭.୭ ମିଲିଅନ ମେଟ୍ରିକ୍ ଟନ୍ ବା ଦିନକୁ ୩,୫୫,୦୦୦ ବ୍ୟାରେଲ ଅଶୋଧିତ ତୈଳ ଉତ୍ପାଦନ ହୋଇଥାଏ। ତେବେ ଏହି ଆକ୍ରମଣରେ କେହି ମୃତାହତ ହୋଇନାହାନ୍ତି ଓ ନିଆଁ ଲାଗିବା ମାତ୍ରେ ତାହାକୁ ଲିଭାଇ ଦିଆଯାଇଥିଲା ରୁଷ୍ ତରଫରୁ କୁହାଯାଇଛି। ଗତ ରାତିରେ ୟୁକ୍ରେନର ପାଖାପାଖି ୮୦ଟି ଡ୍ରୋନ୍ ଧ୍ୱଂସ କରାଯାଇଥିଲା ବୋଲି ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି।



# ପ୍ରବଳ ବର୍ଷା ଯୋଗୁ ବୈଷ୍ଣୋଦେବୀ ଯାତ୍ରା ସ୍ଥଗିତ

**ଉତ୍ତରପ୍ରଦେଶ ୪ % କମ୍, ହିମାଚଳରେ ୧୩୩ % ଅଧିକ ବର୍ଷା**

ନୂଆଦିଲ୍ଲୀ,୧୪।୯(ଏଜେନ୍ସି): ପ୍ରବଳ ବର୍ଷା ଓ ଖରାପ ପାଗ କାରଣରୁ ବୈଷ୍ଣୋଦେବୀ ଯାତ୍ରାକୁ ସ୍ଥଗିତ ରଖାଯାଇଛି। ୧୯ ଦିନ ଏହି ଯାତ୍ରା ସ୍ଥଗିତ ରହିବା ପରେ ରବିବାର ପୁଣି ଆରମ୍ଭ ହୋଇଥିଲା। ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ଏହି ଯାତ୍ରା ଆପାତତଃ ସ୍ଥଗିତ ରଖାଯାଇଛି ବୋଲି କୁହାଯାଇଛି। ଗତ ଅଗଷ୍ଟ ୨୪ ତାରିଖରେ ମନ୍ଦିର ରାସ୍ତାରେ ଭୂସ୍ଖଳନ କାରଣରୁ ୩୪ ଜଣ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଥିଲେ। ସେହିପରି ଉତ୍ତରପ୍ରଦେଶରେ ଲଗାତର ବର୍ଷା କାରଣରୁ ଗଙ୍ଗା, ଯମୁନା ନଦୀର ଜଳସ୍ତର ଏବେ ମଧ୍ୟ ଉଚ୍ଚସ୍ତରରେ ରହିଛି। ବଲିଆ ଛକି ନୌରଙ୍ଗା ଗାଁରେ ୫ ଘର ଓ ୫ ଦୋକାନ ଜଳମଗ୍ନ ହୋଇଛି। ଉତ୍ତରପ୍ରଦେଶରେ ଏଥର ମୌସୁମୀ ବର୍ଷା ୪ ପ୍ରତିଶତ କମ୍ ହୋଇଛି। ରାଜ୍ୟରେ ହାରାହାରି ୬୭ ୯.୩ମିମି ବର୍ଷା ହୋଇଥାଏ। କିନ୍ତୁ ଏଥର ୬୫୪.୨ ମିମି ବର୍ଷା ହୋଇଛି।

ଅନ୍ୟପଟେ ହିମାଚଳରେ ମଣ୍ଡି ଜିଲ୍ଲାର ଧର୍ମପୁରରେ ସଫଡି ରୋହ ଗାଁରେ ଶନିବାର ଭୂସ୍ଖଳନ ହୋଇଥିଲା। କେତୋଟି ଘରେ କାଦୁଅ ମିଶା ପାଣି ପଶିଯାଇଛି। ୮ଟି ଘରକୁ ଖାଲି କରାଯାଇଥିଲା। ରାଜ୍ୟରେ ବର୍ଷା, ବନ୍ୟା ଓ ଭୂସ୍ଖଳନରେ ମୃତ୍ୟୁ ସଂଖ୍ୟା ଏବେ ୩୮୬ରେ ପହଞ୍ଚିଛି। ରାଜ୍ୟରେ ଏଥର ୧୩୩ ପ୍ରତିଶତ ଅଧିକ ବର୍ଷା ହୋଇଛି। ରବିବାରଠାରୁ ଦେଶର ଉତ୍ତର ପଶ୍ଚିମ ରାଜ୍ୟ ରାଜସ୍ଥାନରୁ ମୌସୁମୀ ବିଦାୟ ନେବା ଆରମ୍ଭ କରିଛି। କିନ୍ତୁ ମଧ୍ୟପ୍ରଦେଶରେ ଏବେ ମଧ୍ୟ ମୌସୁମୀ ଦୁଇ ସପ୍ତାହ ରହିବ ବୋଲି ଅନୁମାନ କରାଯାଉଛି। ସେହିପରି ଉତ୍ତରପୂର୍ବ ରାଜ୍ୟ ସିକ୍କିମରେ ବର୍ଷା କାରଣରୁ ଭୂସ୍ଖଳନ ହେବା କାରଣରୁ ଜଣେ ପଞ୍ଚାୟତ ଅଧକ୍ଷ ମୃତ୍ୟୁବରଣ କରିଛନ୍ତି। ଅରୁଣଚଳ ପ୍ରଦେଶରେ ୬ଟି ଜିଲ୍ଲା ପ୍ରବଳ ବର୍ଷା ହେବ ବୋଲି ରେଡ ଆଲର୍ଟ ଜାରି କରାଯାଇଛି। ପଞ୍ଜାବରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧରା କାର୍ଯ୍ୟ ଜୋରସୋରରେ ଚାଲିଛି। ପଞ୍ଜାବର ବିଭିନ୍ନ ନଦୀରେ ଜଳସ୍ତର ତଳକୁ ଖସିଛି।

**ପୁଣି ଚର୍ଚ୍ଚାରେ ଆରଜି କର କଲେଜ**

# ଛାତ୍ରୀଙ୍କ ରହସ୍ୟଜନକ ମୃତ୍ୟୁ

**ବଏଫ୍ରେଣ୍ଡ ବିଷ ଦେଇଥିବା ଅଭିଯୋଗ କଲା ପରିବାର**

କୋଲକାତା, ୧୪।୯ (ଏଜେନ୍ସି): କୋଲକାତାର ଆରଜି କର ମେଡିକାଲ କଲେଜରେ ଆଉଏକ ଘଟଣା ଘଟିଛି। ଏହି କଲେଜରେ ଅନ୍ତିମ ବର୍ଷର ଜଣେ ଛାତ୍ରୀ ଶନିବାର ମାଲଦାର ଏକ ହସ୍ପିଟାଲରେ ରହସ୍ୟଜନକ ଭାବେ ମୃତ୍ୟୁବରଣ କରିଛନ୍ତି। ଏହି ଛାତ୍ରୀ ହେଉଛନ୍ତି ୨୪ ବର୍ଷୀୟା ଅନିନ୍ଦିତା ସୋରେନ। ପ୍ରେମିକ ଉଜ୍ଜ୍ୱଳ ସୋରେନଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଛନ୍ତି ଅନିନ୍ଦିତାଙ୍କ ପ୍ରେମିକ। ଉଜ୍ଜ୍ୱଳ ଅନିନ୍ଦିତାଙ୍କୁ ବିଷ ଦେବା ଫଳରେ ତାଙ୍କ ମୃତ୍ୟୁ ହୋଇଛି ବୋଲି ପରିବାର ଲୋକେ କହିଛନ୍ତି। ଦୁହେଁ ପରସ୍ପରକୁ ଡେଟ୍ କରୁଥିଲେ। ଅନିନ୍ଦିତା ଉଜ୍ଜ୍ୱଳଙ୍କୁ ବିବାହ ପାଇଁ ଚାପ ପକାଉଥିଲା। ତେବେ ଏହାକୁ ଉଜ୍ଜ୍ୱଳ ମନା କରୁଥିଲା। ଏଥିପାଇଁ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହେଉଥିଲା ବୋଲି ଅନିନ୍ଦିତାଙ୍କ ମାଆ ଅଞ୍ଜନା ଟୁଡୁ କହିଛନ୍ତି। ଗତ ୧୨ ତାରିଖରେ ଅନିନ୍ଦିତାର ଦେହ ଖରାପ ହୋଇଛି ଓ ତାକୁ ମାଲଦାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ଉଜ୍ଜ୍ୱଳ ଫୋନ କରି ସୂଚନା ଦେଇଥିଲେ। କିନ୍ତୁ ଏହାପରେ ଅନିନ୍ଦିତା ମୃତ୍ୟୁବରଣ କରିଥିଲେ। ତେବେ ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ସାମ୍ନାକୁ ଆସିବ ବୋଲି ପୁଲିସ କହିଛି। ଏବେ ଉଜ୍ଜ୍ୱଳର ବୟାନ ନେବାକୁ ପୁଲିସ ତାକୁ ଖୋଜୁଛି। ଉଲ୍ଲେଖଥାଉ କି, ଗତବର୍ଷ କୋଲକାତାର ଏହି ଆରଜି କଲେଜ ଚର୍ଚ୍ଚାରେ ରହିଥିଲା। ୨୦୨୪ ଅଗଷ୍ଟ ୯ରେ ଜଣେ ଟ୍ରେନି ଡାକ୍ତରାଣୀଙ୍କୁ ଦୁଷ୍କର୍ମ କରାଯାଇ ହତ୍ୟା କରାଯାଇଥିଲା ଏହି ଘଟଣାକୁ ନେଇ ପଶ୍ଚିମବଙ୍ଗ ସମେତ ସାରା ଦେଶରେ ଚର୍ଚ୍ଚା ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି।

# ସ୍କୁଲ୍‌ରେ ଚାଲିଥିଲା ନିଶା କାରଖାନା

- ନିର୍ଦ୍ଦେଶକଙ୍କ ସମେତ ୩ ଗିରଫ

ହାଇଦରାବାଦ୍,୧୪।୯(ଏଜେନ୍ସି): ତେଲଙ୍ଗାନା ରହାଇଦରାବାଦ ପୁଲିସ୍ ଏକ ଘରୋଇ ସ୍କୁଲରେ ନିଶାଦ୍ରବ୍ୟ କାରଖାନା ଠାବ କରିଛି। ମେଧା ନାମକ ଏହି ସ୍କୁଲ୍‌ର ନିର୍ଦ୍ଦେଶକ ମାଲେଲା ଜୟା ପ୍ରକାଶ ଗୌଡ଼ ସହିତ ୩ ଜଣ ଲୋକଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ସ୍କୁଲର ଶ୍ରେଣୀ କୋଠରୀ ଓ ନିଷେଦ୍ଧାଞ୍ଚଳକୁ ଅଲପ୍ରାଜୋଲାମ୍ ଭଳି ନିଶାଦ୍ରବ୍ୟ ଉତ୍ପାଦନକାରୀ କାରଖାନାରେ ପରିଣତ କରିଥିଲେ। ଅଲପ୍ରାଜୋଲାମ୍‌କୁ ତାଡି ତଥା ନିଶାଦ୍ରବ୍ୟ ପ୍ରସ୍ତୁତିରେ ବ୍ୟବହାର କରାଯାଇଥାଏ। ସ୍କୁଲ ବିଲ୍ଡିଂର ଦ୍ୱିତୀୟ ମହଲାରେ ପାଖାପାଖି ଗତ ୬ ମାସ ହେବ ଏହି କାରଖାନା ଚାଲିଆସୁଥିଲା। ତଳ ଓ ପ୍ରଥମ ମହଲାରେ ପିଲାଙ୍କୁ ପଢ଼ାଯାଉଥିଲା। ଏହି କାରଖାନାରେ ସପ୍ତାହର ୬ ଦିନ ଡ୍ରଗ୍ସ ତିଆରି କରାଯାଉଥିଲା ଓ ରବିବାର ଏହାକୁ ବାହରକୁ ବାହାର କରାଯାଇ ବଜାରରେ ପହଞ୍ଚା ଯାଉଥିଲା। ପୁଲିସ ସ୍କୁଲ ଉପରେ ଚଢାଉ କରି ୭ କେଜିରୁ ଉର୍ଦ୍ଧ୍ୱ ଆଲପ୍ରାଜୋଲାମ, ନଗଦ ୨୧ ଲକ୍ଷ ଟଙ୍କା, ବହୁ ପରିମାଣରେ ରାସାୟନିକ ପଦାର୍ଥ ଜବତ କରିଛି। ପୁଲିସ ଏକ କେମେଷ୍ଟ୍ରୀ ଲାବ୍ ମଧ୍ୟ ଦେଖିବାକୁ ପାଇଛି। ଏଠାରେ ବହୁ ପରିମାଣର ଡ୍ରଗ୍ସ ଉତ୍ପାନଦ କରିବା ପାଇଁ ବ୍ୟବହାର କରାଯାଉଥିଲା ବୋଲି ପୁଲିସ କହିଛି। ଏହି ଲାବ୍‌ରେ ୮ଟି ରିଆକ୍ଟର ଓ ଡ୍ରାୟର ଲଗାଯାଇଥିଲା। ସ୍କୁଲ ନିର୍ଦ୍ଦେଶକ ମାଲେଲା ଗୁରୁବେଣ୍ଣ୍ଡୀ ନାମକ ଜଣେ ଲୋକଠାରୁ ଡ୍ରଗ୍ସ ତିଆରି ପ୍ରକ୍ରିୟା ଶିକ୍ଷା କରିଥିଲା ବୋଲି ପୁଲିସ୍ କହିଛି।

# ଆସାମରେ ୫.୯ ତୀବ୍ରତାର ଭୂକମ୍ପ

- ଭୂଟାନ, ପଶ୍ଚିମବଙ୍ଗରେ ମଧ୍ୟ ଝଟ୍‌କା
- ମୃତାହତ, କ୍ଷୟକ୍ଷତି ନେଇ ସୂଚନା ନାହିଁ

ଗୌହାଟୀ,୧୪।୯(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ଆସାମରେ ରବିବାର ସନ୍ଧ୍ୟାରେ ୫.୯ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ୟୁନାଇଟେଡ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) ଏ ନେଇ ସୂଚନା ଦେଇଛି। ଅପରାହ୍ନ ୪.୪୧ରେ ଏହି ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ଉଦଲଗୁରି ଜିଲ୍ଲାର ପୂର୍ବକୁ ୧୪ କିମି ଦୂରରେ ଭୂକମ୍ପର କେନ୍ଦ୍ର ଥିଲା। ଏହା ଭୂପୃଷ୍ଠର ୧୦କିମି ଗଭୀରତାରେ ସୃଷ୍ଟି ହୋଇଥିଲା ବୋଲି ୟୁଏସ୍‌ଜିଏସ୍ ତରଫରୁ କୁହାଯାଇଛି। ତେବେ ଭାରତର ନ୍ୟାସନାଲ ସେଣ୍ଟର ଫର ସିସ୍‌ମୋଲୋଜୀରେ ଭୂକମ୍ପର ତୀବ୍ରତା ୫.୮ ଥିଲା ଓ ଏହାର ଗଭୀରତା ୫.୫ କିମି ଥିଲ ବୋଲି କହିଛି। ଭୂକମ୍ପ ପରେ ଏହି ଅଞ୍ଚଳରେ ୩.୧ ଓ ୨.୯ ତୀବ୍ରତାର ପରବର୍ତ୍ତୀ ଭୂକମ୍ପ ଝଟ୍‌କା ଯଥାକ୍ରମେ ସନ୍ଧ୍ୟା ୪.୫୮ ଓ ୫.୨୧ରେ ଅନୁଭୂତ ହୋଇଥିଲା ବୋଲି କୁହାଯାଇଛି। ଏହି ଭୂକମ୍ପ ମଧ୍ୟ ଭୂଟାନ ଓ ପଶ୍ଚିମବଙ୍ଗର କିଛି ଅଞ୍ଚଳରେ ଅନୁଭୂତ ହୋଇଛି। ଭୂକମ୍ପ ଝଟ୍‌କା ପରେ ଗୌହାଟୀରେ ଲୋକମାନେ ଜୀବନ ବଞ୍ଚାଇବାକୁ ଘର ଓ ଅଫିସ ବାହାରକୁ ଦୌଡୁଥିବାର ଲକ୍ଷ୍ୟ କରାଯାଇଥିଲା।

# 'ଅପରେସନ ସିନ୍ଦୂର' ବେଳେ ମୁନୀର ବଙ୍କରରେ ଲୁଚିଥିଲେ: ପୂର୍ବତନ ଲେଫ୍ଟନାଣ୍ଟ ଜେନେରାଲ

**ପାକିସ୍ତାନ ଆମ ମିସାଇଲକୁ ରୋକିପାରି ନଥିଲା**

ନୂଆଦିଲ୍ଲୀ,୧୪।୯(ଏଜେନ୍ସି): ଅପରେସନ ସିନ୍ଦୂର ଚାଲିଥିବା ବେଳେ ପାକିସ୍ତାନ ସେନାମୁଖ୍ୟ ଆସିମ ମୁନୀର ଏକ ବଙ୍କରରେ ଲୁଚି ରହିଥିଲେ ବୋଲି ଭାରତୀୟ ସେନାବାହିନୀର ପୂର୍ବତନ ଲେଫ୍ଟନାଣ୍ଟ ଜେନେରାଲ କନୱାଲ ଜିତ୍ ସିଂ ଧିଲନ କହିଛନ୍ତି। ୪ ଦିନର ଏହି ଛୋଟିଆ ଯୁଦ୍ଧ ପରେ ଜନତାଙ୍କ ରୋଷରୁ ବଞ୍ଚିବା ପାଇଁ ସେ ନିଜକୁ ଫିଲ୍ଡ ମାର୍ଶାଲ ପଦରେ ଅଧିଷ୍ଠିତ କରାଇଥିଲେ ବୋଲି ଧିଲନ ଏକ ନ୍ୟୁଜ୍ ଏଜେନ୍ସିକୁ ସାକ୍ଷାତାକାର ଦେବା ଅବସରରେ କହିଛନ୍ତି। ମେ' ୧୦ରେ ଭାରତ ପାକିସ୍ତାନର ୧୧ଟି ଏୟାର ବେସ୍ ଉପରେ ସଠିକତାର ସହ ଆକ୍ରମଣ କରିଥିଲା। ପାକିସ୍ତାନର ଏୟାର ଡିଫେନ୍ସ ସିଷ୍ଟମ ଏତେ ଦୁର୍ବଳ ଥିଲା ଯେ, ଆମର ଗୋଟିଏ ହେଲେ ବି ମିସାଇଲକୁ ରୋକିବାରେ ସମର୍ଥ ହୋଇ ନଥିଲା। ଏପ୍ରିଲ ୨୨ରେ ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ଭାରତର ୨୬ ଲୋକ ପ୍ରାଣ ହରାଇଥିଲେ। ଫଳରେ ଏହାର ପ୍ରତିଶୋଧ ନେବାକୁ ଯାଇ ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ଏବଂ ପାକିସ୍ତାନରେ ଥିବା ଆତଙ୍କବାଦୀ ଠିକଣାକୁ ଭାରତୀୟ ବାୟୁସେନା ଧ୍ୱଂସ କରିବାରେ ସମର୍ଥ ହୋଇଥିଲା। ମେ' ୧୦ରେ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ଘୋଷିତ ହୋଇଥିଲା। ପାକିସ୍ତାନ ଯୁଦ୍ଧବିରତି ପାଇଁ ଭିକ୍ଷା କରିଥିଲା ବୋଲି ଧିଲନ କହିଛନ୍ତି। ମେ ୧୦ରେ ପାକିସ୍ତାନ ଡିଜିଏମ୍‌ଓ ଅପରାହ୍ନ ୩ଟା ୩୫ରେ ଭାରତର ଡିଜିଏମ୍‌ଓଙ୍କୁ ଫୋନ କରି ଅସ୍ତ୍ରବିରତି ପାଇଁ ଅନୁରୋଧ କରିଥିଲେ। ତେଣୁ ଏହି ଯୁଦ୍ଧରେ ଭାରତ ବିଜୟୀ ହୋଇଥିଲା ବୋଲି ସେ କହିଛନ୍ତି। ଯେତେବେଳେ ପାକିସ୍ତାନ ମଧ୍ୟସ୍ଥତା ଓ ଅସ୍ତ୍ରବିରତି ପାଇଁ ଆମେରିକା ଓ ସାଉଦି ଆରବ ଶରଣ ପଶେ ତାହାକୁ ଓ ଯଦି ଆମେ ନୀତିଗତ ଭାବେ ତୃତୀୟ ପକ୍ଷର ମଧ୍ୟସ୍ଥତାକୁ ପ୍ରତ୍ୟାଖାନ କରିଥାଉ ତାହାକୁ ଆମର ବିଜୟ କୁହାଯିବ ବୋଲି ସେ କହିଛନ୍ତି। ଅପରେସନ ସିନ୍ଦୂରରେ ଭାରତ ପାକିସ୍ତାନରେ ୯ଟି ଆତଙ୍କବାଦୀ ଠିକଣାକୁ ଧ୍ୱଂସ କରିବା ସହ ୧୦୦ରୁ ଉର୍ଦ୍ଧ୍ୱ ଆତଙ୍କବାଦୀଙ୍କୁ ନିପାତ କରିଥିଲା।

# ରୂପାଣୀଙ୍କ ଅନ୍ତିମ ସଂସ୍କାରର ଖର୍ଚ୍ଚ ଦେବାକୁ ମନାକଲା ବିଜେପି

ଅହମଦାବାଦ, ୧୪।୯ (ଏଜେନ୍ସି): ଜୁନ୍ ୧୨ରେ ଅହମଦବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀଙ୍କ ଅନ୍ତିମ ସଂସ୍କାର ଖର୍ଚ୍ଚ ଦେବାକୁ ବିଜେପି ମନା କରିଦେଇଛି। ଏଥିରେ ଖର୍ଚ୍ଚ ହୋଇଥିବା ୨୦-୨୫ ଲକ୍ଷ ଟଙ୍କା ରୂପାଣୀଙ୍କ ପରିବାର ଦେବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ସୂଚନା ଅନୁଯାୟୀ ଅନ୍ତିମ ଯାତ୍ରା ପାଇଁ ଫୁଲ, ଟେଣ୍ଟ ଏବଂ ଅନ୍ୟ ବ୍ୟବସ୍ଥା କରିଥିବା ବ୍ୟବସାୟୀମାନେ ଜୁଲାଇରେ ରୂପାଣୀଙ୍କ ଘରକୁ ଯାଇ ଟଙ୍କା ମାଗିଥିଲେ। ବିଜେପି ପକ୍ଷରୁ ଟଙ୍କା ଦିଆଯାଇ ନ ଥିବା ଜାଣିବା ପରେ ପରିବାର ସଦସ୍ୟଙ୍କୁ ବଡ଼ ଝଟ୍‌କା ଲାଗିଥିଲା। ରୂପାଣୀ ପରିବାରର ଜଣେ ବନ୍ଧୁ କହିଛନ୍ତି ଯେ ଟଙ୍କାକୁ ନେଇ ପ୍ରଶ୍ନ ଉଠାଯାଉ ନାହିଁ। ମାତ୍ର ବିଜେପିର ଏଭଳି ଆଭିମୁଖ୍ୟ ଯନ୍ତ୍ରଣାଦାୟକ। ଦଳ ଏ ନେଇ ପୂର୍ବରୁ କୌଣସି ସୂଚନା ଦେଇ ନ ଥିଲା। ଜଣେ ପରିବାର ସଦସ୍ୟଙ୍କ ଅନୁଯାୟୀ ଘର ଲୋକଙ୍କ ପାଖରେ ଟଙ୍କାର ଅଭାବ ନାହିଁ। କିନ୍ତୁ ବିଜେପିର ଏପରି ଆଭିମୁଖ୍ୟକୁ ମାନବିକତା ଏବଂ ସମ୍ମାନ ଦୃଷ୍ଟିରୁ ଉଚିତ ଧରାଯାଇପାରିବ ନାହିଁ।

**'କୁକୁର ରାୟ' ବିରୋଧୀଙ୍କୁ ମୋଦୀଙ୍କ କଟାକ୍ଷ**

# 'ଗାଈକୁ ପଶୁ ମାନନ୍ତିନି ପଶୁପ୍ରେମୀ'

ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି): ସାରା ଦେଶରେ ସୁପ୍ରିମକୋର୍ଟଙ୍କ ବୁଲା କୁକୁର ରାୟକୁ ନେଇ ବିବାଦ ଜାରି ରହିଛି। ଏପରି ସମୟରେ ପଶୁପ୍ରେମୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଟାକ୍ଷ କରିଛନ୍ତି। ଗତ ୧୨ ତାରିଖରେ ଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମର ମୋଦୀ କହିଥିଲେ ଯେ କିଛି ଦିନ ତଳେ ସେ କେତେ ଜଣ ପଶୁପ୍ରେମୀଙ୍କୁ ଭେଟିଥିଲେ। ଆମ ଦେଶରେ ଏଭଳି ବହୁତ ପଶୁପ୍ରେମୀ ଅଛନ୍ତି। ତେବେ ବିଶେଷ କଥା ହେଉଛି ଯେ ସେମାନେ ଗାଈକୁ ପଶୁ ମାନନ୍ତି ନାହିଁ। ପ୍ରଧାନମନ୍ତ୍ରୀଙ୍କ ଏପରି ଟିପ୍ପଣୀ ଶୁଣି କାର୍ଯ୍ୟକ୍ରମରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏବଂ ହଲ୍‌ରେ ଥିବା ଅନ୍ୟମାନେ ଜୋର୍‌ସୋର୍‌ରେ ହସିବାରେ ଲାଗିଥିଲେ। ପରେ କାହିଁକି ଏତେ ହସ ଲାଗିଲା ବୋଲି ମୋଦୀ ପଚାରି ଥିଲେ। ଏବେ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହା ପୂର୍ବରୁ ଅଗଷ୍ଟ ୧୧ରେ ସୁପ୍ରିମକୋର୍ଟ ଦିଲ୍ଲୀ-ଏନ୍‌ସିଆରରୁ କୁକୁରଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ସାରା ଦେଶରେ ବିକ୍ଷୋଭ ହେବା ପରେ କୋର୍ଟ ନିଜ ରାୟ ସମୀକ୍ଷା କରିଥିଲେ।

# ଭାରତକୁ ପୁଣି ଟ୍ରମ୍ପ ମନ୍ତ୍ରୀଙ୍କ ଧମକ

ୱାଶିଂଟନ, ୧୪।୯ (ଏଜେନ୍ସି): ଶୁଳ୍କକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ବିବାଦ ଲାଗି ରହିଛି। ଆମେରିକା ରାଷ୍ଟ୍ରପତି ଭାରତ ସହ ସମ୍ପର୍କ ସୁଧାରିବାକୁ ଚାହୁଁଥିବାବେଳେ ତାଙ୍କ ବାଣିଜ୍ୟ ମନ୍ତ୍ରୀ ହାଭର୍ଡ ଲୁଟନିକ ପୁଣି ଭାରତକୁ ଧମକ ଦେଇଛନ୍ତି। ସେ କହିଛନ୍ତି ଯେ ଭାରତକୁ ଶୁଳ୍କ ହ୍ରାସ କରିବାକୁ ପଡିବ। ଏପରି ନ କଲେ ଭାରତ ବ୍ୟବସାୟରେ କଡ଼ା ଆହ୍ୱାନର ସମ୍ମୁଖୀନ ହେବ। ସେ ଏକ ସାକ୍ଷାତକାରରେ ଏହି ଟିପ୍ପଣୀ ଦେଇଥିଲେ। ଏଠାରେ ତାଙ୍କୁ ଭାରତ, କାନାଡ଼ା ଏବଂ ବ୍ରାଜିଲ ଭଳି ସହଯୋଗୀ ଦେଶଙ୍କ ଉପରେ ଶୁଳ୍କ ଲଗାଇ ସମ୍ପର୍କକୁ ଆମେରିକା ଖରାପ କରୁଛି କି ନାହିଁ ବୋଲି ତାଙ୍କୁ ପଚରା ଯାଇଥିଲା। ଉତ୍ତରରେ ଲୁଟ୍‌ନିକ କହିଥିଲେ ଯେ ଭାରତରେ ୧.୪ ବିଲିୟନ ଲୋକ ଥିବା ଦାବି କରାଯାଉଛି। କିନ୍ତୁ ଏହି ଦେଶ ଆମେରିକାରୁ ୨୫ କିଲୋ ମକା ବି କିଣୁନାହିଁ। ମାତ୍ର ଆମେରିକା ଖୋଲାଖୋଲି ଭାବେ ଭାରତୀୟ ସାମଗ୍ରୀ କିଣୁଛି। ବିକ୍ରି କରିବା ବେଳକୁ ଭାରତ ବଡ଼ କାନ୍ଥ ଛିଡ଼ା କରିଦେଉଛି। ସବୁ ସାମଗ୍ରୀ ଉପରେ ଶୁଳ୍କ ଲଗାଉଛି। ଏହି ସମ୍ପର୍କ ଏକପାଖିଆ। ଭାରତ ଆମେରିକାର ଲାଭ ଉଠାଉଛି। କିନ୍ତୁ ଆମେରିକାକୁ ନିଜ ଅର୍ଥନୀତିଠାରୁ ଦୂରରେ ରଖିଛି। ରାଷ୍ଟ୍ରପତି ଟ୍ରମ୍ପ ନିରପେକ୍ଷ ଏବଂ ପାରସ୍ପରିକ ବ୍ୟାପାର ଚାହୁଁଛନ୍ତି। ଦୀର୍ଘ ବର୍ଷ ହେଲା ଚାଲି ଆସିଥିବା ଭୁଲ୍‌କୁ ଦେଶ ସୁଧାରିବାକୁ ଚାହୁଁଛି।

# '୨୦ ନ ଦେଲେ ୧୦୦ରେ ଲଢ଼ିବୁ'

**ଏନ୍‌ଡିଏ ଉପରେ ମାନ୍‌ଝୀ ଚାପ**

ପାଟନା, ୧୪।୯ (ଏଜେନ୍ସି): ନିଜର ଏବଂ ପୁଅ-ବୋହୂଙ୍କ କ୍ୟାରିୟର ଗଢ଼ି ସାରିବା ପରେ କେନ୍ଦ୍ରମନ୍ତ୍ରୀ ତଥା ହାମ୍ ମୁଖ୍ୟ ଜିତନ ରାମ ମାନଝୀ ନିଜ ଦଳକୁ ଆଞ୍ଚଳିକରୁ ଜାତୀୟ କରିବାକୁ ଚାହୁଁଛନ୍ତି। ଏଥିପାଇଁ ସେ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଏନ୍‌ଡିଏ ଉପରେ ଚାପ ପକାଇବା ଆରମ୍ଭ କରିଛନ୍ତି। ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ୧୫ରୁ ୨୦ ଆସନ ନ ମିଳିଲେ ୫୦ରୁ ୧୦୦ ଆସନରେ ଲଢ଼ିବୁ ବୋଲି କହିଛନ୍ତି। ସେ ଗୟାଜୀରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ଏହି ଟିପ୍ପଣୀ ଦେଇଥିଲେ। ମାନ୍‌ଝୀ କହିଥିଲେ ଯେ ହମ୍ ଛୋଟମୋଟ ଦଳ ନୁହେଁ। ଏହା ୧୦ ବର୍ଷ ପୁରୁଣା ଦଳ। ଏହା ଜାତୀୟ ସ୍ତରୀୟ ଦଳ ହେଉ ବୋଲି ସେ ଚାହୁଁଛନ୍ତି। ଏଥିପାଇଁ ଦୁଇଟି ମାନଦଣ୍ଡ ଅଛି। ଗୋଟିଏ ବିଧାନସଭାରେ ୬୦% ଆସନ ଜିତିବାକୁ ପଡିବ। ଯଦି ଆମେ ୧୫ ରୁ ୨୦ ଆସନ ପାଇବୁ, ତେବେ ଆମେ ୮-୯ ଆସନ ଜିତିବୁ। କିମ୍ବା ମୋଟ ୬% ଭୋଟ ପାଇବାକୁ ହେବ। ସେହି ଅନୁସାରେ ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ଆମର ୧୦ ରୁ ୧୫ ହଜାର ଭୋଟ ଅଛି। ଯଦି ଏନ୍‌ଡିଏ ମେଣ୍ଟ ମୋତେ ୧୫ ରୁ ୨୦ ଆସନ ନ ଦିଏ, ତେବେ ଆମେ ୫୦ ରୁ ୧୦୦ ଆସନରେ ଏକା ଲଢ଼ିବୁ। ସେହି ଅନୁସାରେ ଦଳ ମୋଟ୍ ଭୋଟରୁ ୬% ପାଇପାରିବ। ଏହା ପରେ ହାମ୍‌କୁ ଜାତୀୟ ଦଳର ମାନ୍ୟତା ମିଳିବ।

# ନୂଆପଡ଼ାରେ ପୁଅ ଜିଉଁନ୍ତିଆ ପର୍ବ



**ନୂଆପଡ଼ା, ୧୪।୯ (ସମିସ):** ପଶ୍ଚିମ ଓଡ଼ିଶାର ପୁଅ ଜିଉଁନ୍ତିଆ ପର୍ବ ନୂଆପଡ଼ା ସହରରେ ମଧ୍ୟ ବିଭିନ୍ନ ସ୍ଥାନରେ ପାଳନ କରାଯାଉଛି।ଜିଲ୍ଲା ସଦର ମହାକୁମାରେ ମନ୍ଦୀରପଡ଼ାରବାସିନ୍ଦା ପଣ୍ଡା ପରିବାର ପକ୍ଷରୁ ଆଜକୁ ପ୍ରାୟ ୮୦ ବର୍ଷ ହେବ ପୁଅ ଜିଉଁନ୍ତିଆ ପର୍ବ ପାଳନ କରାଯାଉଛି।ଏହି ଅଞ୍ଚଳରେ ପ୍ରାୟ ଛତିଶଗଡ଼ି ଭାଷାଭାଷୀ ପରିବାର ବସବାସ କରୁଥିବା ସତ୍ତ୍ୱେ ସ୍ୱର୍ଗୀୟ ହିରାବତୀ ପଣ୍ଡା ସହରରେ ପ୍ରଥମ କରି ସାମୂହିକ ଭାବରେ ଉଭୟ ପୁଅ ଜିଉଁନ୍ତିଆ ଓ ଭାଇ ଜିଉଁନ୍ତିଆ ପର୍ବ ଆୟୋଜନ କରିବାର ମୁଖ୍ୟ ଭୂମିକା ତୁଲାଇଥିଲେ। ସେ ସମୟରୁ ଏହି ପରିବାର ସେ ପ୍ରଥାକୁ ଆଜି ବି ଉଜ୍ଜୀବିତ ରଖିଛି। ବିଧି ଅନୁଯାୟୀ ସକାଳୁ ମା'ମାନେ ନିର୍ଜଳା ଉପବାସ କରି ସନ୍ଧ୍ୟାରେ ପୋଖରୀ ତୁଠରେ ବାଲୁକା ପିଠ ତିଆରି କରି କାକୁଡିକୁ ଚକି ଚକି କାଟି ତାକୁ ଅପାମାର୍ଗ ବା ରେଙ୍ଗାଳ ବାଡ଼ିରେ ସେହି ବାଲୁକା ଉପରେ ସ୍ଥାପନ କରନ୍ତି। ପରେ ନିଜ ନିଜ ଘରକୁ ଫେରି ନୂଆବସ୍ତ୍ର ପରିଧାନ କରନ୍ତି ଓ ପୂଜା ସ୍ଥାନ ଯେଉଁଟା ଘରବାହାରେ କୋଠି କାଟି କରାଯାଏ ସେଠି ଉପସ୍ଥିତ ରହନ୍ତି। ପଣ୍ଡିତଙ୍କ ଦ୍ୱାରା ଦୁତୀବାହନ ଓଷା କଥା ପଠନ କରାଯାଏ।ପୂଜା ଶେଷରେ ସମସ୍ତେ ଜୁହାର ଭେଟ ହୁଅନ୍ତି।ପର ଦିନ ମା'ମାନେ ସକାଳୁ ଉଠି ନିଜ ପୁଅ ଝିଅଙ୍କୁ ଦୁବ ଚାଉଳରେ ବନ୍ଦନା କରନ୍ତି ଓ ଯଥାଶକ୍ତି ଉପହାର ଭେଟି ଦିଅନ୍ତି ଓ ସେମାନଙ୍କ ଦୀର୍ଘାୟୁ ନିରାମୟ କାମନା କରିବା ସହ ଉପବାସ ଭଙ୍ଗ କରନ୍ତି।

# ଯୁବକଙ୍କୁ ପାଇପ୍‌ରେ ଆକ୍ରମଣ କରି ଲୁଟ୍

**କଣ୍ଟାବାଞ୍ଜି, ୧୪।୯ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ଟଟୁଅନକା ନିକଟରେ ରବିବାର ରାତି ୯ରେ ଡକାୟତି ହୋଇଛି। ଚାଲି ଚାଲି ଯାଉଥିବା ଜଣେ ବ୍ୟକ୍ତି ଏହି ଡକାୟତିର ଶିକାର ହୋଇଛନ୍ତି। ଜଣେ ଦୁର୍ବୃତ୍ତ ତାଙ୍କଠାରୁ ୮୦ ହଜାର ଟଙ୍କା ଓ ମୋବାଇଲ ଫୋନ୍ ଛଡ଼ାଇ ନେଇ ପଳାଇଥିଲେ। ତୁରେକେଲାର ରମାକାନ୍ତ ସାହୁ (୪୫) ନାମକ ଏହି ଯୁବକ ଜଣକ ଚାଲି ଚାଲି କଣ୍ଟାବାଞ୍ଜିରୁ କୁର୍ଲି ଅଭିମୁଖେ ଯାଉଥିଲେ। ଟଟୁଅନକା ସ୍କୁଲ ନିକଟରେ ସମ୍ପୃକ୍ତ ଦୁର୍ବୃତ୍ତ ରମାକାନ୍ତଙ୍କୁ ଲୁହା ପାଇପ୍‌ରେ ଆକ୍ରମଣ କରି ଲୁଟ୍‌ପାଟ୍ କରିଥିଲା। ସେ ଗୁରୁତର ଅବସ୍ଥାରେ ରାସ୍ତା କଡରେ ପଡ଼ିଥିଲାବେଳେ ଲୋକେ ଉଦ୍ଧାର କରି ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନା ନେଇଥିଲେ। ସେଠାରୁ ତାଙ୍କୁ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

**କୋମନା, ୧୪।୯ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ କୁରୁମପୁରୀସ୍ଥିତ ଶ୍ରୀସାଇ କଲେଜରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ.ଅଶୋକ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ବିପିଟି କଲେଜ ନୂଆପଡ଼ାର ଅଧ୍ୟକ୍ଷ ଡ. ଅଭିନାଶ ତିୱାରୀ ମୁଖ୍ୟ ଅତିଥି, ଯୁବ ରେଡ୍‌କ୍ରସ କାଉନସେଲର ଭାଗିରଥି ଭୋଇ ଓ ତପସ୍ୱୀନୀ ନାଥ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରାଥମିକ ଚିକିତ୍ସା ଉପରେ ଡ. ତିୱାରୀ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ପ୍ରାଥମିକ ଚିକିତ୍ସାରେ ଛାତ୍ରଛାତ୍ରୀଙ୍କ ଭୂମିକା ଉପରେ ଅଧ୍ୟକ୍ଷ ପଟ୍ଟନାୟକ ଆଲୋକପାତ କରିଥିଲେ।ଓଡିଆ ଅଧ୍ୟାପିକା ପ୍ରିୟମ୍ବଦା ବିଶି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜୀବ ବିଜ୍ଞାନ ଅଧ୍ୟାପିକା ସିପ୍ରା ଗୁଆ, ରସାୟନ ବିଜ୍ଞାନ ଅଧ୍ୟାପିକା ଅପସିତା ମଣ୍ଡଳ ସହଯୋଗ କରିଥିଲେ।କଲେଜର ଶତାଧିକ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ।

# ରାଉରକେଲାର ଗୌରବ ଆଶା ମୁଣ୍ଡାରୀଙ୍କୁ ସମ୍ବର୍ଦ୍ଧନା



**ରାଉରକେଲା, ୧୪।୯ (ସମିସ):** ରାଉରକେଲାର ଗର୍ବ ଓ ଗୌରବ ଆଶା ମୁଣ୍ଡାରୀଙ୍କୁ ଚନ୍ଦ୍ରଶେଖର କ୍ରୀଡ଼ା ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କ୍ରମରେ ସେକ୍ଟର -୬ ବସ୍ତିଆ ଭବନଠାରେ ସଂଗଠନର ଅଧ୍ୟକ୍ଷ, ପୂର୍ବତନ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ତଥା ରାଜ୍ୟ ଆଇଏନ୍‌ଟିୟୁସିର ସଭାପତି ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ବିଜୁ ପଟ୍ଟନାୟକ ଖେଳରତ୍ନ ବିଜେତା ବିଶିଷ୍ଟ ଆଥଲେଟ୍ ପଞ୍ଚାନନ ଗନ୍ତାୟତ, ବରିଷ୍ଠ ଭଲିବଲ କୋଚ୍ ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଚନ୍ଦ୍ରଶେଖର କ୍ରୀଡ଼ା ସଂଗଠନର ସାଧାରଣ ସମ୍ପାଦକ ଦେବଦତ୍ତ ଜେନା, ବସ୍ତିଆ ମେମୋରିଆଲ ଟ୍ରଷ୍ଟର ନିର୍ଦ୍ଦେଶକ ଗୌତମ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସଂଗଠନର ସଂଯୋଜକ ସଞ୍ଜୀବ କୁମାର ନାୟକ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ସଂଗଠନ ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ ଓ ମୁଖ୍ୟ ଅତିଥି ପ୍ରଶାନ୍ତ ବେହେରା ଆଶାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଶା ମୁଣ୍ଡାରୀଙ୍କୁ ୨୦ ହଜାର ଟଙ୍କାର ଆର୍ଥିକ ସହଯୋଗ ଶ୍ରୀ ବେହେରା ପ୍ରଦାନ କରିଥିଲେ। ସେହିପରି ଆରଏସ୍‌ପି ଅଗ୍ନିଶମ ବିଭାଗର ବିରେନ୍ଦ୍ର ସ୍ୱାଇଁ ଓ ତାଙ୍କ ଭଲିବଲ ଟିମ୍ ପକ୍ଷରୁ ୫ ହଜାର ଟଙ୍କା, କଳିଙ୍ଗ ସ୍ପୋର୍ଟସ ଫେଡେରେସନର ପଦ୍ମନ ମହାପାତ୍ର ୨ ହଜାର ଟଙ୍କା ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ବରିଷ୍ଠ ଫୁଟବଲ କୋଚ୍ ସଞ୍ଜୟ ବେବୁଟା ଆଶାଙ୍କୁ ଏକ ଟି-ସାର୍ଟ ପ୍ରଦାନ କରିଥିଲେ। ରାଉରକେଲାର ସମସ୍ତ ବରିଷ୍ଠ ପ୍ରଶିକ୍ଷକ, କୋଚ୍, ବରିଷ୍ଠ ଓ କନିଷ୍ଠ କ୍ରୀଡ଼ାବିତ ସମେତ କ୍ରୀଡ଼ା ପ୍ରେମୀ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

# ଜୁନାଗଡ଼ ଅଧିଷ୍ଠାତ୍ରୀଦେବୀ ଲଙ୍କେଶ୍ୱରୀଙ୍କ ପ୍ରସିଦ୍ଧ ଖଣ୍ଡାବସା ପର୍ବ

**ଜୁନାଗଡ଼, ୧୪।୯ (ସମିସ)**

ଜୁନାଗଡ଼ ଐତିହାସିକ ଖଣ୍ଡାବସା ଯାତ୍ରା ସମାରୋହରେ ପାଳିତ ହୋଇଯାଇଛି।ଅଶ୍ୱିନୀ ମୂଳାଷ୍ଟମୀରେ ଖଣ୍ଡାବସା ଯାତ୍ରା ପାଳନ କରାଯାଏ। ମନ୍ଦିର ଭିତରେ ଦେବୀଙ୍କର ପ୍ରତିମା ସମ୍ମୁଖରେ୨ଟି ପାଟଖଣ୍ଡାକୁ ଚାଉଳ ପୁଞ୍ଜିରେ ବସାଯାଏ (ସ୍ଥାପନ କରାଯାଏ)। ତେଣୁ ଏହି ପର୍ବର ନାମ ଖଣ୍ଡାବସା। ଏହି ଚାଉଳ ସମୂହ ଅକ୍ଷୂର୍ଣ୍ଣ ଓ ଅଭଙ୍ଗା। କଳାହାଣ୍ଡି ମହାରାଜା ଏହାର ମୁଖ୍ୟ ପୁରୋଧା। ମହାରାଜଙ୍କୁ ଘୁମୁରା ବାଦ୍ୟ ସହ ବିଭିନ୍ନ ବାଦ୍ୟବାଜଣା ବଜାଇ ଡାକବଙ୍ଗଳାକୁ ପାଛୋଟି ଅଣାଯାଏ। ଦେବୀଙ୍କ ମନ୍ଦିରରୁ ପୂଜକ ପାଟଖଣ୍ଡା ଓ ସଙ୍କୁଆରୀ ଅନ୍ୟ ଏକ ଖଣ୍ଡାଧରି ଡାକବଙ୍ଗଳାକୁ ଯାଇଥାଆନ୍ତି। ତାଙ୍କ ସହିତ ଘୁମୁରା, ଢୋଲ, ନିଶାନ, ମହୁରୀ ଓ ବିଭିନ୍ନ ଲୋକନୃତ୍ୟ ସାମିଲ ହୋଇଥାନ୍ତି। ଡାକବଙ୍ଗଳା ପ୍ରାଙ୍ଗଣରେ ଖଣ୍ଡା ଦ୍ୱୟକୁ ମାର୍ଜନା ପରେ ପୂଜା କରାଯାଏ। ପାଟଖଣ୍ଡାକୁ ମନ୍ଦାରଫୁଲରେ ସଜ୍ଜିତ କରାଯାଏ। ବାହୁକ ନୂତନ ବସ୍ତ୍ର ପରିଧାନ କରି ଦେବୀଙ୍କ ପାଟଖଣ୍ଡାର ସମ୍ମୁଖ ଭାବରେ ଥାଇ ମୁଖରେ ହାତ ଧାରି ଭୟଙ୍କର ଶବ୍ଦରେ ପାଟଖଣ୍ଡାରେ ଧାରେ ଧାରେ ବାଟ କଢାଇ ନିଅନ୍ତି।ମାନସିକ ଧାରୀଙ୍କ ବୋଦାବଳି ଦେଇଛନ୍ତି ପରେ ଦେବୀଙ୍କ ଆଳତୀ ଦର୍ଶନ କାର୍ଯ୍ୟ ସମ୍ପନ୍ନ ପରେ ଚାରିଦିଗ ଦେବତା ଓ ଭୈରବ ଦେବତାଙ୍କ ପୂଜା କରାଯାଏ।ଏହାପରେ ବୁଢାରଜା ଦେବତାଙ୍କ ପୂଜା କରାଯାଏ।ଖଣ୍ଡାବସା ଅବସରରେ ସମସ୍ତ ପାର୍ଶ୍ୱ ଦେବାଦେବୀଙ୍କ ମଧ୍ୟ ପୂଜା ଆରାଧନା ହୁଏ।ମୁଖ୍ୟତଃ ଦେବୀଙ୍କର ପ୍ରିୟବାଦ୍ୟ ଘୁମୁରା ପ୍ରତିଯୋଗିତାରେ କମ୍ପି ଉଠେ ସହର। ତତ୍‌ସହ ସୁଆଙ୍ଗ, ଗୀତିନାଟ୍ୟ, କୀର୍ତ୍ତନ ପ୍ରଦର୍ଶନର ସୁବ୍ୟବସ୍ଥା ରହିଥାଏ। ଅଗଣିତ ଦର୍ଶକ ଦେବୀଙ୍କ ଯାତ୍ରା ଉପଭୋଗ କରିବା ସହ ଆଶୀର୍ବାଦ କାମନା କରିଥାନ୍ତି। ପାଟଖଣ୍ଡା ମନ୍ଦିର ଦ୍ୱାରଦେଶରେ ଉପନୀତ ହେଲେ, ପୂଜକ ପୂଜାର୍ଚ୍ଚନା କରି ଖଣ୍ଡା ଓ ମହାରାଜାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରି ମନ୍ଦିର ଭିତରକୁ ପାଛୋଟି ନେଇଥାନ୍ତି। ମହାରାଜା ମନ୍ଦିର ଭିତରେ ପ୍ରବେଶ କରନ୍ତି। ପୂଜା ନିମିତ୍ତ ଷୋଡ଼ସ କଳସ ସ୍ଥାପନ କରାଯାଇଥାଏ ଓ ପଣ୍ଡିତଙ୍କୁ ବରଣ କରାଯାଇଥାଏ। ଦେବୀଙ୍କ ଖଣ୍ଡା ଦ୍ୱୟକୁ ଦକ୍ଷିଣ ଓ ବାମ ପାର୍ଶ୍ୱରେ ସଜ୍ଜିତ କରାଯାଇଥିବା ଚାଉଳର ପୁଞ୍ଜିରେ ଶୁଭ ଲଗ୍ନରେ ବସାଇ ଦିଅନ୍ତି (ସ୍ଥାପନ କରନ୍ତି)। ଏହାପରେ ପୂଜାର୍ଚ୍ଚନା ଆରମ୍ଭ କରାଯାଏ। ଶୁଦ୍ଧପୁତ ସହକାରେ ଗାୟତ୍ରୀ ମନ୍ତ୍ରରେ ପୂଜାର୍ଚ୍ଚନା କରାଯାଏ। ପୂଜାର୍ଚ୍ଚନା ପରେ ପୁଷ୍ପାଞ୍ଜଳୀ ହୁଏ। ପରେ ନୈବେଦ୍ୟ ଅର୍ପଣ କରାଯାଏ। ପୂଝାରୀ ପାଟଗଡ଼ରା ପଶୁ ଓ ମହାପଶୁ (ପୋଢ)ଙ୍କୁ ମନ୍ତ୍ର ଉଚ୍ଚାରଣ ପୂର୍ବକ ପ୍ରୋକ୍ଷଣ କରାଯାଏ ଓ ବଳି ଦିଆଯାଏ। ତାପ୍ରେ ମହାରାଜା ଖଣ୍ଡାବସ୍ଥା ଦିନ ଉପବାସ ରହି ନୂତନବସ୍ତ୍ର ପରିଧାନ କରିଥାନ୍ତି।ନିଜ ଗଡ଼ ଓ ପ୍ରଜାଙ୍କ ମଙ୍ଗଳ ନିମିତ୍ତ ମା'ଙ୍କ ପାଦପଦ୍ମରେ ଶରଣାଗତ ହୋଇଥାନ୍ତି।ମାଁ ଲକେଶ୍ୱରୀଙ୍କ ଦେବାଦେବୀଙ୍କ ପୂଜାତ୍ସବ ମୂଳାଷ୍ଟମୀରୁ ଆରମ୍ଭ ହୋଇ ମହାଷ୍ଟମୀ ପର୍ଯ୍ୟନ୍ତ ଭକ୍ତିପୂତ ଭାବରେ, ଆଡ଼ମ୍ବର ସହକାରେ ତଥା ରୀତିନୀତି ଅନୁସାରେ ଚାଲୁରହେ। ଖଣ୍ଡାବସା ମାଆଙ୍କ ଉଦ୍‌ଘାଟନୀ ଓ ଦଶହରାର ମହାଷ୍ଟମୀ ଉଦ୍‌ଯାପନୀ ଉତ୍ସବ। ଦୁଇ ଗୋଟି ପାଟ ଖଣ୍ଡା ଓ ବୁଢା ରାଜା ମନ୍ଦିରରୁ ବୁଢା ରାଜାଙ୍କ ଖଣ୍ଡା ପୁଝାରୀଙ୍କ ଦ୍ୱାରା ବାହାରି ଜୁନାଗଡ଼ ଡାକ ବଙ୍ଗଳାସ୍ଥିତ ଅସ୍ଥାୟୀ କୁଟୀରରେ ମାଁ ଲଙ୍କେଶ୍ୱରୀଙ୍କ ସ୍ୱର୍ଣ୍ଣକାର ବାଳ କୃଷ୍ଣ ଆଚାରି ପାଟ ଖଣ୍ଡା ଗୁଡିକୁ ମାର୍ଜନା କରିଥିଲେ।ମାର୍ଜନା ପରେ ପୁଣି ମା'ଲଙ୍କେଶ୍ୱରୀ ପାଟ ଖଣ୍ଡା ଗୁଡିକୁ ମନ୍ଦିରକୁ ପୂଜକଙ୍କ ସହ ବିଶାଳ ପଟୁଆରରେ ବୀର ବାଦ୍ୟ ଘୁମୁରା, ଶଙ୍ଖ, ଘଣ୍ଟ ତାଳେ ତାଳେ ପ୍ରବେଶ କରିଥିଲେ। ଏହା ପରେ କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ଦେଓ ମନ୍ଦିରକୁ ଆସି ଷୋଡଶ କଳସ ସ୍ଥାପନ ପୂର୍ବକ ପଣ୍ଡିତ ମାନଙ୍କୁ ଯଥା ଯୋଗ୍ୟ ବରଣ କରିଥିଲେ।ଏହା ପରେ ମହାରାଜ ଅନନ୍ତ ପ୍ରତାପ ଦେଓ ପାଟ ଖଣ୍ଡା ଗୁଡିକୁ ପୂଜାର୍ଚ୍ଚନା ପୂର୍ବକ ଦେବୀଙ୍କ ପାର୍ଶ୍ୱରେ ଚାଉଳ ପୁଞ୍ଜି ଉପରେ ସ୍ଥାପନ କରିଥିଲେ। ସୁବର୍ଣ୍ଣ ବିମଣ୍ଡିତ, ଲୋହିତ ମନ୍ଦାର ମାଳା ଓ ଲୋହିତ ପାଟ ବସ୍ତ୍ର ରେ ଶିଶୋଭିତ। ମା' ଲଙ୍କେଶ୍ୱରୀ ଦେବୀଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ।ମା'ଲଙ୍କେଶ୍ୱରୀଙ୍କ ଖଣ୍ଡା ବସା ଯାତ୍ରା ଅବସରରେ ଫୁଟବଲ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଲଙ୍କେଶ୍ୱରୀ ପ୍ରାଙ୍ଗଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ଡ୍ୟାନ୍ସ, ଘୁମୁରା ଆଦି ଆୟୋଜନ କରାଯାଇଥିଲା। ଏ ଖଣ୍ଡା ବସାରେ ମହାକାଳେଶ୍ୱର ୟୁଥ କ୍ଲବ୍ ପକ୍ଷ୍ୟରୁ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଜୁନାଗଡ଼ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।



# ଗଭୀର ନଳକୂପ ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ

**ରାଉରକେଲା, ୧୪।୯ (ସମିସ):** ରାଉରକେଲା ଶ୍ରମିକ ସେବା ଟ୍ରଷ୍ଟ ତରଫରୁ ତା'ର କାର୍ଯ୍ୟାଳୟ ସ୍ଥାନୀୟ ସେକ୍ଟର - ୧୭ ବି/୧ ସମ୍ମୁଖରେ ପ୍ରତିଷ୍ଠା କରାଯାଇଥିବା ଏକ ଗଭୀର ନଳକୂପ ପାନୀୟ ଜଳ ପ୍ରକଳ୍ପକୁ ଆଜି ରାଉରକେଲା ଇସ୍ପାତ କାରଖାନାର ନିର୍ବାହୀ ନିର୍ଦ୍ଦେଶକ ( ମାନବ ସମ୍ବଳ ) ତରୁଣ ମିଶ୍ର ଲୋକାର୍ପଣ କରିଛନ୍ତି। ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବେ ଗାଙ୍ଗପୁର ମଜଦୂର ମଞ୍ଚର ସଭାପତି ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଏବଂ ମୁଖ୍ୟବକ୍ତା ଭାବେ ବୀରମିତ୍ରପୁର ବିଧାୟକ ତଥା ଗାଙ୍ଗପୁର ମଜଦୂର ମଞ୍ଚର କାର୍ଯ୍ୟକାରୀ ସଭାପତି ରୋହିତ ଯୋଶେଫ୍ ତିର୍କି ଉପସ୍ଥିତ ଥିଲେ। ରାଉରକେଲା ଇସ୍ପାତ ସହରାଞ୍ଚଳର ଅଧିବାସୀମାନଙ୍କୁ ସ୍ୱଚ୍ଛ ଜଳ ପ୍ରଦାନ କରିବା ଟ୍ରଷ୍ଟର ଏକମାତ୍ର ଲକ୍ଷ୍ୟ ବୋଲି ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀ ବେହେରା ସୂଚନା ଦେଇଥିଲେ। ଏହି ଲୋକାର୍ପଣ ଉତ୍ସବରେ ରାଉରକେଲା ଇସ୍ପାତ କାରଖାନାର ଅନେକ



ବରିଷ୍ଠ ଅଧିକାରୀ, ରାଉରକେଲା ଶ୍ରମିକ ସଂଘର ସମସ୍ତ କର୍ମକର୍ତ୍ତା, ରାଉରକେଲାର ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ଗାଙ୍ଗପୁର ମଜଦୂର ମଞ୍ଚର କର୍ମକର୍ତ୍ତା, ରାଉରକେଲା ଶ୍ରମିକ ସେବା ଟ୍ରଷ୍ଟର ସମସ୍ତ ମେମ୍ବରଙ୍କ ସମେତ ଶତାଧିକ ସ୍ଥାନୀୟ ଜନସାଧାରଣ ଯୋଗଦାନ କରିଥିଲେ। ରାଉରକେଲା ଶ୍ରମିକ ସେବା ଟ୍ରଷ୍ଟର ସମ୍ପାଦକ ଚକ୍ରଧର ପ୍ରଧାନ, ରମାକାନ୍ତ ପରିଡ଼ା, ନିହାର ଦାସ, ବୀରକିଶୋର ଶେଖରଦେଓ, ରଘୁନାଥ ଭୁକ୍ତା, ରଘୁନାଥ ପ୍ରଧାନ, ସରୋଜ ଲେଙ୍କା, ସୁକାନ୍ତ କୁମାର ପାଠୀ, ସତ୍ୟ ସାହୁ, ଆଲୋକ କୁମାର ବେହେରା, କେଶବ ପ୍ରଧାନ, ଏସ୍‌କେ ଖୁଣ୍ଟିଆ, ଅକ୍ଷୟ ବେହେରା, ଗୌରାଙ୍ଗ ସେଠୀ, ଜନ୍ମେଜୟ ରାଉତରାୟ, ନିହାର ସାମଲ, ତୁଷାର ସାହୁ, ଦିଲୀପ ମଲ୍ଲିକ, ସରୋଜ ସ୍ୱାଇଁ, ସରୋଜ ମିଶ୍ର, ପ୍ରମୁଖ ସହଯୋଗ କରିଥିଲେ।

## ବାକ୍ସରେ ଛାତ୍ରଙ୍କୁ ପୁରାଇବା ଘଟଣା

# ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଙ୍କୁ ହଟାଗଲା

**ବଣାଇଁ, ୧୪।୯ (ସମିସ):** ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ଅଧୀନ ଜରଡ଼ା ସରକାରୀ ନୋଡାଲ ହାଇସ୍କୁଲରେ ହଷ୍ଟେଲ ରହୁଥିବା ତୃତୀୟ ଶ୍ରେଣୀ ଛାତ୍ର ସ୍ୱସ୍ତିକ କିସାନ ଏକ ବାକ୍ସରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହେବା ଘଟଣାରେ ପୁଲିସ ଓ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଛାତ୍ରାବାସ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଙ୍କୁ ପଦରୁ ବିଦା କରିଛନ୍ତି। ଗତକାଲି ବଣାଇଁ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ, ବିଡିଓ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ଗତକାଲି ବିଦ୍ୟାଳୟର ପିଟିଏ କମିଟି ବୈଠକ ବସି ଛାତ୍ରାବାସ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ମୀନା କିଷାନଙ୍କୁ ଦାୟିତ୍ୱରୁ ଅପସାରିତ କରାଯାଇଛି ବୋଲି ପ୍ରଧାନ ଶିକ୍ଷାକ ସୂଚନା ଦେଇଛନ୍ତି। ଶିକ୍ଷୟିତ୍ରୀ ଜଣକ ବିଦ୍ୟାଳୟରେ ନରହି କୁଚିଣ୍ଡାରୁ ଯିବା ଆସିବା କରିଥାନ୍ତି ବୋଲି ଜଣାପଡ଼ିଛି। ଏଣିକି ଆଉ ଜଣେ ନୁହେଁ ସମସ୍ତ ଶିକ୍ଷକ ରୋଷ୍ଟର କ୍ରମରେ ଛାତ୍ରାବାସ ଦାୟିତ୍ୱ ତୁଲାଇବେ ବୋଲି ପ୍ରଧାନଶିକ୍ଷକ ଗଙ୍ଗାଧର ସେଠ୍ ସୂଚନା ଦେଇଛନ୍ତି। ଗୁରୁଣ୍ଡିଆ ପୁଲିସ ମଧ୍ୟ ଗତକାଲି ରାତିରେ ବିଦ୍ୟାଳୟରେ ପହଞ୍ଚି ଖୋଳତାଡ଼ କରିଥିଲେ।

# ପରିବେଶ ସମ୍ବନ୍ଧୀୟ 'ନୈତିକ ମୂଲ୍ୟବୋଧ' ଶୀର୍ଷକ ଆଲୋଚନାଚକ୍ର

**ରାଉରକେଲା, ୧୪।୯ (ସମିସ):** ସ୍ଥାନୀୟ ସେକ୍ଟର - ୨୨ସ୍ଥିତ ପ୍ରଗତି ପବ୍ଲିକ ସ୍କୁଲରେ ରାଉରକେଲା ଆସୋସିଏସନ୍ ଫର୍ ବାୟୋଜେନେସିସ ଅଫ ସାଇନ୍ସ ଆଣ୍ଡ ସ୍ପିରିଚୁଆଲିଟି (ରାବ୍ସ) ଏବଂ ବିଦ୍ୟାଳୟର ମିଳିତ ସହଯୋଗରେ 'ପରିବେଶ ସମ୍ବନ୍ଧୀୟ ନୈତିକ ମୂଲ୍ୟବୋଧ' ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ କଲ୍ୟାଣୀ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସେନଟିଜିମ ଉପରେ ବିଶେଷ ଧ୍ୟାନ ଦେଇଥିଲେ। ସେହିଭଳି ରାବ୍ସର କୋଷାଧ୍ୟକ୍ଷ ଶରତ ପାଣିଗ୍ରାହୀ ତାଙ୍କର ଅଭିଭାଷଣରେ ଚିପକୋ ଆନ୍ଦୋଳନ, ନର୍ମଦା ବଚାଓ ଭଳି ଉଲ୍ଲେଖନୀୟ ଘଟଣାବଳୀର ଉଦାହରଣ ଦେଇ କହିଲେଯେ, ପରିବେଶକୁ ନୀତିଗତ ଭାବରେ ରକ୍ଷାକରି ଜୀବନକୁ ବଞ୍ଚାଇବା ମାନବୀୟ କର୍ତ୍ତବ୍ୟ। ରାବ୍ସର ସାଧାରଣ ସମ୍ପାଦକ ଡଃ ପୂର୍ଣ୍ଣ ପ୍ରଧାନ ବିବର୍ତ୍ତନ ମାଧ୍ୟମରେ ପରିବେଶ ସହିତ ସହଯୋଗ ଓ ସଂଗତି କିଭଳି ଜୀବନକୁ



ସଭାରେ ରାଉରକେଲା ଇସ୍ପାତ କାରଖାନାର ପୂର୍ବତନ ଜେନେରାଲ ମ୍ୟାନେଜର ଇଂ ଅଜିତ ମୋହନ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଲେ ଯେ, ପରିବେଶ ନୀତିଶାସ୍ତ୍ର ମାନବ ସମାଜର ନୈତିକ ଦାୟିତ୍ୱକୁ ସମଗ୍ର ପରିସ୍ଥିତିକୀୟ ବ୍ୟବସ୍ଥାର ସ୍ଥିରତା ପ୍ରତି ବ୍ୟାଖ୍ୟା କରେ। ରାବ୍ସର ସଭାପତି ପ୍ରଜାପତି ଷଡ଼ଙ୍ଗୀ ପାର୍ଥିବ ଜିନିଷ ପ୍ରତି ଅନିୟନ୍ତ୍ରିତ ଆଗ୍ରହ ଏବଂ ବିଶ୍ୱ ପରିବେଶ ଉପରେ ତାହାର ପ୍ରଭାବ ଉପରେ ନିଜର ମତ ଦେଇଥିଲେ। ରାବ୍ସର କାର୍ଯ୍ୟନିର୍ବାହୀ ସଭ୍ୟ ଡ. ଶ୍ୟାମ ପ୍ରସାଦ ସ୍ୱାଇଁ ତାଙ୍କର ବକ୍ତବ୍ୟରେ ଇକୋ କ୍ରିଟିସିଜମ, ଇକୋ ଫେମିନିଜମ, ଇକୋ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଆଡ଼କୁ ଆଗେଇ ନେଇଥାଏ, ତା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଜିତିଥିବା ପ୍ରତିଦ୍ୱନ୍ଦୀ ଛାତ୍ରଛାତ୍ରୀ ମାନଙ୍କର ସୁନ୍ଦର ଭାଷଣ ଦେଖିବାକୁ ମିଳିଥିଲା। ସେମାନଙ୍କ ମଧ୍ୟରେ ଥିଲେ ସପ୍ତମ ଶ୍ରେଣୀର ଅନିଷ୍କା ନାୟକ, ଆଶୁତୋଷ ସାମଲ, ନବମ ଶ୍ରେଣୀର ଆରୁଶି ନନ୍ଦ, ସାଇ ଲକ୍ଷ୍ମୀ ପ୍ରଧାନଗ, ତମନ୍ଆ ଦାସ ଓ ଦଶମ ଶ୍ରେଣୀର ଗୌତମ ନାୟକ। ତା'ପରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ସରିତା ଶର୍ମା ସଂଯୋଜନା କରିଥିବାବେଳେ ଶିକ୍ଷୟତ୍ରୀ ଲିଶା କରଣ ଧନ୍ୟବାଦ ଦେଇଥିଲେ।

# ଲାଞ୍ଜିଗଡ଼ ଅଞ୍ଚଳର ବିକାଶ ପାଇଁ ଉନ୍ନୟନ କମିଟି ଗଠିତ

**ଲାଞ୍ଜିଗଡ଼, ୧୪।୯ (ସମିସ):** ଲାଞ୍ଜିଗଡ଼ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଲାଞ୍ଜିଗଡ଼ ତଥା ପଡୋଶୀ ପଞ୍ଚାୟତର ଜନସାଧାରଣଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଲାଞ୍ଜିଗଡ଼ ରାଜା ସୁରେନ୍ଦ୍ର ପ୍ରତାପ ସିଂଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚନ୍ଦ୍ରଧ୍ୱଜ ପେଶନିଆ ସଭାର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଠାରେ ସ୍ଥାପନ କରିବା, ଲାଞ୍ଜିଗଡ଼କୁ ସରକାର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ଘୋଷଣା, ସରକାରଙ୍କ ଦ୍ୱାରା ଘୋଷିତ ଲାଞ୍ଜିଗଡ଼ ଆଇଟିଆଇ ପ୍ରତିଷ୍ଠା, ଲାଞ୍ଜିଗଡ଼ ଠାରେ ରେଜିଷ୍ଟର ଓ ଟ୍ରେଜରି ଅଫିସ୍ ପ୍ରତିଷ୍ଠା, ଲାଞ୍ଜିଗଡ଼ ଠାରେ ଅତିରିକ୍ତ ତହସିଲ ଅଫିସ ପ୍ରତିଷ୍ଠା, ବସ୍‌ଷ୍ଟାଣ୍ଡ ନିର୍ମାଣ, ଲାଞ୍ଜିଗଡ଼ ଠାରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନତିକରଣ କରିବା, ଲାଞ୍ଜିଗଡ଼ ସହରର ମୁଖ୍ୟ ରାସ୍ତା ସମ୍ପ୍ରସାରଣ ଇତ୍ୟାଦି ଉପରେ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିବା ଆଦି ରହିଥିଲା। ଏହି କାର୍ଯ୍ୟଗୁଡ଼ିକ ଆଗେଇ ନେବା ପାଇଁ ଏକ ଉନ୍ନୟନ ପରିଷଦ ଗଠନ କରିବା ଓ ତାର ନାମ କରଣ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ସର୍ବସମ୍ମତିକ୍ରମେ 'ଆଞ୍ଚଳିକ ଉନ୍ନୟନ ପରିଷଦ ଲାଞ୍ଜିଗଡ଼'ରଖାଯାଇଛି। ପରିଷଦକୁ ପରିଚାଳନା କରିବା ପାଇଁ ଏକ ଗର୍ଭର୍ଣ୍ଣିବଡି କମିଟି ଗଠନ ହୋଇଥିଲା ଗଭର୍ଣ୍ଣିବଡି ବୋର୍ଡ ଶ୍ରୀଧର ପେଶନିଆ ସଭାପତି, ରାଜେନ୍ଦ୍ର ପ୍ରତାପ ସିଂଦେଓ କାର୍ଯ୍ୟକାରୀ ସଭାପତି, ଶ୍ରୀମୁଖ ଅଗସ୍ତି ସାଧାରଣ ସମ୍ପାଦକ, ଅଶୋକ କୁମାର ପଟ୍ଟନାୟକ ସହ ସମ୍ପାଦକ, ଶିଶିର ପୁଝାରୀ ସହ ସମ୍ପାଦକ, ଭୂପେନ୍ଦ୍ର ମହରଥା ସହ ସମ୍ପାଦକ, ସୁବାସ ଅଗ୍ରୱାଲ କୋଷାଧ୍ୟକ୍ଷ, ସୁବାସ ଚନ୍ଦ୍ର ମହାପାତ୍ର ସହ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି।ସେହିପରି ଆବାହକ ସୁରେନ୍ଦ୍ର ପ୍ରତାପ ସିଂଦେଓ, ଚନ୍ଦ୍ରଧ୍ୱଜ ପେଶନିଆ ରହିଥିବା ବେଳେ ଆଇନ ପରାମର୍ଶଦାତା ସିଦ୍ଧାର୍ଥ ନାୟକ, ଆଇନଜିବୀ ଅନ୍ ୱାର ଭାରତୀ ରହିଛନ୍ତି।ଉପଦେଷ୍ଟା କମିଟିରେ ଲାଞ୍ଜିଗଡ଼ସରପଞ୍ଚ ସରସ୍ୱତୀ ମୁଣ୍ଡା, ବସନ୍ତପଡ଼ା ସରପଞ୍ଚ ଚାଞ୍ଚେର ମାଝୀ, ଛତ୍ରପୁର ସରପଞ୍ଚ ସୁଷମା ମାଝୀ, ଜଗନ୍ନାଥପୁର ସରପଞ୍ଚ ମୁଗୁନା ମାଝୀ, ବାତେଲିମା ସରପଞ୍ଚ କରୁଣା ମାଝୀ, ତ୍ରିଲୋଚନପୁର ସରପଞ୍ଚ ରହିଥିବା ବେଳେ କାମରାଜ ଦଳବେହେରା, ସେନାପତି ନାଏକ, ବିପିନ୍ ପଟ୍ଟନାୟକ, ଧାନ ମାଝୀ, ହରେକୃଷ୍ଣ ଯୋଷୀ, ତ୍ରିନାଥ ମହାଖୁଡ, ମିଡ଼ିଆ ସେଲ୍‌ଫ ପରିଚାଳନା କମିଟି ଭାବେ କ୍ଷମାନିଧି ମହାଖୁଡ଼, ଏମ୍. ଚନ୍ଦ୍ରଶେଖର, ମହେଶ୍ୱର ପତି ଅଛନ୍ତି।ଏହା ବ୍ୟତୀତ ଏକ କାର୍ଯ୍ୟନିର୍ବାହୀ କମିଟି ଗଠନ କରାଯାଇଥିଲା। ଆସନ୍ତା ବିଜୟୀ ଦଶମୀ ଓ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ କମିଟିକୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇ ଲାଞ୍ଜିଗଡ଼ ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟକରିବେ ବୋଲି ସର୍ବସମ୍ମତିକ୍ରମେ ସ୍ଥିର କରାଗଲା।ଶେଷରେ ପରିଷଦର ନୂତନ ସାଧାରଣ ସମ୍ପାଦକ ଶ୍ରୀମୁଖ ଅଗସ୍ତି ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

## ଜୋର୍ ଧରିଲା ମେଣ୍ଟା ଗ୍ରାମକୁ ବ୍ଲକ୍ ମାନ୍ୟତା ଦାବି

# କେନ୍ଦ୍ରମନ୍ତ୍ରୀ ଓ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



**ତରଭା, ୧୪।୯ (ସମିସ):** ତରଭା ବ୍ଲକ ଅଧୀନ ସର୍ବପୁରାତନ ଓ ସର୍ବବୃହତ ମେଣ୍ଟା ଗ୍ରାମକୁ ଏକ ବ୍ଲକ କରିବା ଦାବିନେଇ ମେଣ୍ଟା ଗ୍ରାମବାସୀ ଓ ଆଖପାଖରେ ଥିବା ପଞ୍ଚାୟତର ଏକ ପ୍ରତିନିଧି ମଣ୍ଡଳୀ ରବିବାର କେନ୍ଦ୍ର ଶିକ୍ଷମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ସମ୍ବଲପୁର ସ୍ଥିତ ବାସଭବନ ଓ ଓଡ଼ିଶାର ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାଏକଙ୍କୁ ସମ୍ବଲପୁର ସର୍କିଟହାଉସରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମେଣ୍ଟା ଗ୍ରାମବାସୀଙ୍କ ଦାବି ଯେ ମେଣ୍ଟାକୁ ଏକ ବ୍ଲକ କଲେ ଆଖପାଖ ଥିବା ଅଞ୍ଚଳର ବହୁ ପଞ୍ଚାୟତ ଯଥାପ ମେଣ୍ଟା, ଦେଉଳପଦର, ରାଣୀସଡା, ପୁଆ, ପାଇକବାହାଲ, ଜରା ଜାରିଙ୍ଗ, ଶିବତୁଳା, ନାରାୟଣପୁର, ଛକୋରମାଳ ପଞ୍ଚାୟତର ଜନସାଧାରଣ ଉପକୃତ ହୋଇ ପାରିବେ। ତାସହ ମେଣ୍ଟା ଅଞ୍ଚଳ ସାମଗ୍ରୀକ ଭାବରେ ମଧ୍ୟ ଉପକୃତ ହେବାସହ ଉନ୍ନତି ହୋଇପାରିବ। ରାଜା ରାଜୁଡା ଅମଳରୁ ମେଣ୍ଟା ଏକ ଗଡ଼ଜାତ, ଉନ୍ନତ ସଂସ୍କୃତି ସମ୍ପନ୍ନ ତଥା ଐତିହାସିକ ସ୍ଥାନ ରୂପେ ପରିଚିତି ରହିଛି। ମେଣ୍ଟାଗାଁଟି ବ୍ଲକ ହେବାପାଇଁ ସମସ୍ତ ପ୍ରକାର ଯୋଗ୍ୟତା ଥିବା ସହ ମେଣ୍ଟା ଅଞ୍ଚଳର ଅନେକ ଗାଁ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବାରୁ ଠିକ ହିସାବରେ ଉନ୍ନତି ହୋଇପାରିନଥିବା ସହ ଉପେକ୍ଷିତ ହୋଇଛି ପଡ଼ିରହିଛି। ମେଣ୍ଟା ଯଦି ବ୍ଲକରେ ପରିଣତ ହୁଏ ତାହେଲେ ସାରା ଅଞ୍ଚଳର ଉନ୍ନତି ହୋଇପାରିବ ବୋଲି ପ୍ରତିନଧି ମଣ୍ଡଳୀ ମତ ପ୍ରକାଶ କରିଛନ୍ତି। ଅଜିର ଏହି ପ୍ରତିନିଧି ମଣ୍ଡଳୀରେ ଭିକାରି ମେହେର, ମୁକୁନ୍ଦ ସାହୁ, ସାମ୍ବାଦିକ ନରୋତ୍ତମ ମଲ୍ଲିକ, ବିଭୁତି ଝାଙ୍କର, ଗୋପାଳ କର୍ମୀ, ଭୁବନାନନ୍ଦ ବାଦୀ, ଅଶୋକ ବିଶି, ପଦ୍ମନାଭ ମଲ୍ଲିକ, ନନ୍ଦକିଶୋର ଦଣ୍ଡସେନା, ପ୍ରବୀର ମେହେର ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଏସ୍କେଏଡି ଷ୍ଟାଇକର ରାଉରକେଲା ଚାମ୍ପିଅନ

**କୁତ୍ରା, ୧୪।୯ (ସମିସ)**

ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଲକ୍ଷ୍ମୀପୋଷଠାରେ ରବିବାର ସୁବାସ କ୍ଲବ୍ ପକ୍ଷରୁ ଆୟୋଜିତ ୩୩ତମ ପଞ୍ଚଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ସୁନ୍ଦରଗଡ଼ ଜିଲ୍ଲା ବିଜେପି ସଭାପତି ଗିରିଶ ଚନ୍ଦ୍ର ସାହୁ, ଜିଲ୍ଲା ଉପସଭାପତି ସୁରେନ୍ଦ୍ର ଦେହୁରୀ, କୁତ୍ରା ବ୍ଲକ ସାଂସଦ ପ୍ରତିନିଧି ଦେବେନ୍ଦ୍ର ସିଂହ, କୁତ୍ରା ବ୍ଲକ ପୂର୍ବତନ ସାଂସଦ ପ୍ରତିନିଧି ମହାରାଜ ମାଝୀ,




କୁତ୍ରା ମଣ୍ଡଳ ସଭାପତି ରାଜେଶ ଲାକ୍ରା, ଖତକୁରବାହଲ ମଣ୍ଡଳ ସଭାପତି ରମେଶ ସିଂ, ରାଜ୍ୟ ପରିଷଦ ସଭ୍ୟ ଜୁନାସ ଲୁଗୁନ, ପୂର୍ବତନ କୁତ୍ରା ମଣ୍ଡଳ ସଭାପତି ସଞ୍ଜୀବ ମହାନନ୍ଦିଆ, ପୂର୍ବତନ ଖତକୁରବାହଲ ମଣ୍ଡଳ ସଭାପତି ପ୍ରଫୁଲ୍ଲ ସିଂ ଓ ଜ୍ଞାନପାଲି ସମିତି ସଭ୍ୟ କର୍ଣ୍ଣଲାକ୍ରା ଯୋଗଦେଇ ଥିଲେ। ଅତିଥିମାନେ ଖେଳାଳିମାନଙ୍କୁ ଭାଇଚାରା ଓ ଶାନ୍ତିଶୃଙ୍ଖଳାର ସହିତ ଖେଳ ଖେଳିବାକୁ କହିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଏସ୍‌କେଏଡି ଷ୍ଟ୍ରାଇକର ରାଉରକେଲା ଚାମ୍ପିଅନ ହୋଇଥିବାବେଳେ ଆଲଣ୍ଡା ଦଳ ରନର୍ସଅପ ହୋଇଥିଲେ। ଉମେଶ ବ୍ରଦର ରାଉରକେଲା ତୃତୀୟ ସ୍ଥାନ ଓ ଲାଇନ ଦଳ ଚତୁର୍ଥସ୍ଥାନରେ ରହିଥିଲେ। ବିଜେତା ଦଳକୁ ନଗଦ ୫୦ହଜାର ସହିତ ଟ୍ରଫି, ରନର୍ସଅପ ଦଳକୁ ନଗଦ ୩୫ ହଜାର ଓ ଟ୍ରଫି, ତୃତୀୟ ଓ ଚତୁର୍ଥ ସ୍ଥାନରେ ଥିବା ଦଳକୁ ନଗଦ ୧୫ ହଜାର ଓ ଟ୍ରଫି କମିଟି ପକ୍ଷରୁ ପ୍ରଦାନ କରାଯାଇଥିଲା। କମିଟିର ସଦସ୍ୟମାନେ ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା କରିଥିବା ବେଳେ ୫ହଜରାରୁ ଊର୍ଦ୍ଧ୍ୱ ଦର୍ଶକ ଉକ୍ତ ଟୁର୍ଣ୍ଣାମେଣ୍ଟକୁ ଉପଭୋଗ କରିଥିଲେ।

ସକାଳ
THE SAKALA
www.sakalaepaper.com

## ଏସିଆ କପ୍: ୭ ୱିକେଟରେ ଭାରତର ଦମ୍‌ଦାର ବିଜୟ

# ଦୁବାଇରେ ଧୂଳି ଚାଟିଲା ପାକିସ୍ତାନ

ଦୁବାଇ,୧୪।୯ (ଏଜେନ୍ସି)

ବୋଲରଙ୍କ ଚମତ୍କାର ଓ ବ୍ୟାଟରଙ୍କ ବିସ୍ଫୋରକ ପ୍ରଦର୍ଶନ ବଳରେ ଏଠାରେ ରବିବାର ଅନୁଷ୍ଠିତ ଏସିଆ କପ୍ ଗ୍ରୁପ୍-ବି'ର ହାଇଭୋଲଟେଜ୍ ମ୍ୟାଚ୍‌ରେ ଭାରତ ତାହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୭ ୱିକେଟରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଭାରତୀୟ ସ୍ପିନର କୁଲଦୀପ ଯାଦବ ଓ ଅକ୍ଷର ପଟେଲ ମିଳିତଭାବେ ୫ଟି ଓ ଯଶପ୍ରୀତ୍ ବୁମ୍‌ରା ଆଉ ୨ଟି ୱିକେଟ ନେବା ଫଳରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ କରିଥିଲା ୧୨୭ ରନ୍। ଜବାବରେ ୧୨୮ ରନ୍‌ର ଲକ୍ଷ୍ୟକୁ ପିଛା କରି ଭାରତ ୧୫.୫ ଓଭରରେ ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଲା। ଦଳ ପକ୍ଷରୁ ଅଭିଷେକ ଶର୍ମା ୩୧, ତିଳକ ବର୍ମା ୩୧ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଅପରାଜିତ ୪୭ ରନ୍ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ୟୁଏଇକୁ ୯ ୱିକେଟରେ ହରାଇଥିବା ଭାରତ ଗ୍ରୁପ୍-ଏ'ରେ କ୍ରମାଗତ ଦ୍ୱିତୀୟ ବିଜୟ ସହ ପ୍ରଥମ ଦଳ ଭାବେ ସୁପର-୪'ରେ ପ୍ରବେଶ କରିଛି। ଆସନ୍ତା ୧୯ ତାରିଖରେ ଓମାନ ସହ ଭାରତ ତାହାର ଶେଷ ଗ୍ରୁପ୍ ଲିଗ୍ ମ୍ୟାଚ୍ ଖେଳିବ। ପାକିସ୍ତାନ ବିପକ୍ଷ ଆଜିର ମୁକାବିଲାରେ ୪ ଓଭର ବୋଲିଂ କରି ୧୮ ରନ୍‌ରେ ୩ଟି ୱିକେଟ ନେଇଥିବା ଭାରତର ବାମହାତୀ ସ୍ପିନର କୁଲଦୀପ ଯାଦବ ପୁଣିଥରେ ମ୍ୟାଚ୍ ବିଜେତା ସାବ୍ୟସ୍ତ ହୋଇଛନ୍ତି।

ଏଠାରେ ପାକିସ୍ତାନ ପ୍ରଦତ୍ତ ୧୨୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତୀୟ ବ୍ୟାଟର ଧୂଆଁଧାର ଆରମ୍ଭ କରିଥିଲେ। ବିଶେଷକରି ଅଭିଷେକ ଶର୍ମା ତାଙ୍କ ଟ୍ରେଡମାର୍କ ଷ୍ଟାଇଲ୍‌ରେ ବ୍ୟାଟିଂ କରିଥିଲେ। ସେ ୧୩ ବଲ୍‌ରେ ୪ଚୌକା ଓ ୨ଛକା ସହ ୩୧ ଓ ତିଳକ ବର୍ମା ୩୧ ବଲ୍‌ରେ ୩୧ ରନ୍ କରି ଆଉଟ ହୋଇଥିଲେ। ଶୁବମନ ଗିଲ୍ (୧୦)ଙ୍କୁ ବୋକା ବନାଇ ଆଉଟ କରିଥିଲେ। ଏହି ୩ଜଣ ଖେଳାଳିଙ୍କୁ ଆଉଟ କରିଥିଲେ ଯୁବ ଅଫ୍ ସ୍ପିନର ସାଏମ ଆୟୁବ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ (ଅପରାଜିତ ୪୧ରନ୍, ୩୭ ବଲ, ୫ ଚୌକା, ୧ଛକା) ଛକା ମାରି ଭାରତକୁ ଏହି ବିଜୟ ପ୍ରଦାନ କରିଥିଲେ।

ପୂର୍ବରୁ ପାକିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ପରେ ଭାରତୀୟ ବୋଲରଙ୍କୁ ମୁକାବିଲା କରି ନପାରି ଜଣଙ୍କ ପରେ ଜଣେ ଆଉଟ ହୋଇଥିଲେ। ଦଳ ୯ ୱିକେଟରେ ୧୨୭ ରନ୍ କରିଥିଲା। ଯୁବ ଓପନର ସାହିବଜାଦା ଫରହିନ୍ ସର୍ବାଧିକ ୪୦ ଓ ଫକର ଜମାନ ୧୭ ରନ୍ କରିଥିଲେ। କିନ୍ତୁ ଶେଷ ଭାଗରେ ସାହିନ ଆଫ୍ରିଦି ୧୬ ବଲ୍‌ରେ ୪ଛକା ସହ ଅପରାଜିତ ୩୩ ରନ୍ କରିବା ଫଳରେ ପାକିସ୍ତାନ ୧୦୦ ରନ୍ ଅତିକ୍ରମ କରିଥିଲା। ଭାରତ ପକ୍ଷରୁ ସ୍ପିନରମାନେ ୬ଟି ଓ ପେସ୍ ବୋଲର ୩ଟି ୱିକେଟ ପାଇଥିଲେ।



### ସଂକ୍ଷିପ୍ତ ସ୍କୋର

ପାକିସ୍ତାନ: ୧୨୭/୯, ୨୦ ଓଭର (ଫରହାନ- ୪୦, ଆଫ୍ରିଦୀ- ୩୩, ଫାଖର- ୧୭, କୁଲଦୀପ୍- ୩/୧୮, ଅକ୍ଷର- ୨/୧୮, ବୁମରା- ୨/୨୮)
ଭାରତ: ୧୩୧/୩, ୧୫.୫ ଓଭର (ଅଭିଷେକ- ୩୧, ସୂର୍ଯ୍ୟକୁମାର-୪୭, ତିଲକ- ୩୧, ଗିଲ୍- ୧୦, ଆୟୁବ- ୨/୧୯)

### ଫାଙ୍କା ପଡ଼ିଲା ଷ୍ଟାଡିୟମ୍

ଦୁବାଇ: ଏଠାରେ ଆଜି ଖେଳାଯାଇଥିବା ଭାରତ ଓ ପାକିସ୍ତାନ କ୍ରିକେଟ ମୁକାବିଲାରେ ଷ୍ଟାଡିୟମ୍ ଫାଙ୍କା ପଡ଼ିବାର ଦେଖାଯାଇଥିଲା। ଯେଉଁ ମ୍ୟାଚ୍ ଦେଖିବା ଲାଗି ଦୁଇ ଦେଶର ସମର୍ଥକଙ୍କ ସମେତ ବାହାର ଦେଶର ଦର୍ଶକ ଅପେକ୍ଷା କରିଥାନ୍ତି, ସେହି ମ୍ୟାଚ୍‌ରେ ୨୫,୦୦୦ କ୍ଷମତା ବିଶିଷ୍ଟ ଷ୍ଟାଡିୟମ୍ ଫାଙ୍କା ପଡ଼ିବା ନିଶ୍ଚିତ ଭାବେ ଏହି ମୁକାବିଲା ପ୍ରତି ଆକର୍ଷଣ କମିଯାଇଛି। ବିଶେଷକରି ପହଲଗାମ୍‌ରେ ଭାରତୀୟ ପର୍ଯ୍ୟଟକଙ୍କୁ ପାକିସ୍ତାନୀ ସନ୍ତ୍ରାସବାଦୀଙ୍କ ହତ୍ୟା, ଏହା ବିରୋଧରେ ଭାରତୀୟଙ୍କ କ୍ରୋଧ ଏହି ମ୍ୟାଚ୍ ପ୍ରତି ଆକୃଷ୍ଟ ନ ହେବାକୁ ସ୍ୱତଃସ୍ଫୂର୍ତ୍ତ ପ୍ରବର୍ତ୍ତାଇଛି। ମ୍ୟାଚ୍‌କୁ ବୟକଟ କରିବାକୁ ମୃତ ପର୍ଯ୍ୟଟକଙ୍କ ପରିବାରର ନିବେଦନ, ଷ୍ଟାଡିୟମ୍‌ରେ ଅହେତୁକ ଟିକଟ ବୃଦ୍ଧି (ପ୍ୟାକେଜ ସିଷ୍ଟମ) ମଧ୍ୟ ଦର୍ଶକଙ୍କୁ ଷ୍ଟାଡିୟମ୍‌ରୁ ମୁହଁ ଫେରାଇନେବାକୁ ଖୋରାକ ଯୋଗାଇଛି। ଭାରତ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ହୋଇଥିବାରୁ ଆର୍ôଥକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେବ। କେବଳ ଏହି ମ୍ୟାଚ୍ ନୁହେଁ ପ୍ୟାକେଜ ସିଷ୍ଟମ ଯୋଗୁଁ ଷ୍ଟାଡିୟମ୍‌ରେ ଦର୍ଶକଙ୍କ ଉପସ୍ଥିତି ଅତି ନଗଣ୍ୟ ହୋଇଛି। ଦର୍ଶକଙ୍କ ଅନୁପସ୍ଥିତି ସତ୍ତ୍ୱେ ଉଭୟ ଦେଶର ସମର୍ଥକ ଏହି ମ୍ୟାଚ୍‌କୁ ଟେଲିଭିଜନରେ ଉପଭୋଗ କରିଛନ୍ତି।

DP WORLD ASIA CUP
**ଆଜିର ମ୍ୟାଚ୍**
**ୟୁଏଇ-ଓମାନ୍**
ଭେନ୍ୟୁ : ଆବୁଧାବି
ଖେଳ ଆରମ୍ଭ : ସନ୍ଧ୍ୟା ୫.୩୦
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

■ ଓଡ଼ିଶା ପ୍ରୋ ଟି-୨୦ ଲିଗ୍

## ଟାଇଗର୍ସ-ପାନ୍ଥର୍ସ ଉଦ୍‌ଘାଟନୀ ମୁକାବିଲା

କଟକ,୧୪।୯(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏବଂ ଆରିଭା ସ୍ପୋର୍ଟସର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୭ରୁ କଟକ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ଖେଳାଯିବ। ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ନେତୃତ୍ୱାଧୀନ ଭୁବନେଶ୍ୱର ଟାଇଟନ୍ସ ଏବଂ ସ୍ୱସ୍ତିକ ସାମଲଙ୍କ ନେତୃତ୍ୱାଧୀନ କଟକ ପାନ୍ଥର୍ସ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ହେବ। ପ୍ରଥମ ଦିବସରେ ଗୋଟିଏ ମ୍ୟାଚ୍ ରହିଛି। ପରେ ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ୨ଟି ଲେଖାଏ ଲିଗ୍ ମ୍ୟାଚ୍ ଖେଳାଯିବ। ୨୫ ତାରିଖରେ ଦୁଇଟି ଯାକ ସେମିଫାଇନାଲ ମ୍ୟାଚ୍ ଏବଂ ୨୭ ତାରିଖରେ ଫାଇନାଲ ମୁକାବିଲା ହେବ ବୋଲି ଆଜି ଓସିଏ ପକ୍ଷରୁ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।


## ବିଜୟ ଦ୍ୱାରରେ କେନ୍ଦ୍ରାଞ୍ଚଳ

ବେଙ୍ଗାଲୁରୁ, ୧୪।୯ (ଏଜେନ୍ସି): କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଏଠାରେ ଚାଲିଥିବା ଦୁଲୀପ୍ ଟ୍ରଫି ଫାଇନାଲ ମୁକାବିଲା ଏକତରଫା ଭାବେ ଶେଷ ହେବା ଦ୍ୱାରରେ ପହଞ୍ଚିଛି। ସୋମବାର ମ୍ୟାଚ୍‌ର ଅନ୍ତିମ ତଥା ୫ମ ଦିବସ ହୋଇଥିବାବେଳେ କେନ୍ଦ୍ରାଞ୍ଚଳ ସାମ୍ନାରେ ବିଜୟ ଲକ୍ଷ୍ୟ ମାତ୍ର ୬୫ ରନ ରହିଛି। ତେଣୁ ୧୧ ବର୍ଷ ପରେ ଏହି ସମ୍ମାନଜନକ ଟ୍ରଫି ଜିତିବା ଲାଗି କେନ୍ଦ୍ରାଞ୍ଚଳ ନିକଟରେ ସୁବର୍ଣ୍ଣ ସୁଯୋଗ ରହିଛି। ଶେଷଥର ଲାଗି କେନ୍ଦ୍ରାଞ୍ଚଳ ୨୦୧୪-୧୫ ସିଜନରେ ଦୁଲୀପ୍ ଟ୍ରଫି ବିଜୟୀ ହୋଇଥିଲା। ୩୬୨ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଦକ୍ଷିଣାଞ୍ଚଳ ଶନିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୨ ୱିକେଟ୍‌ରେ ୧୨୯ ରନ କରିଥିଲା। ରବିବାର ଚତୁର୍ଥ ଦିବସରେ ଦକ୍ଷିଣାଞ୍ଚଳର ବ୍ୟାଟର୍‌ମାନେ ମିଳିତ ଭାବେ ଲଢ଼ୁଆ ପ୍ରଦର୍ଶନ କରିବାରୁ ଦଳ ୪୨୬ ରନର ଏକ ସମ୍ମାନଜନକ ସ୍କୋର କରିପାରିଥିଲା। ଫଳରେ କେନ୍ଦ୍ରାଞ୍ଚଳ ଆଗରେ ୬୫ ରନର ଛୋଟିଆ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଦ୍ୱିତୀୟ ପାଳିରେ ଦକ୍ଷିଣାଞ୍ଚଳ ପକ୍ଷରୁ ଅଙ୍କିତ ଶର୍ମା ୯୯, ଆନ୍ଦ୍ରେ ସିଦ୍ଧାର୍ଥ ୮୪, ସ୍ମରଣ ରବିଚନ୍ଦ୍ରନ ୬୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପୂର୍ବରୁ ଏହି ମ୍ୟାଚରେ ଦକ୍ଷିଣାଞ୍ଚଳ ପ୍ରଥମ ପାଳିରେ ୧୪୯ ଓ କେନ୍ଦ୍ରାଞ୍ଚଳ ୫୧୧ ରନ କରିଥିଲା।

## ଡେଭିସ୍ କପ୍ ମୁଖ୍ୟ ଡ୍ର'ରେ ଭାରତ

ନୂଆଦିଲ୍ଲୀ,୧୪।୯ (ଏଜେନ୍ସି): ସ୍ୱିଜରଲାଣ୍ଡକୁ ୩-୧ ରେ ପରାସ୍ତ କରି ଭାରତ ୱାର୍ଲ୍ଡ ଗ୍ରୁପ୍-୧ ଡେଭିସ୍ କପ୍ ମୁକାବିଲା ଲାଗି ଯୋଗ୍ୟତା ଅର୍ଜନ କରିଛି। ଏହା ଫଳରେ ଭାରତ ବିଦେଶ ମାଟିରେ ୧୯୯୩ ପରେ ପ୍ରଥମଥର କୌଣସି ୟୁରୋପୀୟ ଦେଶକୁ ପରାସ୍ତ କରିବାର ଗୌରବ ଲାଭ କରିଛି। ୧୯୯୩ କ୍ୱାର୍ଟର ଫାଇନାଲରେ ଫ୍ରାନ୍ସକୁ ଶେଷଥର ଲାଗି ବିଦେଶ ମାଟିରେ ପରାସ୍ତ କରିଥିଲା। ସେହିପରି କୌଣସି ୟୁରୋପୀୟ ଦଳକୁ ଯଥା ଡେନ୍‌ମାର୍କକୁ ୨୦୨୨ ଦିଲ୍ଲୀରେ ହରାଇଥିଲା।

## ସୁଟିଂ ବିଶ୍ୱକପ୍‌ରେ ଭାରତ ୫ମ



ନିନ୍‌ବୋ,୧୪।୯ (ଏଜେନ୍ସି): ଭାରତର ମେଘନା ସାଜନର ଚୀନର ନିନ୍‌ବୋରେ ଚାଲିଥିବା ବର୍ଷର ଶେଷ ଟୁର୍ଣ୍ଣାମେଣ୍ଟ ବା ଆଇଏସ୍‌ଏସ୍‌ଏଫ୍ ସୁଟିଂ ବିଶ୍ୱକପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଗତକାଲି ଇଶା ସିଂ ସ୍ୱର୍ଣ୍ଣପଦକ ଜିତିଥିଲାବେଳେ ଭାରତ ଏହି ପ୍ରତିଯୋଗିତାରେ ୫ମ ସ୍ଥାନ ଅଧିକାର କରିଛି। ୩ ସ୍ୱର୍ଣ୍ଣ ସହ ଚୀନ୍ ପ୍ରଥମ ଓ ୨ ସ୍ୱର୍ଣ୍ଣ ସହ ନରୱେ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ପ୍ରତିଯୋଗିତାରେ ୧୦ଟି ଇଭେଣ୍ଟରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

## ସ୍କୁଲ ଚେସ୍‌ରେ ଶିବମ୍ ବିଜେତା



ଭୁବନେଶ୍ୱର,୧୪।୯ (ସମିସ): ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ର ଜେଭି ଶିବମ ସ୍ୱିଗ୍ମା ଏକାଡେମୀ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ସ୍କୁଲ ଓପନ ଚେସ୍ ପ୍ରତିଯୋଗିତାରେ ବିଜେତା ହୋଇଛନ୍ତି। ସେ ଗୋଟିଏ ଦିନରେ ଖେଳାଯାଇଥିବା ୫ ରାଉଣ୍ଡ ବିଶିଷ୍ଟ ଖେଳରେ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କଟକର ସତ୍ୟମ ସ୍ୱରୂପ ସାହୁ ରନର୍ସ ଅପ୍, ପଟିଆର ଦିବ୍ୟାଂଶୁ ପଶାୟତ ତୃତୀୟ, ଭୁବନେଶ୍ୱର କେଭି ନଂ-୧ର ସ୍ୱସ୍ତିକ ତ୍ରିପାଠୀ ଚତୁର୍ଥ ଓ ଆୟୋଜକ ଚନ୍ଦ୍ରଶେଖରପୁର ଡିଏଭିର ଆଶୁତୋଷ ଅରୁଣ ଦାସ ୫ମ ସ୍ଥାନ ଅଧିକାର କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜକ ସ୍ୱିଗ୍ମା ଏକାଡେମୀର ଏମ୍‌ଡି ବିଚିତ୍ରା ରଥ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଓ ମନୋଜ କୁମାର ବେହେରା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏକାଡେମୀ ପକ୍ଷରୁ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ୱାର୍ଲ୍ଡ ବକ୍ସିଂ ଚାମ୍ପିଅନସିପ୍

## ଭାରତର ଜୟସ୍ମିନ, ମିନାକ୍ଷୀଙ୍କୁ ସ୍ୱର୍ଣ୍ଣ





ନୂଆଦିଲ୍ଲୀ,୧୪।୯ (ଏଜେନ୍ସି): ଇଂଲଣ୍ଡର ଲିଭରପୁଲଠାରେ ଶେଷ ହୋଇଥିବା ୱାର୍ଲ୍ଡ ବକ୍ସିଂ ଚାମ୍ପିଅନସିପ୍‌ରେ ଭାରତର ଦୁଇ ମହିଳା ପ୍ରତିଯୋଗୀ ଜୟସ୍ମିନ୍ ଲାମ୍ବୋରିଆ ଓ ମିନାକ୍ଷୀ ହୁଡା ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଏମାନେ ଭାରତର ପ୍ରଥମ ଦୁଇ ମହିଳା ଯିଏକି ଚଳିତ ୱାର୍ଲ୍ଡ ବକ୍ସିଂ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ହେବାରେ ଗୌରବ ଲାଭ କରିଛନ୍ତି। ଏହି ପ୍ରତିଯୋଗିତାରେ ଭାରତର ଆଉ ଦୁଇ ଜଣ ମହିଳା ପ୍ରତିଯୋଗୀ ନୁପୁର ରୌପ୍ୟ ଓ ପୂଜା ରାଣୀ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏହା ଫଳରେ ଭାରତ ଏହି ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ସହ ମୋଟ ୪ଟି ପଦକ ଜିତି ସମ୍ମାନର ସହ ସ୍ୱଦେଶ ଫେରିଛି। କିନ୍ତୁ ପ୍ରଥମଥର ଲାଗି ପୁରୁଷ ବକ୍ସରମାନେ ଗୋଟିଏ ହେଲେ ପଦକ ଜିତିବାକୁ ସମର୍ଥ ହୋଇନାହାନ୍ତି।

ଶନିବାର ରାତି ଥିଲା ଭାରତୀୟ ମହିଳା ବକ୍ସିଂ ଲାଗି ଇତିହାସର ଦିନ। ଏହି ଦିନ ମହିଳା ୫୭ କିଲୋଗ୍ରାମ ଲଢ଼େଇରେ ଜୟସ୍ମିନ୍ ଅଲିମ୍ପିକ ରୌପ୍ୟ ପଦକ ବିଜେତା ପୋଲାଣ୍ଡର ଯୁଲିଆ ଜେରେମେଟାଙ୍କୁ ପରାସ୍ତ କରି ପ୍ରଥମଥର ଲାଗି ସ୍ୱର୍ଣ୍ଣପଦକ ଜିତିବା ସହ ଇତିହାସ ସୃଷ୍ଟି କରିଥିଲେ। ଏହା ପରେ ମହିଳା ୮୦ କେଜିରୁ ଉଦ୍ଧ୍ୱର୍ ବିଭାଗ ଫାଇନାଲରେ ନୁପୁର ହାରିଯିବାରୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ରବିବାର ପ୍ରତିଯୋଗିତାର ଶେଷ ଦିନରେ ମିନାକ୍ଷୀ ୪୮ କିଲୋଗ୍ରାମ୍ ଶ୍ରେଣୀରେ ସ୍ୱର୍ଣ୍ଣପଦକ ଜିତି ଭାରତର ଗୌରବକୁ ଆହୁରି ବଢ଼ାଇଦେଇଥିଲେ। ଫାଇନାଲରେ ସେ କାଜାକସ୍ତାନର ନାଜିମ କିଜେବେଙ୍କୁ ୪-୧ରେ ପରାସ୍ତ କରିଥିଲେ। ଜୟସ୍ମିନ୍ ମଧ୍ୟ ୪-୧ ବ୍ୟବଧାନରେ ଜିତିଥିଲେ। ୨୦୨୨ ଏସିଆନ୍ ଚାମ୍ପିଅନସିପ୍‌ରେ ମିନାକ୍ଷୀ ରୌପ୍ୟ ପଦକ ଜିତିଥିଲେ। ଉଭୟ ଜୟସ୍ମିନ୍ ଓ ମିନାକ୍ଷୀ ହରିଆଣାର ବାସିନ୍ଦା। ଜୟସ୍ମିନ୍ ଜଣେ ବକ୍ସିଂ ପରିବାରୀରୁ ଆସିଥିଲାବେଳେ ମିନାକ୍ଷୀ ଜଣେ ଅଟୋ ଡ୍ରାଇଭରଙ୍କ ଝିଅ। ଏମାନଙ୍କ ସଫଳତା ଭାରତର ମହିଳା ବକ୍ସିଂକୁ ଆଉ ପାଦେ ଆଗେଇ ନେବାରେ ସହାୟତା କରିବ। ଏମାନଙ୍କ ପୂର୍ବରୁ ଭାରତର ମେରୀ କମ୍ ୬ଥର, ନିଖତ ଜରିନ୍ ୨ଥର, ସରିତା ଦେବୀ, ଜେନି ଆର୍‌ଏଲ୍, ନୀତୁ ଘାଙ୍ଗାସ, ଲଭଲିନା ବୋରୋଗୋହାଇଁ ଓ ସ୍ୱିଟି ବୋରା ଥରେ ଲେଖାଏଁ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି।

**ମହିଳା ଦିନିକିଆ ସିରିଜ୍**

## ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆଠୁ ହାରିଲା ଭାରତ

ଚଣ୍ଡିଗଡ଼, ୧୪।୯ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ବିପକ୍ଷରେ ରବିବାରଠାରୁ ଏଠାରେ ଆରମ୍ଭ ହୋଇଥିବା ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ଭାରତ ପରାସ୍ତ ହୋଇଛି। ଭାରତୀୟ ମହିଳା କ୍ରିକେଟ୍ ଦଳ ଏହି ମ୍ୟାଚକୁ ୮ ୱିକେଟ୍‌ରେ ହାରିଯାଇଥିଲା। ଭାରତ ପକ୍ଷରୁ ଧାର୍ଯ୍ୟ ୨୮୧ ରନର ବଡ଼ ଲକ୍ଷ୍ୟକୁ ଅଷ୍ଟ୍ରେଲିଆ ୪୪.୧ ଓଭରରେ ୨ ୱିକେଟ୍ ହରାଇ ହାସଲ କରିନେଇଥିଲା। ବିଜୟୀ ଅଷ୍ଟ୍ରେଲିଆ ମହିଳା ଦଳ ପକ୍ଷରୁ ଓପନର୍ ଫୋଏବ ଲିଚଫିଲ୍ଡ (୮୮ ରନ), ବେଥ୍ ମୁନୀ (୭୭) ଓ ଆନାବେଲ୍ ସଦରଲାଣ୍ଡ (୫୪) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଭାରତୀୟ ଖେଳାଳିମାନେ ଦୁର୍ବଳ ଫିଲ୍ଡିଂ କରି ଏକାଧିକ କ୍ୟାଚ୍ ହାତଛଡ଼ା କରିବା ମହଙ୍ଗା ପଡ଼ିଥିଲା। ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ମହିଳା ଦଳ ସମସ୍ତ ବ୍ୟାଟର୍‌ଙ୍କ ଉପଯୋଗୀ ପାଳି ଯୋଗୁ ୫୦ ଓଭରରେ ୭ ୱିକେଟ୍ ହରାଇ ୨୮୧ ରନ କରିଥିଲା। ବ୍ୟାଟିଂକ୍ରମର ପ୍ରଥମ ୩ଜଣ ବ୍ୟାଟର୍ ପ୍ରତୀକା ରାୱଲ ୬୪, ସ୍ମୃତି ମନ୍ଧାନା ୫୮ ଓ ହର୍ଲିନ ଦେଓଲ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପରାଜୟ ସହ ଭାରତ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ପଛୁଆ ରହିଛି। ଦ୍ୱିତୀୟ ମ୍ୟାଚ୍ ବୁଧବାର ଖେଳାଯିବ।



### ମନ୍ଧାନାଙ୍କ ୧୫୦ତମ ମ୍ୟାଚ୍

୧- ମନ୍ଧାନାଙ୍କ ଏହା ୧୫୦ତମ ମ୍ୟାଚ୍ ଥିଲା। ମିତାଲି ରାଜ (୨୩୨ଟି) ଓ ଝୁଲଣ ଗୋସ୍ୱାମୀ (୨୦୪)ଙ୍କ ପରେ ୩ୟ ଭାରତୀୟ ଭାବେ ସେ ୧୫୦ ଦିନିକିଆ ମ୍ୟାଚ୍ ଖେଳିବା କ୍ଲବରେ ସାମିଲ ହୋଇଛନ୍ତି।
୨- ମନ୍ଧାନା ଓ ପ୍ରତିକା ଓପନିଂ ୱିକେଟ୍‌ରେ ୧୧୪ ରନ ସଂଗ୍ରହ କରିଥିଲେ। ଦିନିକିଆରେ ଏହି ଯୋଡ଼ି ୫ମଥର ଲାଗି ଶତକୀୟ ଭାଗୀଦାରି ଗଢ଼ିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଥମ ୱିକେଟ୍‌ରେ ମଧ୍ୟ ଏହା ଭାରତର ସର୍ବାଧିକ ଭାଗୀଦାରି।
୩- ଦିନିକିଆ କ୍ରିକେଟ୍‌ରେ ୬ଷ୍ଠଥର ଲାଗି ଭାରତର ପ୍ରଥମ ୩ଜଣ ଖେଳାଳି ଅର୍ଦ୍ଧଶତକ ହାସଲ କରିଛନ୍ତି।

## ହଂକଂ ଓପନ୍‌ରେ ଭାରତକୁ ୨ ରୌପ୍ୟ

**ଫାଇନାଲ୍‌ରେ ନିରାଶ କଲେ ଲକ୍ଷ୍ୟ, ସାତ୍ତ୍ୱିକ-ଚିରାଗ**





ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି): ପାଞ୍ଚଲକ୍ଷ ଡଲାର ପୁରସ୍କାର ରାଶିବିଶିଷ୍ଟ ହଂକଂ ଓପନ୍ ବ୍ୟାଡ଼ମିଣ୍ଟନରେ ଭାରତ ଦୁଇଟି ରୌପ୍ୟ ପଦକ ବିଜୟୀ ହୋଇଛି। ପୁରୁଷ ସିଙ୍ଗଲ୍ସରେ ଲକ୍ଷ୍ୟ ସେନ୍ ଏବଂ ଡବଲ୍ସରେ ସାତ୍ତ୍ୱିକସାଇରାଜନ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ଫାଇନାଲରେ ପରାସ୍ତ ହୋଇ ସ୍ୱର୍ଣ୍ଣିମ ସଫଳତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଫାଇନାଲରେ ଲକ୍ଷ୍ୟ ୧୫-୨୧, ୧୨-୨୧ ସିଧାସଳଖ ଗେମରେ ଚୀନର ଲି ଶି ଫେଙ୍ଗ୍‌ଙ୍କ ନିକଟରୁ ହାରି ରନର୍ସଅପ୍ ହୋଇଥିଲେ। ଚଳିତ ବର୍ଷ ଲକ୍ଷ୍ୟଙ୍କ ଏହା ପ୍ରଥମ ଫାଇନାଲ ଥିଲା। ସେହିଭଳି ପୁରୁଷ ଡବଲ୍ସ ଫାଇନାଲରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ୨୧-୧୯, ୧୪-୨୧, ୧୭-୨୧ରେ ଚୀନର ଲିଆଙ୍ଗ୍ ୱି କେଙ୍ଗ୍ ଓ ୱାଙ୍ଗ୍ ଚାଙ୍ଗ୍ ଯୋଡ଼ିଙ୍କଠାରୁ ହାରିଯାଇଥିଲେ। ଏଥିପୂର୍ବରୁ ସାତ୍ତ୍ୱିକ-ଚିରାଗ ଯୋଡ଼ି ନିକଟରେ ବିଶ୍ୱ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ।

## ଏସିଆ କପ୍ ମହିଳା ହକିରେ ଭାରତ ରନର୍ସଅପ୍

ହାଙ୍ଗଝୋଉ, ୧୪।୯ (ଏଜେନ୍ସି)



ମହିଳା ଏସିଆ କପ୍ ହକିର ଏକାଦଶ ସଂସ୍କରଣରେ ଆୟୋଜକ ଚୀନ ଚାମ୍ପିଅନ ହୋଇଛି। ରବିବାର ଖେଳାଯାଇଥିବା ଏକତରଫା ଫାଇନାଲରେ ଭାରତୀୟ ମହିଳା ଦଳ ୧-୪ ଗୋଲ୍‌ରେ ଚୀନ ନିକଟରୁ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛି। ଚାମ୍ପିଅନ ସହ ଚୀନ ଆସନ୍ତାବର୍ଷ ବେଲ୍‌ଜିୟମ ଓ ନେଦରଲାଣ୍ଡସରେ ମିଳିତ ଭାବେ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଛି। ସପ୍ତମ ଦେଶ ଭାବେ ଚୀନ ଆଗାମୀ ମହିଳା ହକି ବିଶ୍ୱକପ୍ ଟିକଟ୍ ହାସଲ କରିଛି।

ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚର ପ୍ରଥମ ମିନିଟ୍‌ରେ ହିଁ ଭାରତ ଗୋଲ୍ ଦେବାରେ ସଫଳ ହୋଇଥିଲା। ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତରିତ କରି ନବନୀତ୍ କୌର ଭାରତକୁ ପ୍ରଥମ କ୍ୱାର୍ଟରରେ ୧-୦ରେ ଆଗୁଆ କରାଇଥିଲେ। ନିଜର ୨୦୦ତମ ମ୍ୟାଚରେ ଗୋଲ୍ ଦେଇ ନବନୀତ୍ ଏହାକୁ ଆହୁରି ସ୍ମରଣୀୟ କରିଥିଲେ। ଏହାପରେ କିନ୍ତୁ ଘରୋଇ ଚୀନ ଖେଳାଳିମାନେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲେ। ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟରରେ ଗୋଟିଏ ଲେଖାଏ ଏବଂ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ଦୁଇଟି ଗୋଲ୍ ଦେଇ ଚୀନ ମ୍ୟାଚକୁ ୪-୧ ଗୋଲ୍‌ରେ ଜିତି ଏସିଆ କପ୍ ଟ୍ରଫି ହାତେଇନେଇଥିଲା। ଉଲ୍ଲେଖଯୋଗ୍ୟ, ନିକଟରେ ବିହାରରେ ଶେଷ ହୋଇଥିବା ପୁରୁଷ ଏସିଆ କପ୍ ହକିରେ ଭାରତ ୪-୧ ଗୋଲ୍‌ରେ ଦକ୍ଷିଣ କୋରିଆକୁ ହରାଇ ଚାମ୍ପିଅନ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS